ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଗୁରୁବାର, ମେ ୨୨/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, May 22/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 176 | ମୂଲ୍ୟ ₹୭/-





**ବିବାଦରେ 'ହେରାଫେରି ୩'**

'ହେରାଫେରି ୩' ଫିଲ୍ମକୁ ନେଇ ଅଭିନେତା ଅକ୍ଷୟ କୁମାର ଓ ପରେଶ ରାଓ୍ୱଲଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। **୧୧**

**୧୬** **ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ**

ଆଇପିଏଲ୍‌ରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ମୁମ୍ବାଇ ଇଣ୍ଡିଆନ୍ସକୁ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଛନ୍ତି ସୂର୍ଯ୍ୟକୁମାର ଯାଦବ।






ଯୁକ୍ତ ୨ ପରୀକ୍ଷାଫଳ ବୁଧବାର ଅପରାହ୍ଣରେ ପ୍ରକାଶ ପାଇବା ପରେ କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରି ସ୍କୁଲ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

# ଯୁକ୍ତ ୨ ପାସ୍ ହାର ୮୨.୭୭%

## ବିଜ୍ଞାନ, ବାଣିଜ୍ୟରେ ନୟାଗଡ଼, କଳାରେ ବରଗଡ଼, ଧନ୍ଦାମୂଳକରେ ବାଲେଶ୍ୱର ଜିଲାର ଶ୍ରେଷ୍ଠ ପ୍ରଦର୍ଶନ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଅପରାହ୍ଣ ୪ଟା ୨୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରିଷଦର ମୁଖ୍ୟ କାର୍ଯ୍ୟାଳୟଠାରେ ଫଳ ଘୋଷଣା କରିଛନ୍ତି। ଚଳିତବର୍ଷ ଏକାସଙ୍ଗେ ୪ ବିଭାଗର ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ ପାସ୍ ହାର ୮୨.୭୭% ରହିଛି। ବିଜ୍ଞାନରେ ୮୭.୪୯% ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ବାଣିଜ୍ୟରେ ପାସ୍ ହାର ୮୩.୦୨%, କଳାରେ ୮୦.୫୧% ଏବଂ ଧନ୍ଦାମୂଳକରେ ୬୦.୫୭% ରହିଛି। ବିଜ୍ଞାନ ଓ ବାଣିଜ୍ୟରେ ନୟାଗଡ଼ ଜିଲାର ଛାତ୍ରୀଛାତ୍ର ଶ୍ରେଷ୍ଠ ପ୍ରଦର୍ଶନ କରିଥିବାବେଳେ କଳାରେ ବରଗଡ଼, ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲାଗୁଡ଼ିକ ମଧ୍ୟରେ ଶୀର୍ଷରେ ରହିଛି।

ଭୁବନେଶ୍ୱର,୨୧।୫(ସୁଚିସ୍ମିତା ସାହୁ)

ଗତବର୍ଷ ତୁଳନାରେ ଚଳିତବର୍ଷ ବିଜ୍ଞାନ ଓ ବାଣିଜ୍ୟରେ ସାମାନ୍ୟ ପାସ୍ ହାର ବୃଦ୍ଧି ପାଇଥିବା ବେଳେ କଳା ଓ ଧନ୍ଦାମୂଳକରେ ପାସ୍ ହାର କମିଛି। ଗତବର୍ଷ ବିଜ୍ଞାନରେ ୮୬.୯୩% ପିଲା ପାସ୍ କରିଥିବାବେଳେ ବାଣିଜ୍ୟରେ ୮୨.୨୭%, କଳାରେ ୮୦.୯୫% ଏବଂ ଧନ୍ଦାମୂଳକରେ ପାସ୍ ହାର ୬୮.୦୨% ରହିଥିଲା। ସେହିପରି ଚଳିତବର୍ଷ ରାଜ୍ୟରେ ନୟାଗଡ ଜିଲାରେ ଉଭୟ ବିଜ୍ଞାନ (୯୭.୫୮%) ଓ ବାଣିଜ୍ୟରେ (୯୩.୭୧%) ପାସ୍ ହାର ସର୍ବାଧିକ ରହିଛି। କଳାରେ ବରଗଡ ଜିଲା ଏବଂ ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲାରେ ସର୍ବାଧିକ ପାସ୍ ହାର ରହିଛି। ଅନ୍ୟପଟେ ବୌଦ୍ଧ ଜିଲାରେ ବିଜ୍ଞାନରେ ସର୍ବନିମ୍ନ ୭୧.୮୫% ପାସ୍ ହାର ରହିଥିବା ବେଳେ

**ଧନ୍ଦାମୂଳକ ପାସ୍ ହାର ୭.୪୫% କମିଲା: ମାଲକାନଗିରିରେ ଶୂନ ରେଜଲ୍ଟ**

ବଲାଙ୍ଗୀରରେ ବାଣିଜ୍ୟରେ ସର୍ବନିମ୍ନ ୬୯.୧୯%, ନବରଙ୍ଗପୁରରେ କଳାରେ ସର୍ବନିମ୍ନ ୬୮.୧୩% ଓ ଧନ୍ଦାମୂଳକରେ ସର୍ବନିମ୍ନ ମାଲକାନାଗିରିରେ ଶୂନ ପ୍ରତିଶତ ଅର୍ଥାତ୍ କେହି ପାସ୍ କରିହାନ୍ତି। ରାଜ୍ୟରେ ୨୨୮୨ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏମାନଙ୍କ ମଧ୍ୟରୁ କଳାରେ ୧୭୧ଜଣ, ବାଣିଜ୍ୟରେ ୨୦୪, ବିଜ୍ଞାନରେ ୧୯୦୬ ଏବଂ ଧନ୍ଦାମୂଳକରେ ଜଣେ ପିଲା ରହିଛନ୍ତି।

ପରୀକ୍ଷାର୍ଥୀମାନେ www.orissaresults.nic.in ଏବଂ https://result.digilocker.gov.inରେ ପରୀକ୍ଷାଫଳ ଜାଣିବା ସହ ମାର୍କଶିଟ୍ ଡାଉନ୍‌ଲୋଡ କରିପାରିବେ। ଏଥିସହ ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମ୍ସ ଇ-ସ୍ପେଶ୍‌ରେ ମଧ୍ୟ ଉପଲବ୍ଧ ହେଉଛି। ତେବେ ଏଥିରେ କୌଣସି ସମସ୍ୟା ଦେଖାଦେଲେ ୦୬୭୪-୨୩୦୦୯୦୭ ନମ୍ବରରେ କଲ୍ କରି ଆବଶ୍ୟକ ସୂଚନା ପାଇପାରିବେ ବୋଲି ସୂଚନା ପରିଷଦ ପକ୍ଷରୁ କୁହାଯାଇଛି। ଫଳ ଘୋଷଣା ଅବସରରେ ମନ୍ତ୍ରୀଙ୍କ ସହ ଗଣଶିକ୍ଷା ବିଭାଗର ସଚିବ ଶାଳିନୀ ପଣ୍ଡିତ, ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ନିର୍ଦ୍ଦେଶକ ରଘୁରାମ ଆର୍.ଆୟର, ସଚିବ ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। (ଅଧିକ ଖବର: ପୃଷ୍ଠା-୩)

# ବାସଭାରାଜୁଙ୍କ ସମେତ ୩୦ ମାଓବାଦୀ ନିହତ

**ବସ୍ତର ଜଙ୍ଗଲରେ ବଡ଼ ଏନ୍‌କାଉଣ୍ଟର**

- **ନକ୍ସଲ ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଗଲା: ଶାହା**

କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ଲାଲ ଆତଙ୍କରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଛତିଶଗଡ଼ ପୋଲିସ ଏ ଦିଗରେ ତତ୍ପରତାର ସହ ରଣନୈତିକ କାର୍ଯ୍ୟାନୁଷ୍ଠାନ ନେଉଛି। ଏହି କ୍ରମରେ ବସ୍ତର ଅଞ୍ଚଳର ଘଞ୍ଚ ଜଙ୍ଗଲରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଅନ୍ୟୂନ ୩୦ ମାଓବାଦୀ ନିହତ ଓ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ୭୨ ଘଣ୍ଟା ଧରି ଚାଲିଥିବା ଏହି ଏନ୍‌କାଉଣ୍ଟର ବେଳେ ଦୁର୍ଦ୍ଧାନ୍ତ ମାଓବାଦୀ ନେତା ବାସଭାରାଜୁ ପ୍ରାଣ ହରାଇଥିବା ପୋଲିସ ଦାବି କରିଛି। ଗୁଳି ବିନିମୟ ବେଳେ ରାଜ୍ୟ ପୋଲିସ ଅଧୀନ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି)ର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଛି।



ବାସଭାରାଜୁ

ନାରାୟଣପୁର(ପି.ଟି.)/ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର),୨୧।୫

ଛତିଗଡ଼ ବସ୍ତର ଅଞ୍ଚଳର ନାରାୟଣପୁର ଜିଲା ଅବୁଜମାଡ଼ ଜଙ୍ଗଲରେ ମାଓବାଦୀ ସଙ୍ଗଠନର ସେଣ୍ଟ୍ରାଲ କମିଟି ଓ ପଲିଟ୍‌ବ୍ୟୁରୋ ସଦସ୍ୟଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ୨ ଦିନ ତଳେ ନାରାୟଣପୁର-ବିଜାପୁର-ଦାନ୍ତେୱାଡ଼ା ଜିଲା ସୀମାନ୍ତରେ ପୋଲିସ ଓ ଡିଆର୍‌ଜି ପକ୍ଷରୁ ମିଳିତ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ତଲାସି ଚାଲିଥିବାବେଳେ ମାଓବାଦୀମାନେ ପ୍ରଥମେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇଥିଲେ। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ୩୦ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ଗୁଳିମାଡ଼ରେ ଜଣେ ଡିଆର୍‌ଜି ସଦସ୍ୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଚ୍ଚ ଅପରେଶନ୍ ଏବେ ମଧ୍ୟ ଜାରି ରହିଛି। ଛତିଶଗଡ଼ ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି, ମୃତ ମାଓବାଦୀଙ୍କ ମଧ୍ୟରେ କେତେଜଣ ବରିଷ୍ଠ ନେତା ରହିଛନ୍ତି। ଏହାକୁ ମିଶାଇ ଚଳିତବର୍ଷ ୨୦୦ ମାଓବାଦୀ ଏନ୍‌କାଉଣ୍ଟରରେ ନିପାତ ହେଲେଣି। ସେମାନଙ୍କ ମଧ୍ୟରୁ ୧୮୩ ଜଣ କେବଳ ବସ୍ତର ଡିଭିଜନରେ ପ୍ରାଣ ହରାଇଛନ୍ତି। ୭୨ ଘଣ୍ଟା ଧରି ଅପରେଶନ ଚାଲିଥିବାବେଳେ ବୁଧବାର ସକାଳେ ଛତିଶଗଡ଼ ପୋଲିସକୁ ବଡ଼ ସଫଳତା ମିଳିଛି। ସିପିଆଇ ମାଓଇଷ୍ଟ ସାଧାରଣ ସମ୍ପାଦକ ନମ୍ବଲା କେଶବ ରାଓ ଓରଫ୍ ବାସଭାରାଜୁ ପୋଲିସ ଗୁଳିରେ ଟଳିପଡ଼ିଛନ୍ତି। ଫଳରେ ମାଓବାଦୀ ସଙ୍ଗଠନ ଏବେ ମୁରବିବିହୀନ ହୋଇଯାଇଛି ବୋଲି ଜଣେ ବରିଷ୍ଠ ଗୋଇନ୍ଦା ଅଧିକାରୀ ସୂଚନା ଦେଇଛନ୍ତି। ଜଣେ ବରିଷ୍ଠ ଏସ୍‌ପି କହିଛନ୍ତି, ପୂର୍ବରୁ ଆତ୍ମସମର୍ପଣ କରିଥିବା କ୍ୟାଡରମାନେ ବାସଭାରାଜୁଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି। ଆବଶ୍ୟକ ହେଲେ ତାଙ୍କ ଡିଏନ୍‌ଏ ପରୀକ୍ଷା କରାଯିବ। (ଅଧିକ ଖବର: ପୃଷ୍ଠା-୪)

**ଆଜିର ସମ୍ପାଦକୀୟ** | ସମୃଦ୍ଧିର ଦର୍ଶନ

# ବାନୁ ମୁସ୍ତାକଙ୍କୁ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍

ଲଣ୍ଡନ,୨୧।୫ (ପି.ଟି.)

ଲେଖିକା, ଆକ୍ଟିଭିଷ୍ଟ ତଥା ଆଇନଜୀବୀ ବାନୁ ମୁସ୍ତାକ ତାଙ୍କ କ୍ଷୁଦ୍ରଗଳ୍ପ ସଂକଳନ 'ହାର୍ଟ ଲ୍ୟାମ୍ପ' (ହୃଦୟ ଦୀପ) ପାଇଁ ଚଳିତ ବର୍ଷର ସମ୍ମାନଜନକ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ପାଇଛନ୍ତି। ଏହି ପୁରସ୍କାର ଜିତିବାରେ ହାର୍ଟ ଲ୍ୟାମ୍ପ ପ୍ରଥମ କନ୍ନଡ଼ ପୁସ୍ତକ। ଲଣ୍ଡନର ଟାଟେ ମଡର୍ନଠାରେ ଅନୁଷ୍ଠିତ ଉତ୍ସବରେ ବାନୁଙ୍କୁ ଏହି ପୁରସ୍କାର ବାବଦରେ ୫୦ ହଜାର ବ୍ରିଟିଶ ପାଉଣ୍ଡ (୫୭,୩୬,୯୬୦ ଟଙ୍କା) ପ୍ରଦାନ କରାଯାଇଛି। ମଙ୍ଗଳବାର ରାତିରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବାନୁଙ୍କ ସହ ପୁସ୍ତକର ଇଂଲିଶ୍ ଅନୁବାଦ କରିଥିବା ଦୀପା ଭସ୍ତି ମଞ୍ଚରେ ଉପସ୍ଥିତ ଥିଲେ। ଦୀପାଙ୍କ ସହ ବାନୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହା ବିବିଧତାର ବିଜୟ ବୋଲି ବାନୁ କହିଛନ୍ତି। ହାର୍ଟ ଲ୍ୟାମ୍ପ ୧୨ଟି କ୍ଷୁଦ୍ରଗଳ୍ପର ସଂକଳନ, ଯେଉଁଥିରେ ଦକ୍ଷିଣ ଭାରତର ପିତୃକୈନ୍ଦ୍ରିକ ସମ୍ପ୍ରଦାୟର ମହିଳାମାନଙ୍କ ଦୈନନ୍ଦିନ ଜୀବନର ନମ୍ରତା, ପ୍ରତିରୋଧତା, ବୁଦ୍ଧିମତ୍ତା ଓ ଭଗ୍ନିତ୍ୱ ପ୍ରତିପାଦିତ ହେବା ସହ ମୌଖିକ କାହାଣୀ କଥନର ଉନ୍ନତ ପରମ୍ପରା ଜରିଆରେ ଜୀବନରେ ଉଜ୍ଜ୍ୱଳତା ଅଣାଯାଇଛି। ବୁକର ପୁରସ୍କାର ଜିତିଥିବା କନ୍ନଡ଼ ଲେଖିକା ବାନୁଙ୍କୁ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଅଭିନନ୍ଦନ ଜଣାଇଛନ୍ତି।

୧୯୪୮ରେ କର୍ନାଟକର ହାସନଠାରେ ଏକ ମୁସଲମାନ ପରିବାରରେ ଜନ୍ମିତ ବାନୁ ମୁସ୍ତାକ ଜଣେ ଖ୍ୟାତନାମା ଲେଖିକା, ଆଇନଜୀବୀ ଓ ଆକ୍ଟିଭିଷ୍ଟ ହୋଇଥିବାବେଳେ ସେ କନ୍ନଡ ସମେତ ଉର୍ଦ୍ଦୁ, ହିନ୍ଦୀ, ତାମିଲ, ମାଲାୟାଲମ ଏବଂ ଇଂଲିଶ୍‌ରେ ଅନେକ ଲେଖା ଲେଖିଛନ୍ତି। ସେ ପୂର୍ବରୁ ଲଙ୍କେଶ ପତ୍ରିକେରେ ଖବରଦାତା ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଅଲ୍ ଇଣ୍ଡିଆ ରେଡିଓ ବେଙ୍ଗାଲୁରୁରେ ଯୋଗ ଦେଇଥିଲେ। ଛୋଟବେଳୁ ତାଙ୍କର ଲେଖାଲେଖି ପ୍ରତି ରୁଚି ରହିଥିଲା। ନିଜ ଅନୁଭୂତି ଓ ଅଭିଜ୍ଞତାକୁ ନେଇ ସେ ପ୍ରଥମେ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ଅଧିକାଂଶ ଲେଖା ନାରୀ ପ୍ରସଙ୍ଗ ଉପରେ ଆଧାରିତ। ତାଙ୍କର ୬ଟି କ୍ଷୁଦ୍ରଗଳ୍ପ ସଂକଳନ, ଉପନ୍ୟାସ, ପ୍ରବନ୍ଧ ଓ କବିତା ସଂକଳ୍ପ ପ୍ରକାଶିତ ହୋଇଛି। ତାଙ୍କର 'କାରି ଗାନାରାଗାଲୁ' ଗଳ୍ପ ଆଧାରରେ ୨୦୦୩ରେ ହାସିନା ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ସେ ୮୦ ଦଶକରୁ କର୍ନାଟକରେ ମୌଳବାଦ ଓ ସାମାଜିକ ଅନ୍ୟାୟ ବିରୋଧରେ କାର୍ଯ୍ୟ କରିଆସୁଛନ୍ତି। ସେ କର୍ନାଟକ ସାହିତ୍ୟ ଏକାଡେମୀ ପୁରସ୍କାର, ଦାନ ଚିନ୍ତାମଣି ଅତ୍ତିମାବେ ପୁରସ୍କାର, ପେନ୍ ଇଂଲିଶ ଟ୍ରାନ୍ସଲେଟ୍ ଆୱାର୍ଡ ଆଦି ପାଇଛନ୍ତି।




ପୁରସ୍କାର ସହ ଦୀପା ଭସ୍ତି ଓ ବାନୁ ମୁସ୍ତାକ

**ପଞ୍ଚାୟତ ଉପନିର୍ବାଚନ**

# ୨୪ ଘଣ୍ଟାରେ ଘୋଷଣା, ସ୍ଥଗିତ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ଉପନିର୍ବାଚନ ପାଇଁ ଘୋଷଣା ହେବାର ୨୪ ଘଣ୍ଟା ମଧ୍ୟରେ ତାହାକୁ ସ୍ଥଗିତ ରଖାଯାଇଛି। ସଅଳ ମୌସୁମୀ ଆସୁଥିବା କାରଣରୁ ରାଜ୍ୟ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାଇଛନ୍ତି। ୧,୧୩୧ ଖାଲି ପଦ ପାଇଁ ଆସନ୍ତା ଜୁନ୍ ୨୩ରେ ଉପନିର୍ବାଚନ ହେବା ସମ୍ପର୍କରେ ମଙ୍ଗଳବାର ଜାରି ହୋଇଥିବା ବିଜ୍ଞପ୍ତି ବୁଧବାର ସକାଳେ ସର୍ବସମ୍ମୁଖକୁ ଆସିଥିଲା। ହେଲେ ହଠାତ୍ ବୁଧବାର ଅପରାହ୍ଣରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ବର୍ଷାଋତୁ ପରେ ଏନେଇ ସାନି ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କମିଶନଙ୍କ ସଚିବ ସୂଚନା ଦେଇଛନ୍ତି।

ପ୍ରଥମେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଜୁନ୍ ୨୩ରେ ୪୩ ପଞ୍ଚାୟତରେ ଉପନିର୍ବାଚନ ହୋଇଥାନ୍ତା। ୩ ଜିଲାର ୫ ଜିଲା ପରିଷଦ ପାଇଁ ମଧ୍ୟ ଉପନିର୍ବାଚନ ହୋଇଥାନ୍ତା। ୨୧ ଜିଲାର ୪୦ ପଞ୍ଚାୟତ ସମିତି ସଭ୍ୟ ଓ ୨୭୨ ୱାର୍ଡସଭ୍ୟ ପାଇଁ ମଧ୍ୟ ଭୋଟ ପଡ଼ିଥାଆନ୍ତା। ଜୁନ୍ ୨୩ ତାରିଖରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଦିନ ୧ଟା ସରିଥାନ୍ତା। ଏଥିଲାଗି ଆସନ୍ତା ୨୬ରୁ ୩୧ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ କରିଥାଆନ୍ତେ। ଜୁନ୍ ୨୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା।

ହେଲେ ପରବର୍ତ୍ତୀ ସମୟରେ ଖବରଦାତା ସମ୍ମିଳନୀ ଜରିଆରେ ଏହାକୁ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇ କୁହାଯାଇଛି। ନିର୍ବାଚନ ପ୍ରକ୍ରିୟା ମେ' ୨୨ରୁ ଆରମ୍ଭ ହୋଇ ଜୁନ୍ ୨୫ରେ ଶେଷ ହୋଇଥାଆନ୍ତା। ହେଲେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥିବା ଜିଲା ଅଧିକାରୀମାନଙ୍କ ପାଖରୁ ଏବଂ ସର୍ବସାଧାରଣ ତଥା ଆଶାୟୀ ପ୍ରାର୍ଥୀ ସେମାନଙ୍କ ମତାମତ ରଖିଛନ୍ତି। ଏ ବର୍ଷ ମୌସୁମୀ ଅନ୍ୟ ବର୍ଷ ତୁଳନାରେ ଅଧିକ ସକ୍ରିୟ ହୋଇ ନିକଟ ଭବିଷ୍ୟତରେ ଓଡ଼ିଶାକୁ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ନିର୍ବାଚନ ପ୍ରକ୍ରିୟା ଉତ୍ତମ ଭାବେ ପରିଚାଳିତ ହେବ ନାହିଁ। ସର୍ବସାଧାରଣଙ୍କ ମତାମତ ଜାଣି ରାଜ୍ୟ ନିର୍ବାଚନ କମିଶନ ମୌସୁମୀଜନିତ ବର୍ଷା ଆଗମନର ଏକ ରିପୋର୍ଟ ପାଣିପାଗ ନିର୍ଦ୍ଦେଶାଳୟରୁ ମଗାଇଥିଲେ। ମୌସୁମୀଜନିତ ବର୍ଷା କେରଳକୁ ୩ରୁ ୪ ଦିନ ଭିତରେ ଛୁଇଁପାରେ। ତେଣୁ ରାଜ୍ୟ ନିର୍ବାଚନ ଆୟୋଗ ଏ ସମ୍ବନ୍ଧରେ ପୁନର୍ବିଚାର କରି ଉପନିର୍ବାଚନ ସ୍ଥଗିତ ରଖାଯାଇଛି।

# ୧୮,୨୦୦ ହେକ୍ଟର ଜଙ୍ଗଲ ହରାଇଛି ଭାରତ

## ଗ୍ଲୋବାଲ ଫରେଷ୍ଟ ୱାଚ୍ ୨୦୨୪ ରିପୋର୍ଟ

ନୂଆଦିଲ୍ଲୀ, ୨୧।୫ (ପି.ଟି.)

୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍ ଏବଂ ୟୁନିଭର୍ସିଟି ଅଫ୍ ମେରିଲାଣ୍ଡ ପକ୍ଷରୁ ଏ ସମ୍ପର୍କିତ କରାଯାଇଥିବା ଏକ ଅଧ୍ୟୟନର ରିପୋର୍ଟକୁ ବୁଧବାର ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩ରେ ଭାରତ ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟରର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଛି। ଏହି ଅବଧି ମଧ୍ୟରେ ଦେଶର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧% ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି ଏହି ରିପୋର୍ଟ କହିଛି। ୨୦୦୨ରୁ ୨୦୨୪ ମଧ୍ୟରେ ଦେଶ ୩ ଲକ୍ଷ ୪୮ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ମୋଟ ଆର୍ଦ୍ର ପ୍ରାକୃତିକ ଜଙ୍ଗଲର ୫.୪% ରହିଛି। ୨୦୧୯ରୁ ୨୦୨୪ ମଧ୍ୟରେ ଭାରତ ୧ ଲକ୍ଷ ୩ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ଉକ୍ତ ଅବଧିରେ ନଷ୍ଟ ହୋଇଥିବା ବୃକ୍ଷ ପରିବେଷ୍ଟିତ କ୍ଷେତ୍ରର ୧୪% ହୋଇଥିବା ରିପୋର୍ଟ କହିଛି। ୨୦୨୨ରେ ଦେଶ ୧୬,୯୦୦ ହେକ୍ଟର, ୨୦୨୧ରେ ୧୮,୩୦୦ ହେକ୍ଟର, ୨୦୨୦ରେ ୧୭,୦୦୦ ହେକ୍ଟର, ୨୦୧୯ରେ ୧୪,୫୦୦ ହେକ୍ଟରର ଆର୍ଦ୍ର ପ୍ରାଥମିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍‌ର ଗବେଷକମାନେ ଲ୍ୟାଣ୍ଡସାଟ୍ ସାଟେଲାଇଟ ଚିତ୍ର ଏବଂ ପ୍ରତ୍ୟେକ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଆଲଗୋରିଦମର ବ୍ୟବହାର କରି ଭାରତର ବିଭିନ୍ନ ଜଙ୍ଗଲକୁ ଚିହ୍ନଟ କରି ଏହି ଅଧ୍ୟୟନ କରିଛନ୍ତି।



# ସବୁଜିମା ରକ୍ଷା ଲାଗି ବୃକ୍ଷରୋପଣ

ଦେଶର ସର୍ବବୃହତ୍ ବିଷୁବ ମଣ୍ଡଳୀୟ ସଂରକ୍ଷିତ ଜଙ୍ଗଲ ଭାବେ ଶିମିଳିପାଳ ପ୍ରସିଦ୍ଧ। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଅମ୍ଳଜାନ କେନ୍ଦ୍ର। ୧୯୭୯ ଡିସେମ୍ବର ୩ରେ ଏହି ଅଞ୍ଚଳକୁ ରାଜ୍ୟ ସରକାର ପ୍ରସ୍ତାବିତ ଅଭୟାରଣ୍ୟ ରୂପେ ଗ୍ରହଣ କରିଥିଲେ। ୧୯୯୪ ଜୁନ୍ ୨୨ରେ ୟୁନେସ୍କୋର ମାନବ ଓ ଜୈବମଣ୍ଡଳ କାର୍ଯ୍ୟକ୍ରମ ଅଧୀନରେ ଏହାକୁ ଜୈବମଣ୍ଡଳର ମାନ୍ୟତା ପ୍ରଦାନ କରାଯାଇଛି। ଦୀର୍ଘ ୪୫ ବର୍ଷପରେ ୨୦୨୫ ଏପ୍ରିଲ ୨୪ରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଛି। ୧୯୮୦

## ଶିମିଳିପାଳ ଜୈବମଣ୍ଡଳ




ଅଗଷ୍ଟ ୬ରେ ଶିମିଳିପାଳର ୩୦୩ ବର୍ଗକି.ମି. ଅଞ୍ଚଳକୁ ଜାତୀୟ ଉଦ୍ୟାନ ଘୋଷଣା ପାଇଁ ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ୧୯୮୬ରେ ପରିସୀମା ବୃଦ୍ଧିକରି ୫୪୨.୭ ବର୍ଗକିମି ଅଞ୍ଚଳକୁ ନେଇ ପୁଣିଥରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜନବସତି ନ ଥିବା ୮୪୫ ବର୍ଗକି.ମି. ଅଞ୍ଚଳକୁ ବର୍ତ୍ତମାନ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି।

ଜୈବବିବିଧତାର ଅସୁମାରୀ ଭଣ୍ଡାର ଶିମିଳିପାଳରେ ରହିଛି। ଶାଳ, ପିଆଶାଳ, ଶିଶୁ, ଅସନ, ଶିମିଳି ଓ ଚମ୍ପା ଆଦି ୧୦୭୬ ପ୍ରକାରର ବୃକ୍ଷଲତା ଓ ୧୦୨ ପ୍ରକାରେ ଅର୍କିଡ୍ ପ୍ରଜାତି(ଚିତ୍ରଜାତୀୟ)ର ଫୁଲ, ୬୦୪ ପ୍ରକାର ଔଷଧୀୟ ବୃକ୍ଷ, ୪୫ ପ୍ରଜାତିର ସ୍ତନ୍ୟପାୟୀ, ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରଜାତିର ସରୀସୃପ ଓ ୨୦ ପ୍ରକାରର ଉଭୟଚର ପ୍ରାଣୀ ରହୁଥିବା ବେଳେ ଅସଂଖ୍ୟ ପ୍ରଜାତିର କୀଟପତଙ୍ଗ ଦେଖିବାକୁ ମିଳିଥାଏ। ଏପରିକି ୫୫ ପ୍ରକାରର ବିରଳ ବୃକ୍ଷ ଅଛି। ପ୍ରଚଣ୍ଡ ଶୀତ, ଗ୍ରୀଷ୍ମ ଓ ମୂଷଳ ବର୍ଷାର ଅନୁଭବ ମଧ୍ୟରେ ଜଳବାୟୁର ବିସ୍ମୟକର ବିବିଧତା ହିଁ ଶିମିଳିପାଳ ଜୈବମଣ୍ଡଳର ବିଶେଷତ୍ୱ। ଏକାଧାରରେ ଏହା ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ହସ୍ତୀ ଅଭୟାରଣ୍ୟ ଭାବେ ପରିଚିତ। ଶିମିଳିପାଳ ଜୈବମଣ୍ଡଳରେ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ବିଭିନ୍ନ ଚାରା ରୋପଣ କରାଯାଇ ଏହାର ଶୋଭାବର୍ଦ୍ଧନ କରାଯାଇଥାଏ।

ଏ ନେଇ ବାରିପଦା କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହନ୍ତି, ଗତବର୍ଷ ଜୁନ୍‌ରେ ୫ଟି ବନଖଣ୍ଡ ଅଧୀନରେ ପାଖାପାଖି ଲକ୍ଷେ ଚାରା ରୋପଣ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଅର୍ଦ୍ଧାଧିକ ଗଛ ଲଗାଇ ଜୈବମଣ୍ଡଳକୁ ସବୁଜିମାପୂର୍ଣ୍ଣ କରାଯିବା ଲାଗି ପ୍ରଚେଷ୍ଟା ଜାରୀ ରହିଛି।

**-ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା

# ପ୍ରକୃତି ସହିତ ସମନ୍ୱୟ ଓ ସ୍ଥାୟୀ ବିକାଶ

## ଏବର୍ଷର ଥିମ୍



ଆମ ପରିବେଶରେ ବଞ୍ଚି ରହିଥିବା ସମସ୍ତ ଜୀବଜନ୍ତୁ, ଗଛଲତା, କୀଟପତଙ୍ଗ ଓ ଅଣୁଜୀବଙ୍କ ଉପସ୍ଥିତି ଏବଂ ଅବସ୍ଥିତିକୁ ଜୈବ ବିବିଧତା କୁହାଯାଏ। ଜୀବମାନଙ୍କର ବିବିଧତାକୁ ବି ଜୈବବିବିଧତା କୁହନ୍ତି। ଜୈବ ବିବିଧତା ଦୁଇଟି ଶବ୍ଦ 'ଜୈବିକ' ଏବଂ 'ବିବିଧତା'ରୁ ଉତ୍ପନ୍ନ। ତେବେ ଜୈବ ବିବିଧତାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି, ଜୈବ ବିବିଧତାର କ୍ଷୟ ସମେତ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଧ୍ୟାନ ଦେବା ଲାଗି ମେ'୨୨ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ। ପ୍ରକୃତି ଏବଂ ମାନବ ଜୀବନ ମଧ୍ୟରେ ଏକ ସ୍ଥାୟୀ ସମ୍ପର୍କ ରହିଛି। ଆମର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ ଆମେ ସୁସ୍ଥ, ବିବିଧ ପ୍ରାକୃତିକ ପ୍ରଣାଳୀ ଉପରେ ନିର୍ଭର କରୁ। ପ୍ରକୃତି ଆମକୁ ସବୁକିଛି ଦେଇଛି, ଆମେ ପ୍ରକୃତିରୁ ଲାଭବାନ ହେଉଛେ। ତେଣୁ ନିଜକୁ ରକ୍ଷା କରିବା ପାଇଁ ପ୍ରକୃତି ସଂରକ୍ଷଣ କରିବା ଆବଶ୍ୟକ। ଏହା ମଧ୍ୟ ଏକ ଜରୁରୀ ଆବଶ୍ୟକତା।

ସୂଚନାଯୋଗ୍ୟ, ୧୯୯୨ରେ ବ୍ରାଜିଲର ରିଓ-ଡି-ଜେନେରିଓଠାରେ 'ପୃଥିବୀ ସମ୍ମିଳନୀ' ଭାବରେ ଜଣାଶୁଣା ମିଳିତ ଜାତିସଂଘର ପରିବେଶ ଏବଂ ବିକାଶ ସମ୍ମିଳନୀରେ ଯୋଗ ଦେଇଥିବା ନେତୃତ୍ୱମାନେ ନିରନ୍ତର ବିକାଶ ପାଇଁ ରଣନୀତି ଉପରେ ସହମତ ହୋଇଥିଲେ। ନିରନ୍ତର ବିକାଶ ହେଉଛି ବିଶ୍ୱର ଲୋକଙ୍କ ଆବଶ୍ୟକତା ପୂରଣ କରିବାର ମାଧ୍ୟମ ଏବଂ ଭବିଷ୍ୟତ ପିଢି ପାଇଁ ପୃଥିବୀକୁ ସୁସ୍ଥ ଓ ଜୀବିତ ରଖିବ। ପୃଥିବୀ ସମ୍ମିଳନୀରେ ସର୍ବୋଚ୍ଚ ଚୁକ୍ତିନାମା ମଧ୍ୟରୁ ଗୋଟିଏ ହେଲା ଜୈବ ବିବିଧତା ସମ୍ମିଳନୀ। ଏହି ସମ୍ମିଳନୀ ୧୯୯୩ ମସିହା ଡିସେମ୍ବର ୨୯ରେ ପ୍ରଥମ କରି କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ଏହି ଦିବସ ଡିସେମ୍ବର ୨୯ରେ ପାଳିତ ହେଲା। ତେବେ ୨୦୦୧ଠାରୁ ଏହି ଦିବସ ପରିବର୍ତ୍ତନ ହୋଇ ମେ'୨୨ ପାଳିତ ହୋଇଆସୁଛି। ପ୍ରତିବର୍ଷ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଏକ ନିର୍ଦ୍ଦିଷ୍ଟ ଥିମ୍ ଉପରେ ଧ୍ୟାନ ଦେଇଥାଏ। ସେହି ବର୍ଷ ତାହାକୁ ଆଧାର କରି ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଉକ୍ତ ଦିବସ ପାଇଁ ଥିମ୍ ରହିଛି 'ପ୍ରକୃତି ସହ ସମନ୍ୱୟ ଓ ସ୍ଥାୟୀ ବିକାଶ'। ପ୍ରକୃତି ସହିତ ସମନ୍ୱୟ ଶବ୍ଦଟି ମାନବଜାତି ଏବଂ ପ୍ରକୃତି ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସାମଗ୍ରିକ ସହାବସ୍ଥାନର ନୀତିକୁ ବୁଝାଏ। ଏହା ବିଭିନ୍ନ ପ୍ରସଙ୍ଗରେ ବ୍ୟବହୃତ ହୁଏ, ବିଶେଷକରି ସ୍ଥାୟୀ ବିକାଶ ଏବଂ ପ୍ରକୃତିର ଅଧିକାର ସମ୍ପର୍କରେ, ଉଭୟ ମାନବଜାତ ପରିବେଶଗତ ସଙ୍କଟକୁ ସମାଧାନ କରିବା ପାଇଁ ଏହା ଉଦ୍ଦିଷ୍ଟ।


ଚିଙ୍ଗୁଡ଼ି ଘେରି

# ଭିତରକନିକା: ଜୈବ ବିବିଧତାକୁ ବିପଦ ଚିଙ୍ଗୁଡ଼ିଘେରି

ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ସୁପ୍ରସିଦ୍ଧ। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନସ୍ଥଳୀ, ବହୁଳ ଲୁଣା କୁମ୍ଭୀର, ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର, ହେନ୍ତାଳବଣ, ଔଷଧୀୟ ଗୁଳ୍ମଲତା ଆଦିରେ ପରିପୂର୍ଣ୍ଣ ଏହି ଆର୍ଦ୍ରଭୂମି ଗବେଷକଙ୍କ ପାଇଁ ଏକ ଗବେଷଣାଗାର ହୋଇରହିଛି। ଏହି ବନାଞ୍ଚଳକୁ ୧୯୭୫ ମସିହାରେ ସଂରକ୍ଷିତ କରାଯାଇଥିବା ବେଳେ ୧୯୯୮ରେ ଜାତୀୟ ଉଦ୍ୟାନ ଓ ୨୦୦୨ରେ ଅନ୍ତର୍ଜାତୀୟ ମାନ୍ୟତା (ରାମ୍‌ସାର ସାଇଟ) ମିଳିଛି। ଏହାର ଜୈବ ବିବିଧତାକୁ ବେଆଇନ ଭାବେ ଗଢ଼ିଉଠିଥିବା ଚିଙ୍ଗୁଡ଼ି ଘେରି ସାମ୍ପ୍ରତିକ ସମୟରେ ବିପଦ ସାଜିଛି। ଚିଙ୍ଗୁଡି ଘେରିରୁ ଉତ୍ପନ୍ନ ବିପଜ୍ଜନକ ରାସାୟନିକ ଦ୍ରବ୍ୟ ଓ ଗ୍ୟାସ୍ ଏକ ବିଷ ବଳୟ ସୃଷ୍ଟି କରିଛି। ଏଥିରେ ମଣିଷ ସହ ବନ୍ୟ ଓ ସାମୁଦ୍ରିକ ଜୀବ ପ୍ରଭାବିତ ହେଉଛନ୍ତି। କ୍ଷାରପାଣି ଚାଷକୁ ପ୍ରୋତ୍ସାହିତ କରି ଉଚ୍ଚ ନ୍ୟାୟାଳୟର ଆଦେଶକୁ ଅମାନ୍ୟ କରାଯାଉଛି। ଅଣମୌସୁମୀ ସମୟରେ ପ୍ରତ୍ୟେକ ଦିନ ନୂଆ କରି ୧୦ରୁ ୨୦ଟି ଘେରି ପ୍ରସ୍ତୁତ କରାଯାଉଛି। ଚାଷ ପାଇଁ ବ୍ୟବହାର ହେଉଥିବା ରାସାୟନିକ ଦ୍ରବ୍ୟ ଓ ଔଷଧ ବନ୍ୟ ଓ ସାମୁଦ୍ରିକ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ପାଲଟୁଛି। ପ୍ରାୟ ୧୪ ପ୍ରକାର ନିଷିଦ୍ଧ ଔଷଧ ଚିଙ୍ଗୁଡ଼ିର ଶାରୀରିକ ଓ ବଂଶ ବୃଦ୍ଧି ପାଇଁ ବ୍ୟବହାର ହେଉଛି। ଘେରିରୁ ଜଳ ନିଷ୍କାସନ ହୋଇ ନିକଟସ୍ଥ ନାଳ ମଧ୍ୟ ଦେଇ ସମୁଦ୍ରକୁ ଯାଉଛି। ଏବେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୨୬୩ ପ୍ରକାର ମାଛଙ୍କ ପ୍ରଜନନ ସମୟ। ତେବେ ଚିଙ୍ଗୁଡ଼ି ଘେରିର ରାସାୟନିକ ଦ୍ରବ୍ୟ ସାମୁଦ୍ରିକ ମାଛ ବଂଶ ବୃଦ୍ଧିକୁ ରୋକୁଛି। ଫଳରେ ଆଗାମୀ ଦିନରେ ଖାଦ୍ୟ ଆଶାରେ ଆସୁଥିବା ବିଦେଶୀ ପକ୍ଷୀର ସମ୍ଭାର ଦେଖିବାକୁ ମିଳିବ ନାହିଁ। ସେହିପରି ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ବର୍ଜ୍ୟଜଳ ହେନ୍ତାଳ ବଣକୁ ନଷ୍ଟ କରୁଛି। ଏଥିଯୋଗୁ ସାମୁଦ୍ରିକ ଓ ବନ୍ୟ ପ୍ରାଣୀଙ୍କ ଅଶେଷ କ୍ଷତି ହେଉଥିବାରୁ ସମ୍ପ୍ରତି ସୁପ୍ରିମ କୋର୍ଟ ତଟାଞ୍ଚଳର ୨ କିଲୋମିଟର ମଧ୍ୟରେ ଚିଙ୍ଗୁଡ଼ି ଘେରି ନ କରାଯିବା ନେଇ ଆଦେଶ ଦେଇଛନ୍ତି। ଏଥିସହ ଜିଲା ପ୍ରଶାସନକୁ ବେଆଇନ ଚିଙ୍ଗୁଡ଼ି ଘେରି ଭାଙ୍ଗିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ଜିଲାବାସୀଙ୍କ ସହଯୋଗ ଏବେ ଜରୁରୀ ହୋଇପଡ଼ିଛି।

**-ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା

# କାଞ୍ଜିପାଣି ଘାଟି ହରାଉଛି ସୌନ୍ଦର୍ଯ୍ୟ


କାଞ୍ଜିପାଣି ଘାଟି ଅଞ୍ଚଳ(ପୂର୍ବରୁ)

କେନ୍ଦୁଝର ଜିଲାର ହିଲ୍ ଷ୍ଟେଶନ କୁହାଯାଉଥିବା କାଞ୍ଜିପାଣି ଘାଟିର ସୌନ୍ଦର୍ଯ୍ୟ ଦିନକୁ ଦିନ ହ୍ରାସ ପାଉଛି। ଏହି ଜୈବମଣ୍ଡଳ ଜିଲାର ଜଳବାୟୁକୁ ନିୟନ୍ତ୍ରଣ କରିଆସୁଥିବା ବେଳେ ଏବେ ରାସ୍ତା ସମ୍ପ୍ରସାରଣ, ପୋଡୁଚାଷ, ବନୀକରଣ ଆଦି ନାମରେ ଧ୍ୱସ୍ତ ହୋଇପଡୁଥିବାରୁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

ପର୍ଯ୍ୟଟନ ମାନ୍ୟତା ପାଇଥିବା ଏହି କାଞ୍ଜିପାଣି ଘାଟିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି। ଏହି ହିଲ୍ ଷ୍ଟେଶନର ବିକାଶ ତଥା ସୁରକ୍ଷା କରାଯାଉ ନ ଥିବାରୁ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଚାଲିଛି। ପୂର୍ବରୁ ଖରାଦିନେ ବହୁ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକ ଏହାର ଶୀତଳ ପରିବେଶ ପାଇଁ ଏଠାକୁ ଆସୁଥିଲେ। ଏବେ ବ୍ୟାପକ ଗଛକଟା ଯୋଗୁ ଜଙ୍ଗଲ ପଦା ହୋଇଯାଉଥିବାରୁ ପରିବେଶ ଉତ୍ତପ୍ତ ହୋଇପଡୁଛି। ଫଳରେ ଖରାଦିନେ ଏଠାକୁ ବୁଲିଯିବା ଲାଗି ଆଗଭଳି ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏକଦା ଏହି ଘାଟିରାସ୍ତାର ସବୁଜ ସୁଡ଼ଙ୍ଗ ପ୍ରକୃତିପ୍ରେମୀଙ୍କୁ ବେଶି ଆକୃଷ୍ଟ କରୁଥିଲା। ଏବେ ରାସ୍ତା ସମ୍ପ୍ରସାରଣ ନାମରେ ସେସବୁର ସତ୍ତା ହଜିଯାଇଥିବା ବେଳେ ରାସ୍ତାପାର୍ଶ୍ୱରେ ଥିବା ଘଞ୍ଚ ଜଙ୍ଗଲ, ଝରଣା ଆଦି ଲୋପ ପାଇଗଲାଣି। ସେହିପରି ଏହାର ଜୈବବିବିଧତା ବିଭିନ୍ନ କାରଣରୁ ନଷ୍ଟ ହୋଇଗଲାଣି। ସେଥିମଧ୍ୟରୁ ପ୍ରମୁଖ କାରଣ ବ୍ୟାପକ ଗଛକଟା ଓ ଜଙ୍ଗଲପୋଡ଼ି ବୋଲି କୁହାଯାଉଛି। କାଠ କାଟି ତାକୁ ବିକ୍ରିକରି ଚଳିବାକୁ ବନବାସୀମାନେ ଜଙ୍ଗଲକୁ ପଦା କରିଦେଉଥିବାବେଳେ ପୋଡୁଚାଷ ଲାଗି ବିସ୍ତୃତ ଅଞ୍ଚଳକୁ ପୋଡ଼ିଦେଉଥିବାରୁ ଏହି ଘାଟି ଅଞ୍ଚଳ ଏବେ ଲଣ୍ଡା ଦେଖାଦେଉଛି। ଫଳରେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି।

ଖରାଦିନେ ଜଙ୍ଗଲପୋଡ଼ି ଯୋଗୁ ଶହ ଶହ ଏକର ଜଙ୍ଗଲାଞ୍ଚଳ ପାଉଁଶ ହୋଇଯାଇଥାଏ। ଫଳରେ ଜୈବମଣ୍ଡଳ କ୍ଷତିଗ୍ରସ୍ତ ହେବା ସହ ବନ୍ୟପ୍ରାଣୀମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଖାଦ୍ୟାଭାବ ଯୋଗୁ ମାଙ୍କଡ଼ମାନେ ଖାଦ୍ୟ ପାଇଁ ରାସ୍ତାକୁ ଚାଲି ଆସୁଥିବା ବେଳେ ନିଆଁ ଲାଗିବା ଏବଂ ଜଙ୍ଗଲ ନଷ୍ଟ ଯୋଗୁ ବାସହରା ହୋଇ ସେଠାରୁ ପଳାୟନ କରୁଛନ୍ତି। ଏପରିକି ବହୁମାଙ୍କଡ଼ ଗାଡ଼ିଚାପା ଓ ନିଆଁରେ ପୋଡ଼ି ମୃତାହତ ହେଉଛନ୍ତି। ବିଶେଷକରି ବନବାସୀମାନେ ପୋଡୁଚାଷ ପାଇଁ ଏଭଳି ଜଙ୍ଗଲକୁ ପୋଡ଼ିଦେଉଥିଲେ। ମାତ୍ର ବନ ବିଭାଗ ସେମାନଙ୍କୁ ଏଥିରୁ କ୍ଷାନ୍ତ କରାଇବା ନେଇ ସେଭଳି ସଫଳ ହୋଇପାରୁନାହିଁ। ଫଳରେ ବହୁ ମୂଲ୍ୟବାନ୍ ଶାଳ, କୁସୁମ, ମହୁଲ, ଆମ୍ବ ଆଦି ଗଛ, ଔଷଧୀୟ ବୃକ୍ଷଲତା ନଷ୍ଟ ହୋଇଯାଉଥିବା ବେଳେ ଏହା ଦ୍ୱାରା ସୌନ୍ଦର୍ଯ୍ୟହାନି ହେଉଛି। ଏଥିସହ ପରିବେଶ ପ୍ରଦୂଷିତ ହେଉଥିବାରୁ ପରିବେଶବିତମାନେ କ୍ଷୋଭ ପ୍ରକାଶ କରୁଛନ୍ତି। କେତେକ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଜମିର ଅଧିକାର ପାଇବା ଆଶାରେ ବେଧଡ଼କ ଜଙ୍ଗଲ ପଦା କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏଠାରେ ବନ ବିଭାଗ ତଥା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କରାଯାଉଥିବା ବନୀକରଣର ଠିକ୍ ପରିଚାଳନା ନ ହେବା ଯୋଗୁ ପରିବେଶ ସୁରକ୍ଷା ସଫଳ ହୋଇପାରୁନାହିଁ।

ପୋଡୁଚାଷ ଯଦିଓ ଆଦିବାସୀଙ୍କ ପରମ୍ପରା। ତେବେ ଆଗରୁ ଜଙ୍ଗଲର ଗୋଟିଏ ସ୍ଥାନରେ ଝାଟିକୁ ପୋଡ଼ି ଚାଷକରିବା ପରେ କିଛି ବର୍ଷ ପାଇଁ ସେ ସ୍ଥାନକୁ ଛାଡ଼ିଦେଇ ଅନ୍ୟ ସ୍ଥାନରେ ଏହି ଚାଷ କରୁଥିଲେ। ଆଉ ବଡ଼ ବଡ଼ ଗଛ ନଷ୍ଟ କରୁ ନ ଥିଲେ। ଜଙ୍ଗଲ ପରିବେଶ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ତାହା ପୂରଣ ହୋଇଯାଉଥିଲା। ମାତ୍ର ଏବେ ସ୍ଥାନାଭାବରୁ ଗୋଟିଏ ସ୍ଥାନରେ ପୋଡୁଚାଷ କରୁଥିବା ବେଳେ ଏହି ଚାଷଜମି ଅଞ୍ଚଳକୁ ବୃଦ୍ଧି କରିବା ପାଇଁ ବଡ଼ ଗଛ କାଟି ପୋଡ଼ି ଦେଉଥିବାରୁ ପରିବେଶ ନଷ୍ଟ ହୋଇଚାଲିଛି। ଏ ନେଇ ଜଙ୍ଗଲ ଆଇନ ଥିଲେ ହେଁ ବନ ବିଭାଗ ନିରବଦ୍ରଷ୍ଟା ସାଜୁଥିବାରୁ ଏହା ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଗରିବ ଆଦିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଥିଲେ ହେଁ ସେସବୁ ଫଳପ୍ରଦ ହେଉ ନ ଥିବାରୁ ଏଭଳି ଜଙ୍ଗଲ ଉପରେ ବନବାସୀ ନିର୍ଭରଶୀଳ ହେବାକୁ ପଡୁଛି ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଘାଟିଟି ଜିଲାର ତେଲକୋଇ, ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ୍ ସୀମାରେ ରହିଛି। ଘାଟିରେ ବହୁସଂଖ୍ୟାରେ ଭୂୟାଁ ଓ ଜୁଆଙ୍ଗ ଜନଜାତି ଗ୍ରାମ ଏବଂ ପଡ଼ା ରହିଛି।

**-ନରେଶ ଚନ୍ଦ୍ର ପଟ୍ଟନାୟକ**, କେନ୍ଦୁଝର


କାଞ୍ଜିପାଣି ଘାଟି ଅଞ୍ଚଳ(ଏବେକାର)

## ରାଜ୍ୟ ଖବର

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅଙ୍କୁ ଅନ୍ତର୍ଭୁକ୍ତ କର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୫(ସୁନିତ୍ ମିଶ୍ର)

## 'ଆମେ ପଢ଼ିବା ଆମ ଭାଷାରେ' ଯୋଜନାର ସମୀକ୍ଷା


ଲୋକସେବା ଭବନଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା 'ଆମେ ପଢ଼ିବା ଆମ ଭାଷାରେ' ଏବଂ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଗରିବ ବାପା, ମା'ଙ୍କ ଉପରୁ ଝିଅ ବାହାଘରର ବୋଝ ହାଲ୍‌କା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହାସହ ସରକାରୀ ସ୍ତରରେ ଝିଅ ପାଇଁ ଉପହାର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବାହକୁ ସାମୂହିକ ସ୍ତରରେ ଆୟୋଜନ କରିବା ପାଇଁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଯଥାଶୀଘ୍ର ସମସ୍ତ ପ୍ରକ୍ରିୟା ସମ୍ପନ୍ନକରି ଏହି ଯୋଜନାର ଶୁଭାରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ଦାୟିତ୍ୱ ଦେଇଛନ୍ତି।

ବର୍ତ୍ତମାନ ରାଜ୍ୟର ୧୫ ଜିଲାର ୧୦,୬୨୯ ଅଙ୍ଗନୱାଡି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି। ଏହିସବୁ ଭାଷା ହେଉଛି ଦେଶିଆ, ଭୂମିଜ, ବିଞ୍ଝାଲ, ଗୋଣ୍ଡି, ହୋ, ସାଦ୍ରି, ଖଡ଼ିଆ, ବଣ୍ଡା, ମୁଣ୍ଡା, କୋୟା, କୁଭି, କୁଇ, ସଉରା, ସାନ୍ତାଳୀ, ଓରାମ୍, କିଷାନ ଏବଂ ଜୁଆଙ୍ଗ। ସୂଚନାଯୋଗ୍ୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଏହି ମାତୃଭାଷା ଭିତ୍ତିକ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଓଡ଼ିଶା ଦେଶରେ ପ୍ରଥମ। ଜାତୀୟ ଶିକ୍ଷାନୀତି ୨୦୨୦ରେ ମଧ୍ୟ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି, ଫାଉଣ୍ଡେଶନ ଷ୍ଟେଜ୍‌ରେ ନିଜ ମାତୃଭାଷାରେ ପିଲାକୁ ଶିକ୍ଷା ପ୍ରଦାନକଲେ ତା'ର ଆତ୍ମବିଶ୍ୱାସ ବଢ଼ିବ ଏବଂ ଆଗାମୀ ଦିନରେ ପାଠ ପ୍ରତି ତା'ର ଆଗ୍ରହ ବଢ଼ିବା ସହ ସହଜ ମଧ୍ୟ ହେବ। ପିଲାମାନଙ୍କୁ ତାଙ୍କ ନିଜ ପରିବେଶରେ ସେ ଦେଖୁଥିବା ବସ୍ତୁ, ପ୍ରାଣୀ, କିମ୍ବା ବ୍ୟବହୃତ ସାମଗ୍ରୀ ସମ୍ପର୍କିତ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ସଚିତ୍ର ପୁସ୍ତକ ପ୍ରକାଶନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅତିରିକ୍ତ ୮୩,୧୩୫ ହିତାଧିକାରୀଙ୍କୁ ମିଳିବ ପୂର୍ଣ୍ଣାଙ୍ଗ ପେନ୍‌ସନ

ଭୁବନେଶ୍ୱର,୨୧।୫(ରବିନାରାୟଣ ଜେନା)

ରାଜ୍ୟରେ ଅତିରିକ୍ତ ୮୩,୧୩୫ ହିତାଧିକାରୀଙ୍କୁ ପ୍ରତି ମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନ୍‌ସନ ମିଳିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରର ୟୁନିଟ-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସର ଏସ୍‌ଆଇଡିଆର୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ପ୍ରକାଶ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ବିଭାଗର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ପେନ୍‌ସନ ମଞ୍ଜୁରିର ସ୍ଥିତି, ଚାଲୁ ରହିଥିବା କାର୍ଯ୍ୟ/ପ୍ରକଳ୍ପ, ଆଇନଗତ ପ୍ରସଙ୍ଗ ଆଦି ବିଷୟରେ ସମୀକ୍ଷା କରିଥିଲେ। ସେଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟ ହିତାଧିକାରୀମାନେ ଯେପରି ସହଜରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର ଲାଭ ପାଇପାରିବେ, ସେଥିପାଇଁ ପ୍ରଶାସନିକ ପ୍ରତିବନ୍ଧକ, ନୀତିଗତ ସମସ୍ୟା ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଅତିରିକ୍ତ ୮୩,୧୩୫ଜଣ ହିତାଧିକାରୀଙ୍କୁ ପ୍ରତି ମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନ୍‌ସନ ମଞ୍ଜୁର କରାଯାଇଛି ଏବଂ ରାଜ୍ୟରେ ମୋଟ ୫ଲକ୍ଷ ହିତାଧିକାରୀ ବର୍ଦ୍ଧିତ ହାରରେ ଭତ୍ତା ପାଉଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବା, ରାଜ୍ୟରେ ଚାଲୁଥିବା ଅନୁଷ୍ଠାନ/ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ବୃଦ୍ଧାଶ୍ରମଗୁଡ଼ିକୁ ନିୟମିତ ପରିଦର୍ଶନ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଆର୍ଥିକ ପରାମର୍ଶଦାତା ଓ ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା, ଭାସ୍କର ରଇତ ପ୍ରମୁଖ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।



# ଛାତ୍ରୀ ପାସ୍ ହାର ୮୭.୪୨%, ଛାତ୍ର ୭୭.୮୮%

ଭୁବନେଶ୍ୱର,୨୧।୫
(ସୁଚିସ୍ମିତା ସାହୁ)

## ଯୁକ୍ତ ୨ ପରୀକ୍ଷା
### ୧୦% ପଛରେ ରହିଲେ ପୁଅ

ଚଳିତବର୍ଷ ଯୁକ୍ତ୨ ପରୀକ୍ଷାରେ ଛାତ୍ରୀଙ୍କଠାରୁ ଛାତ୍ର ପ୍ରାୟ ୧୦% ପଛରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୭.୪୨ ପ୍ରତିଶତ ରହିଥିବାବେଳେ ଛାତ୍ରଙ୍କ ପାସ୍ ହାର ୭୭.୮୮ ପ୍ରତିଶତ ରହିଛି। ବିଜ୍ଞାନରେ ୧ଲକ୍ଷ ୧୩ହଜାର ୯୬୮ ଜଣ ପରୀକ୍ଷା ଦେଇଥିବା ବେଳେ ୯୯,୭୨୪ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୫୪,୯୪୭ଜଣ, ଦ୍ୱିତୀୟ ଶ୍ରେଣୀରେ ୨୬,୪୨୪ଜଣ ଏବଂ ତୃତୀୟ ଶ୍ରେଣୀରେ ୧୪,୯୫୫ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ କମ୍ପାର୍ଟମେଣ୍ଟରେ ୩,୩୯୮ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ବିଜ୍ଞାନରେ ୪୮,୭୮୧ଜଣ ଛାତ୍ରୀ ଏବଂ ୫୦,୯୪୩ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ବାଣିଜ୍ୟରେ ୨୫ହଜାର ୧୦୮ଜଣ ପରୀକ୍ଷା ଦେଇଥିବା ବେଳେ ୨୦,୮୯୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୬,୯୩୦ଜଣ, ଦ୍ୱିତୀୟ ଶ୍ରେଣୀରେ ୪୫୨୫ଜଣ ଏବଂ ତୃତୀୟ ଶ୍ରେଣୀରେ ୯,୨୧୬ଜଣ ପାସ୍ କରିଥିବାବେଳେ କମ୍ପାର୍ଟମେଣ୍ଟରେ ୨୨୧ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ୭୯୧୯ଜଣ ଛାତ୍ରୀ ଏବଂ ୧୨,୯୭୩ ଜଣ ଛାତ୍ର ରହିଛନ୍ତି।

କଳାରେ ୨ଲକ୍ଷ ୪୩ହଜାର ୬୫୩ଜଣ ପରୀକ୍ଷା ଦେଇଥିବା ବେଳେ ୧୯୬୧୭୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦,୦୩୭ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭,୮୬୬ଜଣ ଏବଂ ତୃତୀୟ ଶ୍ରେଣୀରେ ୧୧,୯୧୬୮ ଛାତ୍ରୀଛାତ୍ର ରହିଛନ୍ତି। ଏଥିସହ କମ୍ପାର୍ଟମେଣ୍ଟରେ ୧୦୦ଜଣ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧,୧୭,୫୬୬ଜଣ ଛାତ୍ରୀ ଏବଂ ୭୮,୬୦୫ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ଧନ୍ଦାମୂଳକରେ ୫ହଜାର ୫୭୨ଜଣ ପରୀକ୍ଷା ଦେଇଥିବାବେଳେ ୩,୩୭୫ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୬୭୮ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭୫୮ଜଣ ଓ ତୃତୀୟ ଶ୍ରେଣୀରେ ୭୮୧ଜଣ ଏବଂ କମ୍ପାର୍ଟମେଣ୍ଟରେ ୧୫୮ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୮୧୯ ଛାତ୍ରୀ ଓ ୧୫୫୬ଛାତ୍ର ରହିଛନ୍ତି।

## ଯୁକ୍ତ୨ ପାସ୍ ହାର

| ଜିଲା | ବିଜ୍ଞାନ | ବାଣିଜ୍ୟ | କଳା | ଧନ୍ଦାମୂଳକ (%) |
|---|---|---|---|---|
| ୧. ବାଲେଶ୍ୱର | ୯୫.୫୮ | ୮୪.୧୫ | ୮୩.୨୫ | ୮୩.୮୩ |
| ୨. ଭଦ୍ରକ | ୯୨.୭୦ | ୮୫.୪୪ | ୮୧.୭୮ | ୭୧.୪୨ |
| ୩. ବଲାଙ୍ଗୀର | ୮୨.୨୩ | ୬୯.୧୯ | ୭୮.୪୪ | ୩୬.୫୭ |
| ୪. ସୁବର୍ଣ୍ଣପୁର | ୭୬.୬୬ | ୭୪.୧୦ | ୮୪.୪୫ | ୪୦.୦୦ |
| ୫. କଟକ | ୯୩.୨୩ | ୯୧.୧୨ | ୭୭.୮୨ | ୫୮.୯୮ |
| ୬. ଜଗତ୍‌ସିଂହପୁର | ୮୫.୮୭ | ୮୯.୬୮ | ୭୪.୫୯ | ୬୭.୪୨ |
| ୭. ଯାଜପୁର | ୮୯.୭୭ | ୮୭.୨୫ | ୭୫.୦୮ | ୫୭.୮୪ |
| ୮. କେନ୍ଦ୍ରାପଡ଼ା | ୮୭.୯୬ | ୮୮.୭୩ | ୭୯.୧୪ | ୬୩.୯୪ |
| ୯. ଅନୁଗୋଳ | ୮୬.୨୧ | ୭୧.୬୩ | ୭୯.୧୩ | ୭୧.୪୨ |
| ୧୦. ଢେଙ୍କାନାଳ | ୯୫.୦୩ | ୮୫.୧୮ | ୭୯.୧୫ | ୫୫.୦୮ |
| ୧୧. ଗଞ୍ଜାମ | ୮୮.୭୦ | ୮୬.୪୩ | ୮୨.୧୮ | ୫୫.୭୬ |
| ୧୨. ଗଜପତି | ୭୪.୧୮ | ୮୪.୨୮ | ୭୫.୧୩ | ୬୫.୩୮ |
| ୧୩. କଳାହାଣ୍ଡି | ୮୦.୮୬ | ୭୩.୨୭ | ୭୮.୦୭ | ୪୫.୨୭ |
| ୧୪. ନୂଆପଡ଼ା | ୭୭.୫୫ | ୭୬.୫୫ | ୮୦.୭୨ | ୨୭.୯୦ |
| ୧୫. କେନ୍ଦୁଝର | ୭୯.୧୮ | ୭୭.୨୬ | ୭୭.୪୯ | ୬୫.୮୬ |
| ୧୬. କୋରାପୁଟ | ୭୩.୩୩ | ୭୮.୧୧ | ୭୭.୩୩ | ୫୪.୪୩ |
| ୧୭. ମାଲକାନଗିରି | ୭୯.୪୮ | ୭୪.୪୮ | ୭୬.୭୨ | ୦.୦୦ |
| ୧୮. ନବରଙ୍ଗପୁର | ୮୦.୫୧ | ୭୬.୯୪ | ୬୮.୧୩ | - |
| ୧୯. ରାୟଗଡ଼ା | ୮୧.୩୬ | ୭୪.୩୬ | ୭୬.୪୫ | ୫୯.୮୩ |
| ୨୦. ମୟୂରଭଞ୍ଜ | ୮୪.୧୧ | ୭୪.୯୭ | ୮୩.୮୨ | ୬୩.୮୪ |
| ୨୧. ବୌଦ୍ଧ | ୭୧.୮୫ | ୮୬.୬୬ | ୮୧.୭୫ | ୪୭.୯୪ |
| ୨୨. ଫୁଲବାଣୀ | ୭୭.୩୪ | ୮୫.୦୯ | ୭୯.୯୬ | ୬୮.୫୮ |
| ୨୩. ଖୋର୍ଦ୍ଧା | ୯୨.୯୭ | ୯୦.୮୮ | ୮୫.୦୪ | ୭୨.୦୨ |
| ୨୪. ନୟାଗଡ଼ | ୯୭.୫୮ | ୯୩.୭୧ | ୮୩.୭୭ | ୫୩.୮୪ |
| ୨୫. ପୁରୀ | ୯୩.୦୧ | ୮୭.୩୮ | ୮୩.୦୫ | ୭୬.୦୮ |
| ୨୬. ବରଗଡ଼ | ୮୦.୩୫ | ୭୨.୪୦ | ୮୭.୬୦ | ୪୯.୧୦ |
| ୨୭. ଦେବଗଡ଼ | ୮୮.୦୩ | ୮୭.୮୭ | ୮୫.୦୯ | ୬୦.୮୬ |
| ୨୮. ଝାରସୁଗୁଡ଼ା | ୭୭.୩୨ | ୮୪.୯୫ | ୮୩.୦୦ | ୪୮.୦୦ |
| ୨୯. ସମ୍ବଲପୁର | ୯୧.୫୩ | ୮୪.୧୦ | ୮୪.୯୩ | ୫୭.୨୭ |
| ୩୦. ସୁନ୍ଦରଗଡ | ୭୬.୫୮ | ୮୩.୧୨ | ୮୧.୦୧ | ୬୧.୭୪ |

# ଜୁନ୍ ଶେଷ ସପ୍ତାହରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଯୁକ୍ତ୨ ପରୀକ୍ଷାଫଳ ବାହାରିବାର ୭ଦିନ ଭିତରେ ପୁନଃ ମୂଲ୍ୟାୟନ ଓ ଖାତା ଯାଞ୍ଚ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଡିଜିଲକର ମାଧ୍ୟମରେ ଛାତ୍ରୀଛାତ୍ର ମାର୍କଶିଟ ଓ ସାର୍ଟିଫିକେଟ ପାଇପାରିବେ। ଏଥିସହ ନିଜ ବିଦ୍ୟାଳୟରୁ ମଧ୍ୟ ଏସବୁର ହାର୍ଡ କପି ପାଇପାରିବେ। ସେହିପରି ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଆସନ୍ତା ଜୁନ୍ ଶେଷ ସପ୍ତାହରେ ବାର୍ଷିକ ଇନ୍‌ଷ୍ଟାଣ୍ଟ ଉଚ୍ଚ ମାଧ୍ୟମିକ ପରୀକ୍ଷା ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯେଉଁ ଛାତ୍ରୀଛାତ୍ର ୨୧୦ ମାର୍କ ଓ ଏହାଠାରୁ ଅଧିକ ରଖିଥିବେ ଏବଂ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ, ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।

# ଟେଟ୍ରାହେଡ୍ରନ୍‌ର ଶତପ୍ରତିଶତ ସଫଳତା



ମଙ୍ଗୁଳି-ଜଗତପୁର, ୨୧।୫(ମାନସ ସାମଲ)

## ଯୁକ୍ତ ୨ ବିଜ୍ଞାନ ଫଳ ପ୍ରକାଶ

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକ ଜିଲା ଟାଙ୍ଗିସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ (ଟେଟ୍ରାହେଡ୍ରନ୍ ହାୟର ସେକଣ୍ଡାରି ସ୍କୁଲ ଏବଂ ଟେଟ୍ରା ହେଡ୍ରନ୍ ଓମେନ୍ସ ହାୟର ସେକଣ୍ଡାରି ସ୍କୁଲ) ଉଲ୍ଲେଖନୀୟ ସଫଳତା ସହ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ନୂଆ ମାଇଲଖୁଣ୍ଟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଶିକ୍ଷା ଅନୁଷ୍ଠାନର ସମୁଦାୟ ୧୧୩୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୨୦ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ଜଣ ୯୫%ରୁ ଉର୍ଦ୍ଧ୍ୱ ଓ ୧୮୫ଜଣ ୯୦% ଉର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ର ଅବିନାଶ ପଣ୍ଡା ମୋଟ ୫୮୧ ନମ୍ବର ରଖି ଟେଟ୍ରା ହେଡ୍ରନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଅନନ୍ୟା ଅନୁପ୍ରିତା ସାହୁ ୫୭୪ ନମ୍ବର ରଖି ଟେଟ୍ରା ହେଡ୍ରନ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ତେବେ ଅନୁନ ଜୟା ସେଠୀ ୫୭୮ ନମ୍ବର, ହରପ୍ରସାଦ ସାହୁ ୫୭୫ ନମ୍ବର, ଅନନ୍ୟା ପ୍ରିୟଦର୍ଶିନୀ ୫୭୪ ନମ୍ବର, ପ୍ରିୟଦର୍ଶିନୀ ସାହୁ ୫୭୪ନମ୍ବର, ଋତୁପର୍ଣ୍ଣା ସାହୁ ୫୭୪ ନମ୍ବର, ଆଶୁତୋଷ ଦାସ ୫୭୩, ସ୍ୱର୍ଣ୍ଣପ୍ରଭା ପଣ୍ଡା ୫୭୩, ସୌମ୍ୟକ ନାୟକ ୫୭୨, ସନ୍ଦୀପ କୁମାର ରାଉତ ୫୭୨, ପ୍ରିୟଙ୍କା ରାଉତ ୫୭୧ ଓ ସୟମ ମହାପାତ୍ର ୫୭୦ ନମ୍ବର ରଖି ଚର୍ଚ୍ଚାରେ ରହିଛନ୍ତି। ସେହିପରି ଅନୁଷ୍ଠାନର ୨୨୯ଜଣ ଛାତ୍ରୀଛାତ୍ର ୮୯%, ୨୮୦ଜଣ ୮୮%, ୪୪୬ଜଣ ୮୫%, ୭୧୨ଜଣ ୮୦%, ୯୦୨ଜଣ ୭୫%, ୧୦୨୩ଜଣ ୭୦% ଓ ୧୧୨୦ଜଣ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ମୂଲ୍ୟାଙ୍କନକୁ ନେଇ ଛାତ୍ରଛାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ପୁନଃ ମୂଲ୍ୟାୟନ ପରେ ୯୦%ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ ବେହେରା ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ପ୍ରବୋଧ ମହାପାତ୍ର, ବିରଞ୍ଚିନାରାୟଣ ମହାନ୍ତି, ମହିଳା କଲେଜ ଅଧ୍ୟକ୍ଷ କେଶବ ନାଥ, ଟେଟ୍ରା ହେଡ୍ରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ସୁବ୍ରତ ମହାପାତ୍ର, ଅଧ୍ୟାପକ ଡାକ୍ତର ସୁବାସ ନାୟକ, ବରିଷ୍ଠ ଅଧ୍ୟାପକ ପି.କେ. ବଳ ଓ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୧।୫
(ରବିନାରାୟଣ ଜେନା)

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ସମସ୍ତ ଜିଲା ସଦର ମହକୁମାରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ଶିବିରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ରମେଶ ଜେନା, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମେଧାବୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

## ଡାକ୍ତର ହୋଇ ସେବା କରିବି



ଯୁକ୍ତ୨ ବିଜ୍ଞାନ ବିଭାଗରେ ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଛାତ୍ର ଧୀରଜ ସ୍ୱାଇଁ ୫୮୧ (୯୬.୮୩%) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଏଥିସହ ସେ ଉତ୍ତର ଓଡ଼ିଶା ଜୋନରେ ଟପ୍ପର ହେବା ସହ ରାଜ୍ୟରେ ୫ମ ସ୍ଥାନରେ ରହି ଜିଲା ପାଇଁ ଗୌରବ ଆଣିଛନ୍ତି। ମା' କମଳିନୀ ସ୍ୱାଇଁ ଗୃହିଣୀ ହୋଇଥିବା ବେଳେ ବାପା ସୂର୍ଯ୍ୟନାରାୟଣ ସ୍ୱାଇଁ ଏକ ଘରୋଇ କମ୍ପାନୀରେ ଇଲେକ୍ଟ୍ରିସିଆନ୍ ଭାବେ କାର୍ଯ୍ୟ କରନ୍ତି। ବସ୍ତା ବ୍ଲକ ବାଉଁଶମୁଖା ଗ୍ରାମରେ ତାଙ୍କ ଘର। ସେ ସ୍କୁଲ, ଟ୍ୟୁଶନ୍ ବ୍ୟତୀତ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ଜଣେ ଡାକ୍ତର ହୋଇ ସେବାରେ ସମର୍ପିତ ହେବା ତାଙ୍କର ଲକ୍ଷ୍ୟ। ଏହି ସଫଳତା ପାଇଁ ମା', ବାପା, ଅଧ୍ୟାପିକା, ଅଧ୍ୟାପକଙ୍କୁ ଧୀରଜ ଶ୍ରେୟ ପ୍ରଦାନ କରିଛନ୍ତି।

- ଧୀରଜ ସ୍ୱାଇଁ, ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ

## ଆଇଏଏସ୍ ଅଫିସର ହେବି



ଯୁକ୍ତ୨ କଳା ବିଭାଗରେ ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ଦିବ୍ୟା ଦେବଲିନା ମଲିକ ୫୬୨ (୯୩.୬୬%) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଗୋରେଇ ଗ୍ରାମର ବାପା ଦିଲୀପ କୁମାର ମଲିକ ଓ ମା' ନମିତାଙ୍କର ସେ କନ୍ୟା ଅଟନ୍ତି। ବାପା ଜଣେ ଏକ୍ସ-ଆର୍ମି ଅଫିସର। ସେ ସ୍କୁଲ, ଟ୍ୟୁଶନ ବ୍ୟତୀତ ଦୈନିକ ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ। ଆଇଏଏସ୍ ଅଫିସର ହେବା ତାଙ୍କର ଲକ୍ଷ୍ୟ। ଏହି ସଫଳତା ପାଇଁ ମା', ବାପା, ଜେଜେମା', ଜେଜେବାପା, ଅଧ୍ୟାପିକା, ଅଧ୍ୟାପକଙ୍କୁ ସେ ଶ୍ରେୟ ଦେଇଛନ୍ତି।

- ଦିବ୍ୟା ଦେବଲିନା ମଲିକ, ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ

## ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି



ଦିନକୁ ୧୮ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମ ଅନୁଯାୟୀ ଫଳ ପାଇଛି। ବିଜ୍ଞାନ ବିଭାଗରେ ୯୪.୧୭ ପ୍ରତିଶତ ନମ୍ବର ରଖିଛି ଏବଂ ବହୁତ ଖୁସି ଅଛି। ମନରେ ସାମାନ୍ୟ ଡର ଥିଲା, ହେଲେ ଶିକ୍ଷକ ଓ ପିତାମାତାଙ୍କ ପ୍ରେରଣା ପାଇଁ ମୁଁ ଏହି ସଫଳତା ପାଇଛି। ଆଗାମୀ ଦିନରେ ଯୁକ୍ତ୩ରେ ନାମ ଲେଖାଇବି ଏବଂ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି।

- ପାୟଲ ମିଶ୍ର, ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଟକ

## ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ଦ୍ୱାଦଶ ପରୀକ୍ଷାର ବିଜ୍ଞାନ ବିଭାଗରେ ୯୪.୧୭ ନମ୍ବର ରଖିଛି। ଦିନକୁ ୧୨ ଘଣ୍ଟା ପାଠ ପଢୁଥିଲି। ଆଗକୁ ସମସ୍ତ ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛି ଏବଂ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

- ଦେବୀପର୍ଣ୍ଣା ଦାସ, ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଟକ

## ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛି



ଦ୍ୱାଦଶ ପରୀକ୍ଷାଫଳ ପାଇଁ ମନରେ ଡର ରହିଥିଲା। ତେଣୁ ଦିନରେ ଆଠରୁ ଦଶ ଘଣ୍ଟା ପାଠ ପଢୁଥିଲି। ବିଜ୍ଞାନ ବିଭାଗରେ ୮୬ ପ୍ରତିଶତ ମାର୍କ ରଖିପାରିଛି। ଅଧିକ ମାର୍କର ଆଶା ରଖିଥିଲି ହେଲେ ଯାହା ମାର୍କ ଆସିଛି ସେଥିରେ ଖୁସି ଅଛି। କଲେଜ ପକ୍ଷରୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଥିଲେ। ମୋର ଏହି ସଫଳତା ଲାଗି ଶିକ୍ଷକ ଓ ପରିବାରର ସଦସ୍ୟଙ୍କୁ ଧନ୍ୟବାଦ ଦେବି। ଆଗାମୀ ଦିନରେ ଆଇଜର, ନାଇଜର ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି ଏବଂ ଭବିଷ୍ୟତରେ ସ୍ପେସ ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛି।

- ତନିଷ୍କା ରାଉତ, ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,କଟକ,

## ଡାକ୍ତର ହୋଇ ଅସହାୟଙ୍କ ସେବା କରିବା ଲକ୍ଷ୍ୟ



ବିଜ୍ଞାନ ପରୀକ୍ଷାରେ ମୁଁ ୯୩ ପ୍ରତିଶତ ରଖିଛି। ବାପା ପ୍ରଦୀପ କୁମାର ଖିଲାର ଜଣେ ଗାଡ଼ି ଚାଳକ ଓ ମା' ସଂଯୁକ୍ତା ଖିଲାର ଗୃହିଣୀ। ଆମ ଘର ମୟୂରଭଞ୍ଜ ଜିଲା ଟାଙ୍ଗିଆ ଗ୍ରାମରେ। ଡାକ୍ତର ହୋଇଅସହାୟ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତା ପାଇଁ ଶିକ୍ଷକଙ୍କ ପ୍ରେରଣା, ମା' ବାପାଙ୍କ ଆଶୀର୍ବାଦ ଓ ସାଙ୍ଗମାନଙ୍କ ସହଯୋଗକୁ ଶ୍ରେୟ ଦେଉଛି। ଅଭାବ ଅସୁବିଧା ସତ୍ତ୍ୱେ ପାଠ ପଢ଼ିବାର ଆଗ୍ରହ ଓ ଉଦ୍ୟମ ଯୋଗୁ ମୋତେ ଏହି ସଫଳତା ମିଳିଛି।

- ସୋନାଲିକା ଖିଲାର, କେଏସ୍‌ଇ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝର

## ମା' ବାପାଙ୍କ ସ୍ୱପ୍ନ ପୂରଣ କରିବି



ବାଣିଜ୍ୟରେ ୫୫୪ ନମ୍ବର ରଖିଥିବା ବେଳେ ମୋ ଟାର୍ଗେଟ୍‌ଠାରୁ ଅଧିକ ରହିଛି। ମା' ବାପାଙ୍କ ଆଶା ଭରସା ଜିତିଥିବାରୁ ମୁଁ ଓ ମୋ ପରିବାର ବହୁତ ଖୁସି। ମୋ ବଡ଼ଭାଇଙ୍କ ପ୍ରେରଣା ଓ ଟ୍ୟୁଶନ ସାର୍‌ଙ୍କ ପରାମର୍ଶ ଯୋଗୁ ଏହି ସଫଳତା ଦେଇଛି। ବାପା ନିକୁଞ୍ଜ ବିହାରୀ ନାୟକ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ମା' ସୁଚିତ୍ରା ଜଣେ ଗୃହିଣୀ। ମୋତେ ପାଠ ପଢ଼ାଇ ବଡ଼ମଣିଷ କରିବା ପାଇଁ ସେମାନେ ବହୁତ ସ୍ୱପ୍ନ ଦେଖିଛନ୍ତି। ସେମାନଙ୍କ ସ୍ୱପ୍ନ ନିଶ୍ଚୟ ପୂରଣ କରିବି।

- ସ୍ୱର୍ଣ୍ଣପ୍ରଭା ନାୟକ, ଭଦ୍ରକ କଲେଜ

## ଆଶାଠାରୁ ଅଧିକ ନମ୍ବର ରହିଛି



ପରୀକ୍ଷାଫଳ ଜାଣିବା ପରେ ମୁଁ ଓ ମୋ ପରିବାର ବହୁତ ଖୁସି ଅଛୁ। କଳାରେ ୫୪୫ ନମ୍ବର ମିଳିଛି। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରିଥିଲି। ଆଶାଠାରୁ ଅଧିକ ନମ୍ବର ରହିଛି। ବାପା ଜଗନ୍ନାଥ ପଣ୍ଡା ଜଣେ ପୂଜକ ଭାବେ ସ୍ଥାନୀୟ ଅଞ୍ଚଳରେ ପୂଜାପାଠ କରନ୍ତି। ମା' ଗୀତାଞ୍ଜଳି ଜଣେ ଗୃହିଣୀ। ମୋତେ ପାଠ ପଢ଼ାଇବା ପାଇଁ ବହୁ କଷ୍ଟରେ ରୋଜଗାର କରି ଟଙ୍କା ଦିଅନ୍ତି। ମୋ ଉପରେ ସେମାନଙ୍କ ଆଶା, ଭରସା ଥିଲା। ତାଙ୍କ ଆଶା ମୁଁ ପୂରଣ କରିପାରିଛି। ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି।

- ସ୍ନେହଲତା ପଣ୍ଡା, ଭଦ୍ରକ କଲେଜ

## କଷ୍ଟ୍ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ



ବାଣିଜ୍ୟ ବିଭାଗରେ ୬୦୦ ନମ୍ବରରୁ ୫୭୯ (୯୬.୫ ପ୍ରତିଶତ) ରଖିଛନ୍ତି ସ୍ୱର୍ଣ୍ଣରେଖା ମନ୍ତ୍ରୀ। ଖଣ୍ଡପଡ଼ା ବ୍ଲକ୍ ସିଦ୍ଧାମୂଳା ଗାଁର ସୁଦର୍ଶନ ଓ ଲକ୍ଷ୍ମୀ ମନ୍ତ୍ରୀଙ୍କ ସାନ ଝିଅ ରାଜ୍ୟ ଟପ୍ପର ହେବେ ବୋଲି ଆଶା ରଖି ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରି ସଫଳତାପାଇଛନ୍ତି। ତେବେ କଷ୍ଟ୍ ଆକାଉଣ୍ଟାଣ୍ଟ ହେବା ପାଇଁ ଲକ୍ଷ୍ୟ ରହିଛି ବୋଲି ସ୍ୱର୍ଣ୍ଣରେଖା କହିଛନ୍ତି।

- ସ୍ୱର୍ଣ୍ଣରେଖା ମନ୍ତ୍ରୀ, ନୟାଗଡ଼ ୟୁନିଟେକ ଆବାସିକ କଲେଜ

## ଆଶାନୁରୂପ ଫଳ ମିଳିଛି



ଦିନ ଅପେକ୍ଷା ମୁଁ ରାତିରେ ଅଧିକ ସମୟ ପାଠ ପଢ଼ିଥାଏ। ୫୫୦ ଉପରେ ନମ୍ବର ରହିବ ବୋଲି ଆଶା କରୁଥିଲି। ବିଜ୍ଞାନରେ ୫୬୨ ନମ୍ବର ରହିଥିବା ବେଳେ ଆଶାନୁରୂପ ଫଳ ମିଳିଛି। ବାପା ଲକ୍ଷ୍ମୀଧର ନାୟକ ଜଣେ ଯାତ୍ରା ଉପସ୍ଥାପକ ଭାବେ କାର୍ଯ୍ୟ କରୁଥିବା ବେଳେ ମା' ସତ୍ୟଭାମା ନାୟକ ଗୃହିଣୀ। ମା' ବାପା ମୋତେ ନେଇ ବହୁତ ସ୍ୱପ୍ନ ଦେଖିଥିବା ବେଳେ ବହୁ କଷ୍ଟରେ ପାଠ ପଢ଼ାଇଛନ୍ତି। ଆଜି ରେଜଲ୍ଟ ବାହାରିବା ପରେ ମୋ ମୋବାଇଲରେ ସାଇଟ୍ ଖୋଲି ନ ଥିଲା। ବଡ଼ଭାଇ ପ୍ରଥମେ ରେଜଲ୍ଟ ଦେଖି ବାପାଙ୍କୁ ଜଣାଇବା ପରେ ମୋତେ ଜଣାଇଥିଲେ।

- ରତିକାନ୍ତ ନାୟକ, ଭଦ୍ରକ କଲେଜ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ଭି. କୁମାର
ଆବିର୍ଭାବ: ୦୫.୦୬.୧୯୬୯
ତିରୋଧାନ: ୧୯.୦୫.୨୦୨୫
ଭି. କୁମାରଙ୍କ ଅକାଳ ବିୟୋଗ ଥ୍ରିବେଣୀ ପରିବାରକୁ ମର୍ମାହତ କରିଦେଇଛି।
ସେ ଥିଲେ ଥ୍ରିବେଣୀ ଅର୍ଥ ମୁଭର୍ସ ପ୍ରା. ଲିଃ.ର ଉପସଭାପତି
ତଥା ପରିବାରର ପ୍ରମୁଖ ସଦସ୍ୟ।
ଆମେ ଶୋକସନ୍ତପ୍ତ ପରିବାରକୁ ହୃଦୟରୁ ଗଭୀର ସମବେଦନା ଜ୍ଞାପନ କରୁଛୁ ଏବଂ ଈଶ୍ୱର ପରିବାରକୁ ଏହି ଅପୂରଣୀୟ କ୍ଷତି ସହ୍ୟ କରିବାକୁ ଧୈର୍ଯ୍ୟ ଏବଂ ଶକ୍ତି ପ୍ରଦାନ କରନ୍ତୁ, ଏତିକି ତାଙ୍କ ନିକଟରେ ପ୍ରାର୍ଥନା।
ସେ ଆମ ହୃଦୟ ତଥା ସ୍ମୃତିରେ ସଦାସର୍ବଦା ବିରାଜମାନ କରିବେ।
ତାଙ୍କ ଦୃଢ଼ ନେତୃତ୍ୱ ଚିର ସ୍ମରଣୀୟ।

ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)
ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିଟିଶା, ଅନିରୁଦ୍ଧ, କାମେରନ୍
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍
imfa
Tel: +91 674 2611000 | Email: memoriam@imfa.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିକଳ୍ପ ଶିକ୍ଷାନୀତିର ଖସଡ଼ା ପୁସ୍ତକ ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ୱେତପଦ୍ମ ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଗ୍ରୀଷ୍ମ ପ୍ରବାହ ଉପଲକ୍ଷେ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଏକାମ୍ର ଚନ୍ଦନ ଉତ୍ସବ, ସ୍ଥାନ: ଗୁଆଝର, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ଭାନୁମତୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ମା' ଶୀତଳା ଦେବୀଙ୍କ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ବତିଶ ବେଶ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ, ସ୍ଥାନ: ନିଶିନପୁର, ଭୋଗରାଇ, ସମୟ: ଦିବସବ୍ୟାପୀ।
- ରଥଯାତ୍ରା ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ନୀଳଗିରି, ସମୟ: ସକାଳ ୯ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଉକଣ୍ଢେଇ ବାହାଘର ଉତ୍ସବର ଉଦ୍‌ଘାଟନୀ ପର୍ବ, ମଙ୍ଗଳପାକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଛତାବର, ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ଦକ୍ଷିଣେଶ୍ୱରୀ କାଳୀମନ୍ଦିର ସ୍ୱନକ୍ଷତ୍ର ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଦକ୍ଷିଣେଶ୍ୱରୀ କାଳୀମନ୍ଦିର, ଚାନ୍ଦବାଲି ଏନ୍‌ଏସି, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ଜଗନ୍ନାଥ ମନ୍ଦିର ପରିସର,ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ:ନହରପଦା,ଓ୍ୱାର୍ଡନଂ.୧୧ ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ସତ୍‌ସଙ୍ଗ ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ମଧୁବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିର, ସମୟ : ସକାଳ ୭ଟା ୩୦।

## କେନ୍ଦ୍ରାପଡ଼ା
ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।

ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

## ଯାଜପୁର
ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଳିଙ୍ଗନଗର ଟାଟା ଷ୍ଟିଲର ସମ୍ପ୍ରସାରଣ ପ୍ରକଳ୍ପ ଉଦଘାଟନ: ସ୍ଥାନ : ଦାନଗଦି ତେଲିବାହାଲି ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦.୪୫।

କଳିଙ୍ଗନଗର ଜିଟିଆ ଷ୍ଟିଲ ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ : କଳିଙ୍ଗନଗର ଜିଟିଆ ଷ୍ଟିଲ କାରଖାନା ପରିସର, ସମୟ : ମଧ୍ୟାହ୍ନ ୧୨ଟା।

ଇମ୍ଫା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ। ସ୍ଥାନ : ପ୍ରସ୍ତାବିତ କାରଖାନା ପରିସର,ସମୟ : ଅପରାହ୍ନ ୧୨ଟା ୨୦ ମିନିଟ।

## ରାୟଗଡ଼ା
- ମୁନିଗୁଡା ଭାଜପା ତରଫରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ମୁନିଖୋଲ ପେଟ୍ରୋଲ ପମ୍ପ ପରିସର, ସମୟ: ସକାଳ ୮ଟା ୩୦ ।
- ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହ ରୋକିବାକୁ ନେଇ ଶିଶୁ ପାଇଁ ଦିନିଟିଏ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜବର ଦଖଲ ଉଚ୍ଛେଦ ଅଭିଯାନ, ସ୍ଥାନ: ନନ୍ଦପୁର, ସମୟ: ସକାଳ ୮ଟା।

## ମାଲକାନଗିରି
- ଜିଲାସ୍ତରୀୟ ମତ୍ସ୍ୟଚାଷୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସିନ୍ଧ୍ରିମାଳ ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ ଟା।
- ଦ୍ୱିତୀୟ ପର୍ଯ୍ୟାୟ ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନ, ମାଲକାନଗିରି। ସମୟ: ଅପରାହ୍ନ ୩ ଟା ।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା ।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷ୍ମୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦ ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଜିଲା ବର୍ଷୀୟାନ କ୍ରୀଡ଼ା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା ।
- କଲମ ପରିବାର ପକ୍ଷରୁ ଚିଠି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ସକାଳ ୯ଟା ୩୦ ।

## ବଲାଙ୍ଗୀର
- ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ବଲାଙ୍ଗୀର ଜିଲାସ୍ତରୀୟ ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ବରଗଡ଼
- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ: ଏଇଏମ୍ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## କଳାହାଣ୍ଡି
- ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବିତରଣ, ସ୍ଥାନ: ଭବାନୀପାଟଣା ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଦେବଗଡ଼ ମାରଓ୍ୱାଡ଼ି ଯୁବାମଞ୍ଚ ପକ୍ଷରୁ ନିଶୁଳ୍କ କୃତ୍ରିମ ଅଙ୍ଗଦାନ ଶିବିର, ସ୍ଥାନ: ମାରଓ୍ୱାଡ଼ି ଧର୍ମଶାଳା, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- କେନ୍ଦୁପାଲିରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କେନ୍ଦୁପାଲି ସ୍କୁଲ ସମ୍ମୁଖ, ବୀରମହାରାଜପୁର, ସମୟ: ଅପରାହ୍ନ ୫ଟା।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ପ୍ରାତଃ ୪ଟା ୩୫।

# ଦୂରହେଲା ମାତୃତ୍ୱ ଛୁଟିକୁ ନେଇ ରହିଥିବା ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)**

ଜଣେ ମହିଳା ସରକାରୀ କର୍ମଚାରୀ ୨ଟିରୁ କମ୍ ଜୀବିତ ପିଲାଙ୍କ ପାଇଁ ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି। କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ରହିଥିଲା, ଯାହା ଏବେ ଦୂର ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସେହିପରି ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ସେବାରେ ଯୋଗଦେବା ପରେ ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ୍ୟ ଦ୍ୱନ୍ଦ୍ୱ ରହିଥିଲା। ସେ ସମସ୍ୟା ମଧ୍ୟ ଦୂରହୋଇଛି। ଏହା ସହ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ୍ୟ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି। ସମ୍ଭାବ୍ୟ ପ୍ରସବ ତାରିଖର ୩ ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ୬ ମାସ ମଧ୍ୟରେ ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ ଜଣେ ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥିଲେ ସେ ସରକାରୀ ସେବାରେ ଯୋଗଦେବା ପରେ ତାଙ୍କ ଶିଶୁକୁ ୬ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ଏହି କ୍ଷେତ୍ରରେ ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ। ଜଣେ ମହିଳା ସରକାରୀ କର୍ମଚାରୀ ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ ବା ମୃତ ଶିଶୁ ଜନ୍ମ ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ରହିବ। ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସମ୍ପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କ ଛୁଟି ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ରହିବ। ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଶେଷ ହୋଇଯାଇଥିବ, ତେବେ ସେ ୧୪ ଦିନର ସ୍ୱତନ୍ତ୍ର ଛୁଟି ପାଇବେ। ଯଦି ତାଙ୍କର ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଉଥିବ, ତେବେ ସେ ୧୪ ଦିନରୁ ଯେତିକି ଦିନ ବଳକା ରହିଯାଉଥିବ ସେତିକି ଦିନର ସ୍ୱତନ୍ତ୍ର ଛୁଟି ପାଇବେ। ଦୁଇଟିରୁ କମ୍ ଜୀବିତ ପିଲା ଥିବା ମହିଳାଙ୍କୁ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହି ମାତୃତ୍ୱ ଛୁଟି ପ୍ରଦାନ କରାଯିବ। ଶିଶୁ ପ୍ରସବ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ। ଯଦି ମାତୃତ୍ୱ ଛୁଟି ସମୟରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ତାଙ୍କର ସେହି ଉଚ୍ଚ ପଦରେ ଯୋଗଦାନ ରିପୋର୍ଟ ଯେଉଁଦିନ ଉପଯୁକ୍ତ କର୍ତ୍ତୃପକ୍ଷ ପାଇବେ, ସେହିଦିନ ସେ ସେହି ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ଧରାଯିବ। ସେ ତାଙ୍କ ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ। ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଆ ଶୁଖିଲେ ଥୋଇବୁ କାହିଁ;**
**ରୁଆ ଶୁଖିଲେ ପାଇବୁ ନାହିଁ।**

ବୁଣା ହୋଇଥିବା ଧାନଗଛର ମୂଳ ଶୁଖିଲା ରହିଲେ ଭଲ ଫଳେ ବା ଅମଳ ଭଲ ହୁଏ। ମାତ୍ର ରୁଆ ହୋଇଥିବା ଧାନଗଛର ମୂଳରେ ପାଣି ନ ରହିଲେ ଧାନଗଛ ମରିଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବୋହୂ ସୁନ୍ଦର ବୋଲି ପୂରିଛି ମହୀ,**
**କେହି ନ ଜାଣେ ତାର ଭିତର ଗହୀ।**

ଆକୃତି ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ସହଜରେ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି, ତାହା ଠଉରେଇବା ସାଧ୍ୟ ବାହାରେ। ଉପରକୁ ସୁନ୍ଦର ତଥା ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିର ଅସଲ ସ୍ୱରୂପ ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





# ବାସଭାରାଜୁଙ୍କ ମୃତ୍ୟୁରେ ମାଓବାଦୀ ମୁରବିବିହୀନ

**ନାରାୟଣପୁର(ପି.ଟି.)୨୧।୫**

ଛତିଶଗଡ଼ ପୋଲିସର ଏନ୍‌କାଉଣ୍ଟରରେ ବୁଧବାର ନିହତ ହୋଇଥିବା ସିପିଆଇ-ମାଓଇଷ୍ଟ ଜେନେରାଲ ସେକ୍ରେଟାରି ତଥା ବରିଷ୍ଠ ନେତା ବାସଭାରାଜୁଙ୍କ ମୁଣ୍ଡ ଉପରେ ଦେଢ଼କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତାଙ୍କ ମୃତ୍ୟୁପରେ ମାଓବାଦୀ ସଙ୍ଗଠନ ମୁରବୀବିହୀନ ହୋଇଯାଇଥିବା କୁହାଯାଉଛି। ତେଣୁ ବାସଭାରାଜୁଙ୍କୁ ନେଇ ଏବେ ଚର୍ଚ୍ଚା ଲାଗିରହିଛି। ଛତିଶଗଡ଼ ପୋଲିସ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପୋଲିସ ସହ ସମନ୍ୱୟ ରଖି ବାସଭାରାଜୁଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ୧୫ ଦିନର ବିସ୍ତୃତ ଯୋଜନା ପରେ ଏହି ଅପରେଶନ୍ ଆରମ୍ଭ କରାଯାଇଥିଲା। ରାୟପୁରରୁ ୩୦୦ କି.ମି. ଓ ନାରାୟଣପୁର ଜିଲା ମୁଖ୍ୟାଳୟରୁ ୬୦ କି.ମି. ଦୂର ଅବୁଜମାଡ଼ ଜଙ୍ଗଲରେ ବାସଭାରାଜୁ ରହିଥିବା ସୂଚନା ମିଳିଥିଲା। ବାସଭାରାଜୁ ମାଓଇଷ୍ଟ ସେଣ୍ଟ୍ରାଲ କମିଟି ଏବଂ ପଲିଟ୍‌ବ୍ୟୁରୋ ସଦସ୍ୟ ଥିଲେ। ପିପୁଲ୍ସ ଲିବରେଶନ୍ ଅଫ୍ ଗେରିଲା ଆର୍ମି (ପିଏଲ୍‌ଜିଏ) କ୍ୟାଡର ଓ ମାଡ଼ ଡିଭିଜନ୍ ସଦସ୍ୟ ସବୁବେଳେ ତାଙ୍କୁ ସୁରକ୍ଷା ଦେଇଆସୁଥିଲେ। ଗୋଇନ୍ଦା ସୂଚନା ହସ୍ତଗତ ହେବା ପରେ ତାଙ୍କୁ ଧରିବା ପାଇଁ ବସ୍ତର ଡିଭିଜନ୍ ଅଧୀନ ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର ଓ କୋଣ୍ଡାଗାଁ ଜିଲାର ଡିଆର୍‌ଜି ଟିମ୍‌ଗୁଡ଼ିକୁ ତତ୍ପର କରାଯାଇଥିଲା। ଓର୍ଚ୍ଛାଠାରୁ ୧୫-୨୦ କି.ମି. ଦୂର ଘଞ୍ଚ ଜଙ୍ଗଲ ଭିତରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିବା ପରେ ବନ୍ଧୁକରୁ ଗୁଳି ଫୁଟିବା ଶବ୍ଦ ଆଉ ଶୁଣିବାକୁ ମିଳି ନ ଥିଲା। ଅବୁଝଗଡ଼ରେ ଏହା ଥିଲା ଅଦ୍ୟାବଧି ସବୁଠୁ ବଡ଼ ଏନ୍‌କାଉଣ୍ଟର। ବାସଭାରାଜୁ, ଗଗନା, ପ୍ରକାଶ, ନରସିଂହ ଓ ଦାରପୁ ନରସିଂ ରେଡ୍ଡୀ ଭଳି ଅନେକ ନାମରେ ପରିଚିତ ଥିଲେ ବରିଷ୍ଠ ମାଓବାଦୀ ନେତା କେଶବର ରାଓ। ୧୯୫୫ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଜାନନାପେଟ ଗ୍ରାମରେ ଜନ୍ମିତ ବାସଭାରାଜୁ ଜଣେ ଇଂଜିନିୟରିଂ ସ୍ନାତକ ଥିଲେ। ସେ ବାରାଙ୍ଗଲ ଆଞ୍ଚଳିକ ଇଂଜିନିୟରିଂ କଲେଜ (ବର୍ତ୍ତମାନ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଏନ୍‌ଆଇଟି)ରୁ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ। କଲେଜ ସମୟରେ ସେ ଜଣେ କ୍ରିକେଟର ଥିଲେ ଏବଂ ବାମପନ୍ଥୀ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ୧୯୭୦ ଦଶକରେ ନକ୍ସଲ ଆନ୍ଦୋଳନରେ ଯୋଗଦେଇ ପରେ ସିପିଆଇ (ମାଓବାଦୀ) ର ଶୀର୍ଷ ନେତୃତ୍ୱରେ ସାମିଲ ହୋଇଥିଲେ। ୧୯୮୦ ମସିହାରେ ଶ୍ରୀକାକୁଲମରେ ବାସଭାରାଜୁ ଗିରଫ ହୋଇଥିଲେ। ପରେ ୧୯୮୭ରେ ସେ ବସ୍ତର ଜଙ୍ଗଲରେ ଗେରିଲା ଯୁଦ୍ଧ ଏବଂ ବିସ୍ଫୋରକ ବ୍ୟବହାର ବିଷୟରେ ତାଲିମ ପାଇଥିଲେ। ୨୦୦୪ ମସିହାରେ ବାସଭାରାଜୁଙ୍କୁ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ ସାମରିକ କମିଶନର ମୁଖ୍ୟ କରାଯାଇଥିଲା। ଏହି ଭୂମିକାରେ ସେ ସଙ୍ଗଠନର ସଶସ୍ତ୍ର ଶାଖା, ପିପୁଲ୍ସ ଲିବରେଶନ ଗେରିଲା ଆର୍ମିର ନେତୃତ୍ୱ ନେଇଥିଲେ। ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପ ଏବଂ ରଣନୀତି ପାଇଁ ତାଙ୍କୁ ଦାୟୀ କରାଯାଇଥାଏ। ୨୦୧୮ ନଭେମ୍ବର ମୁପ୍ପାଲ ଲକ୍ଷ୍ମଣ ରାଓ ଓରଫ ଗଣପତିଙ୍କ ଇସ୍ତଫା ପରେ ସେ ସଙ୍ଗଠନର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରି ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ ହୋଇଥିଲେ।

### ମାଓବାଦ ବିରୋଧୀ ଲଢ଼େଇରେ ବଡ଼ ସଫଳତା: ଶାହା

ସିପିଆଇ-ମାଓଇଷ୍ଟ ଜେନେରାଲ ସେକ୍ରେଟାରୀ ତଥା ବରିଷ୍ଠ ନେତା ବାସଭାରାଜୁଙ୍କ ମୃତ୍ୟୁ ପରେ ନକ୍ସଲ ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସୁରକ୍ଷା ବଳକୁ ୩ ଦଶନ୍ଧି ଧରି ମାଓବାଦ ବିରୋଧୀ ଲଢ଼େଇରେ ଏତେ ବଡ଼ ସଫଳତା ମିଳିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ନେଇ ମୋଦି ସରକାରଙ୍କ ଲକ୍ଷ୍ୟ ହାସଲ ହେବାକୁ ଯାଉଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ନିଜ ପୋଷ୍ଟରେ ଲେଖିବା ସହ ଅପରେଶନ୍‌ରେ ସାମିଲ ଯବାନମାନଙ୍କୁ ପ୍ରଶଂସା କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ କହିଛନ୍ତି, ଏହି ଅପରେଶନ୍ ମୁଖ୍ୟତଃ ଡିଆର୍‌ଜି ପକ୍ଷରୁ କରାଯାଇଥିଲା। ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରିବାକୁ ଅପିଲ କରାଯାଇଛି। ସେମାନେ ସମାଜର ମୁଖ୍ୟସ୍ରୋତକୁ ଫେରିଆସିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଗ୍ରହସ୍ଥିତିର ଅନୁକୂଳତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବେ। ବାହାର ଜାଗାରେ ସତର୍କତାର ସହ କାମ ନ କଲେ କ୍ଷତିରେ ପଡ଼ିବେ। ଆନୁଷ୍ଠାନିକ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିପାରନ୍ତି।

**ବୃଷ** - ପାପଗ୍ରହଙ୍କ କବଳରେ ଚନ୍ଦ୍ର ରହିଥିବାରୁ ବିଭିନ୍ନ ବିଷୟରେ ଟେନ୍ସନ ଲାଗିରହିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ଘରୋଇ କଳହକୁ ନେଇ ଅଶାନ୍ତିର ଆଶଙ୍କା ରହିଛି।

**ମିଥୁନ** - ଉଚ୍ଚ ରାଶିରେ ଶୁକ୍ର ରହିଥିବାରୁ ବିଳାସବ୍ୟସନ, ବନ୍ଧୁଙ୍କ ଅଭ୍ୟର୍ଥନା, ବସ୍ତ୍ରାଳଙ୍କାର ପାଇପାରନ୍ତି। ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳାନାରେ ସତର୍କତା ଅବଲମ୍ବନ କରନ୍ତୁ। ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ କରି ପରିବାର ପାଇଁ ସମୟ ଦେଇ ପାରିବେ ନାହିଁ।

**କର୍କଟ** - କେନ୍ଦ୍ରକୋଣାଧିପ ମଙ୍ଗଳଙ୍କ ପ୍ରଭାବରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** - ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବ୍ୟୟବୃଦ୍ଧି ସାଙ୍ଗକୁ ଆକସ୍ମିକ ଯାତ୍ରା ଯୋଗୁ ଅସ୍ଥିରତା ସୃଷ୍ଟି ହେବ। ଅନ୍ୟମାନଙ୍କ ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ହେତୁ ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** - ଶନିଙ୍କ କୁପ୍ରଭାବରୁ ନିଜ ଲୋକଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ। ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ସମ୍ପର୍କକୁ ବିଗାଡିଦେଇପାରେ। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ପୂରଣ ହୋଇଯିବ। ଗାଡ଼ି ମରାମତି, ଘରକୁ ସଜାଡିବା ଏବଂ ଅଟକିଥିବା କାମକୁ ତ୍ୱରାନ୍ୱିତ କରିବାରେ ମନ ଦେଇପାରନ୍ତି ।

**ତୁଳା** - ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରେ ଭ୍ରାତୃସମ୍ପର୍କରେ ଉନ୍ନତି ଏବଂ ରୋଗ, ଋଣ, ଶତ୍ରୁପୀଡ଼ା କମି ଯିବ। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ସମସ୍ୟା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି। ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବା ସାଙ୍ଗକୁ ବ୍ୟବସାୟିକ ସ୍ଥିତି ଉନ୍ନତ ରହିବ।

**ବିଛା** - ଦେବଗୁରୁ ଅଷ୍ଟମସ୍ଥ ହେତୁ ଆର୍ଥିକ ଉନ୍ନତି ହେବ କିନ୍ତୁ ସୁସମ୍ପର୍କରେ ବାଧା ଉପୁଜିପାରେ। ଅନ୍ୟମାନଙ୍କୁ ମନେଇବାକୁ ଯାଇ ବାଚାଳତାପୂର୍ବକ ଅନଧିକାର ଚର୍ଚ୍ଚା କରିବା ଠିକ୍ ହେବ ନାହିଁ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ପାରିବାରିକ ଏବଂ କର୍ମକ୍ଷେତ୍ରରେ ନିରୁତ୍ସାହତା ପରିଲକ୍ଷିତ ହୋଇପାରେ।

**ଧନୁ** - ଅଷ୍ଟମସ୍ଥ ମଙ୍ଗଳଙ୍କ କୁପ୍ରଭାବରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ସମସ୍ୟାଜନିତ ଚିନ୍ତିତ ରହିବେ। ସାମାଜିକ ସ୍ତରରେ ନିଜ ଲୋକଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ଗବେଷଣା, ଲେଖାପଢ଼ାରେ ସୁଫଳ ପାଇବେ। ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କାମ ହାତକୁ ନେବେ।

**ମକର** - ଧନସ୍ଥାନସ୍ଥ ଚନ୍ଦ୍ରଜନିତ ପୂର୍ବର ସ୍ଥିତି ବଦଳି ଯାଇଥିବାରୁ ମନ ହାଲୁକା ରହିବ। ଯାହା କରିବାକୁ ମନସ୍ଥ କରିଛନ୍ତି ବିନା ପ୍ରତିବନ୍ଧକରେ ତାହା ସମ୍ପନ୍ନ କରିବାରେ ସମର୍ଥ ହୋଇପାରିବେ। ବନ୍ଧୁଙ୍କ ମାଧ୍ୟମରେ କୌଣସି ଶୁଭଖବର ପାଇ ମନ ବହୁତ ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି।

**କୁମ୍ଭ** - ନିଜ ରାଶିରେ ଚନ୍ଦ୍ରଙ୍କ ସ୍ଥିତି ଯୋଗୁ ରୋଗପୀଡ଼ା, ଋଣ ପରିଶୋଧ ଏବଂ ଶତ୍ରୁତାକୁ କେନ୍ଦ୍ରକରି ମନ ଅଶାନ୍ତି ରହିବ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। ଜମିଜମା, ମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ମୀନ** - ଗୁରୁଙ୍କ ସ୍ଥିତିରୁ ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ଅସୁବିଧା ରହିବ ନାହିଁ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ମାଲିମକଦ୍ଦମା, ସାଂଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହେବ। ପ୍ରଯୁକ୍ତି ବିଦ୍ୟା, ପ୍ରଶାସନ, ଲୋକ ସମ୍ପର୍କ, ଆଲୋଚନା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଗତି ଘଟିବ।

ଆଜି ମେ ୨୨ ତାରିଖ, ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ, ରାଜା ରାମମୋହନ ରାୟଙ୍କ ଜୟନ୍ତୀ, ଜ୍ୟେଷ୍ଠ କୃଷ୍ଣ ଦଶମୀ ଗୁରୁବାର। ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ.୧୨.୦୭ ଗତେ ମୀନଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ ଓ ଜଳାଶୟ ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ. ୦୫.୧୨ ଗତେ ଘ.୦୬.୦୪ ମଧ୍ୟେ, ଘ.୦୯.୩୩ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୧ ଗତେ ଘ.୦୨.୫୮ ମଧ୍ୟେ ରାହୁ କାଳ ।

DSPL-73

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ମୋହନ ସରକାର
# ସୃଷ୍ଟି ହେବ ନୂଆ ରୋଜଗାର

## କଳିଙ୍ଗ ନଗର, ଯାଜପୁର ଜିଲ୍ଲାରେ ଶିଳ୍ପ ପ୍ରକଳ୍ପ ଗୁଡ଼ିକର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ପ୍ରଦୀପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଡ଼ଃ. ରବୀନ୍ଦ୍ର ନାରାୟଣ ବେହେରା**
ସାଂସଦ, ଯାଜପୁର

**ଉଦ୍‌ଘାଟନ**

ଟାଟା ଷ୍ଟିଲ୍ ଲିମିଟେଡ୍ | ଜେଏସ୍ଏଲ୍ ଗ୍ରୁପ୍ | ଜଟିଆ ଷ୍ଟିଲ୍ ଲିମିଟେଡ୍ | ଆବିସ୍ ଏକ୍ସପୋର୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍

**ଭିତ୍ତିପ୍ରସ୍ତର ସ୍ଥାପନ**

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟସ୍ ଲିମିଟେଡ୍ | ଟାଟା ଷ୍ଟିଲ୍ ଲିମିଟେଡ୍-ଗ୍ରୋଥ୍ ସପ୍
ଆନନ୍ଦ ଏକ୍ସପୋର୍ଟସ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ | ସିରିଅସ୍ ସ୍ପେସାଲିଟି କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ | ଭିସିଆଇ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ସାନ୍ଧୁ ଟ୍ୟୁବ୍ସ ପ୍ରାଇଭେଟ୍ ଲିମିଟେଡ୍ | ସାଇଜର୍ ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ | ଟିଓ୍ୱାଇକେ ସେରାମିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଆଲମାମେଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ରୁଙ୍ଗଟା ଏଜେନ୍ସିସ୍ ପ୍ରାଇଭେଟ୍ ଲିମିଟେଡ୍ | ନିଓ ଇଣ୍ଡଷ୍ଟ୍ରିଜ୍ ମେଟାଲ୍ ପ୍ରୋସେସିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍
କୋରଓ୍ୱିୟାର ସରଫେସ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ | ପ୍ଲାଷ୍ଟୋକେମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଏମ୍ପାୟାର ଅଟୋ ପ୍ରାଇଭେଟ୍ ଲିମିଟେଡ୍ | ଲାଲ୍‌ଚାନ୍ଦ୍ ଆଣ୍ଡ ସନ୍ସ୍ | ଏସ୍‌କେଆର୍‌କେ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍
ଗ୍ଲୋକ୍ ଫ୍ଲୁଇଡ୍ କନେକ୍ଟରସ୍ ପ୍ରାଇଭେଟ୍ ଲିମିଟେଡ୍ | ଲେକଲର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍

**୩୫,୦୦୦ ରୁ ଅଧିକ ନିଯୁକ୍ତି ର ସୁଯୋଗ | ୧,୧୫,୦୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ**

**୨୨ ମେ ୨୦୨୫ । ଦିବା ୧୦ଘଟିକା । କଳିଙ୍ଗ ନଗର, ଯାଜପୁର, ଓଡ଼ିଶା**

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

OIPR-14005/13/0057/2526


# ସମୃଦ୍ଧିର ଦର୍ଶନ



ଦେବଦତ୍ତ ପଟ୍ଟନାୟକ

ଭାରତରେ ଏବେ ସାମାଜିକ କାର୍ଯ୍ୟକଳାପ ଓ ଜାତିବିରୋଧୀ ଅଭିଯାନଗୁଡ଼ିକ ସହ ବୌଦ୍ଧଧର୍ମକୁ ଦୃଢ଼ ଭାବେ ଯୋଡ଼ାଯାଉଛି। କିନ୍ତୁ ଦେଖିବାକୁ ଗଲେ ସମ୍ରାଟ ଅଶୋକଙ୍କ ଶାସନକାଳ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ପାଳ ଶାସନ ଅର୍ଥାତ୍ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିବା ବୌଦ୍ଧଧର୍ମର ବ୍ୟବସାୟିକ କ୍ଷେତ୍ର ସହ ଗଭୀର ସମ୍ପର୍କ ରହିଥିଲା। କେବଳ ଏତିକି ନୁହେଁ, ଏକ ବାଣିଜ୍ୟିକ ଗୋଷ୍ଠୀର ନେତା ଭାବେ ବୁଦ୍ଧଙ୍କ କାବ୍ୟାତ୍ମକ ଢଙ୍ଗରେ ବର୍ଣ୍ଣନା କରାଯାଇଥିଲା। ଆମକୁ କୁହାଯାଇଛି ଯେ, ବୁଦ୍ଧ ଜ୍ଞାନପ୍ରାପ୍ତି ହେବା ସମୟରେ ତାଙ୍କୁ ଦୁଇଜଣ ବଣିକ ଖାଦ୍ୟ ଦେଉଥିଲେ। ଏଥିରେ ବୁଦ୍ଧ ସନ୍ତୁଷ୍ଟ ହୋଇ ସେମାନଙ୍କୁ ସୁନ୍ଦରଭାବେ ସାଇତାହୋଇ ରଖାଯାଇଥିବା ଏକ ଢିଲା ଓ ଲମ୍ବା ପୋଷାକ ଦେଇଥିଲେ ଏବଂ ଉପରେ ସେ ଏକ ଗିନାକୁ ଓଲଟାଇ ରଖିଥିଲେ, ଯାହା ସ୍ତୁପ ନିର୍ମାଣକୁ ଉତ୍ସାହିତ କରିଥିଲା। ଏଭଳି ସ୍ତୁପ ଆମେ ଏବେ ଚାରିଆଡ଼େ ଦେଖିବାକୁ ପାଉଛୁ। ଆଉ ଜଣେ ବଣିକ ପ୍ରସିଦ୍ଧ ଜିତବନ ବିହାର ବା ମଠ ଦାନ କରିଥିଲେ। ପରେ ଏହାକୁ ବୁଦ୍ଧଙ୍କୁ ଉପହାର ଭାବେ ପ୍ରଦାନ କରାଯାଇଥିଲା ଏବଂ ଏହି ଦାନଶୀଳତା ପାଇଁ ସେହି ବ୍ୟବସାୟୀ ବେଶ୍ ଜଣାଶୁଣା। ଏହାସହ ଜଣେ ମହିଳା ମଧ୍ୟ ବୁଦ୍ଧଙ୍କୁ ଆଉ ଏକ ମଠ ଉପହାରସ୍ୱରୂପ ଦେଇଥିଲେ ଏବଂ ସେହି ମହିଳା ହେଉଛନ୍ତି ଏକ ବ୍ୟବସାୟ ପରିବାରର ସଦସ୍ୟା। ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଏବଂ ଏପରିକି ତାଙ୍କ ଶ୍ୱଶୁରଙ୍କୁ ମଧ୍ୟ ଜୈନଧର୍ମରୁ ବୌଦ୍ଧଧର୍ମକୁ ଆଣିପାରିଥିଲେ। ତୃତୀୟରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ରଚିତ ତାମିଲ କାବ୍ୟରେ ବୌଦ୍ଧ ସଂସ୍ଥାଗୁଡ଼ିକୁ ଦାନ କରିଥିବା ଧନୀ ବୌଦ୍ଧ ବଣିକ ଓ ପାରିଷଦଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି।

ଆମେ ବୌଦ୍ଧଧର୍ମ କଥା କହିଲାବେଳେ ବହୁ ସମୟରେ ଅନ୍ୟ ସାଂସାରିକ ବିଷୟ ଚିନ୍ତାକରୁ। ତେବେ ଭାରତରେ ପୁରାତନ ସ୍ଥାପତ୍ୟ ଓ ପ୍ରସ୍ତର ପ୍ରତିମା ନିର୍ମାଣ ପାଇଁ ବୌଦ୍ଧଧର୍ମାବଲମ୍ବୀ ବଣିକମାନେ ଅର୍ଥ ଯୋଗାଇଥିଲେ। ଏହିସବୁ କୀର୍ତ୍ତିରାଜି ବାଣିଜ୍ୟ ମାର୍ଗଗୁଡ଼ିକରେ ହିଁ ଦେଖିବାକୁ ମିଳେ। ଉଦାହରଣସ୍ୱରୂପ, ଗୋଦାବରୀ ଓ କୃଷ୍ଣା ନଦୀ ଅବବାହିକାର ସମୃଦ୍ଧ କୃଷିକ୍ଷେତ୍ର ସହ କୋଙ୍କଣ ଉପକୂଳରେ ଥିବା ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ରାଜପଥ କଡ଼ରେ ମହାରାଷ୍ଟ୍ରର ୫୦୦ରୁ ଊର୍ଦ୍ଧ୍ୱ ଗୁମ୍ଫା ଦେଖିବାକୁ ମିଳେ। ଏହି ଗୁମ୍ଫାଗୁଡ଼ିକୁ ପଥର କାଟି କରାଯାଇଥିଲା। ଏହାସହ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ଏବଂ ମଥୁରାରୁ ଉତ୍ତର ପାକିସ୍ତାନର ସ୍ୱାତ ଉପତ୍ୟକାକୁ ସଂଯୋଗ କରୁଥିବା ଉତ୍ତରାଞ୍ଚଳ ବାଣିଜ୍ୟପଥରେ ମଧ୍ୟ ଅନ୍ୟ ସବୁ ବୌଦ୍ଧମଠ ଦେଖିବାକୁ ମିଳେ। ଏହିସବୁ ସ୍ଥାନରେ ବୌଦ୍ଧ କଳା ଏବଂ ସ୍ଥାପତ୍ୟ ଆମେ ଦେଖିବାକୁ ପାଇଥାଉ ଏବଂ ସେଗୁଡ଼ିକ ପ୍ରମୁଖ



ବାଣିଜ୍ୟପଥ ଥିଲା। ଏହା ମାଧ୍ୟମରେ ଭାରତରୁ ସୌଖୀନ ଜିନିଷଗୁଡ଼ିକ ପୃଥିବୀର ବିଭିନ୍ନ ସ୍ଥାନକୁ ଯାଉଥିଲା ଏବଂ ବିନିମୟରେ ସୁନା ଅଣାଯାଉଥିଲା। ପ୍ରକୃତରେ ତିବ୍ବତ ସୁନା ଓ ଦାନଯୁକ୍ତ ଲୁଣ ଅଣାଯାଉଥିଲା। ନେପାଳରୁ ତିବ୍ବତକୁ ସଂଯୋଗ କରୁଥିବା ରାଜପଥ ଦେଇ ସୁନା ଅଣାଯାଉଥିଲା ଏବଂ ଏହା ହେଉଛି ସେହିସବୁ ପଥ, ଯାହା ବାଟଦେଇ ବୌଦ୍ଧଧର୍ମ ତିବ୍ବତରେ ପହଞ୍ଚିଥିଲା। ବ୍ୟବସାୟୀମାନେ ବୌଦ୍ଧଧର୍ମ ପ୍ରଚାରରେ ଏକ ପ୍ରମୁଖ ଭୂମିକା ନେଇଥିଲେ। ବୁଦ୍ଧ ଦକ୍ଷିଣପୂର୍ବ ଏସିଆ ଦେଶଗୁଡ଼ିକୁ ଯାତ୍ରା କରିଥିଲେ। ସେହିସବୁ ଦେଶଗୁଡ଼ିକୁ ନଦୀପଥ ଦେଇ ବୌଦ୍ଧଧର୍ମ ପ୍ରସାର ହୋଇଥିବା ଦେଖାଯାଏ। ସେଠାକୁ ମଧ୍ୟ ସମୁଦ୍ରପଥ ଦେଇ ମୌସୁମୀ ପବନ ସହାୟତାରେ ବଣିକମାନେ ବାରମ୍ବାର ଯାଉଥିଲେ। ସାମଗ୍ରୀ ସଂଗ୍ରହ ଓ ବିନିମୟ ପାଇଁ ବୌଦ୍ଧକ୍ଷେତ୍ରଗୁଡ଼ିକ ପ୍ରସିଦ୍ଧ ଥିଲେ। ଦକ୍ଷିଣପୂର୍ବ ଏସିଆରୁ ସୁଗନ୍ଧିତ ଗଛ ଓ ମସଲା, ସୁନା ଓ ରୁପା ଆସୁଥିଲା ଏବଂ ଏହା ବଦଳରେ ଦକ୍ଷିଣ ଏସିଆରୁ ବୟନ ସାମଗ୍ରୀ ଓ ଘୋଡ଼ା ଦକ୍ଷିଣ ପୂର୍ବ ଏସିଆକୁ ଯାଉଥିଲା।

ବୋଧିସତ୍ତ୍ୱ କିମ୍ବା ମୋକ୍ଷପ୍ରାପ୍ତି ମାର୍ଗରେ ଥିବା ବ୍ୟବସାୟୀଙ୍କ ସମ୍ପର୍କରେ ଜାତକ କାହାଣୀ (ବୁଦ୍ଧଙ୍କ ସମ୍ପର୍କିତ କଥା) ଶଗୁଡ଼ିକରେ ପ୍ରାୟ ୧୦ ପ୍ରତିଶତ ବର୍ଣ୍ଣନା ରହିଛି। ସେମାନେ ନିଷ୍ପକ୍ଷତା, ବିପଦକୁ ସମ୍ମୁଖୀନ ହେବାର କ୍ଷମତା, ଦୃଢ଼ତା ଏବଂ ତ୍ୱରିତ ବିଚାରକୁ ଉତ୍ସାହିତ କରିବାକୁ ଚାହାନ୍ତି, ଯାହାସବୁ ଜଣେ ସଫଳ ବଣିକର ଗୁଣ ସହ ସମାନ। ସମୁଦ୍ରପଥରେ ଯାତ୍ରା କରୁଥିବା ଦକ୍ଷିଣପୂର୍ବ ଏସିଆର ବଣିକମାନେ ବୋଧିସତ୍ତ୍ୱ ଅବଲୋକିତେଶ୍ୱରଙ୍କ ପୂଜାର ପ୍ରଚାର ପ୍ରସାର କରିଥିଲେ। ବଣିକମାନେ ସମୁଦ୍ରପଥରେ କିମ୍ବା ବହୁ ସମୟରେ ସ୍ଥଳପଥରେ ଯାତ୍ରା କରିବା ସମୟରେ ସମ୍ମୁଖୀନ ହେଉଥିବା ବିପଦ ଯଥା ଦାସତ୍ୱ, ହିଂସ୍ରପ୍ରାଣୀଙ୍କ ଆକ୍ରମଣ, ଭୂତ, ଜାହାଜ ଦୁର୍ଘଟଣା ଓ ଚୋରି ଭୟ ଆଦିରୁ ଅବଲୋକିତେଶ୍ୱର ରକ୍ଷା କରିବେ ବୋଲି ସେମାନେ ମନେକରୁଥିଲେ। କେନ୍ଦ୍ର ଏସିଆର ବାଣିଜ୍ୟ ପଥଗୁଡ଼ିକ ପାର୍ଶ୍ୱରେ ଠିଆ ହୋଇଥିବା ଏବଂ ବସିଥିବା ବିରାଟକାୟ ବୁଦ୍ଧଙ୍କ ମୂର୍ତ୍ତି ଖୋଦେଇ କରାଯାଇଥିଲା। ଏହା ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ବଣିକମାନଙ୍କ ଲାଭ ପାଇଁ କରାଯାଇଥିଲା। ବିଶେଷକରି ସୁରକ୍ଷା ଭାବନା ଉଦ୍ରେକ କରିବା ସହ ବାଣିଜ୍ୟପଥର ଦିଗ ନିର୍ଣ୍ଣୟରେ ଏସବୁ ସ୍ଥାନ ସାହାଯ୍ୟ କରୁଥିଲା। ମୋଟ୍ ଉପରେ ଏସବୁ ଥିଲା ବାଣିଜ୍ୟିକ ଆଶାର ପ୍ରେରକ ତଥା ପ୍ରତୀକ।

ବୌଦ୍ଧମଠଗୁଡ଼ିକ ବ୍ୟବସାୟୀଙ୍କୁ ଆଶ୍ରୟ ଦେବାରେ ପ୍ରମୁଖ ଭୂମିକା ନେଉଥିଲା। ସେଠାରେ ସେମାନଙ୍କୁ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଉଥିଲା। ସେଠାରେ ଭାଷାର ଅନୁବାଦ, ଯୋଗାଯୋଗ ତଥା ଆର୍ଥିକ କାରବାର ଆୟ ବ୍ୟୟ ହିସାବ ଏବଂ ଋଣ ଯୋଗାଇଦେବାର ବ୍ୟବସ୍ଥା ରହିଥିଲା। କହିବାକୁ ଗଲେ ମଠଗୁଡ଼ିକ ବିତ୍ତୀୟ ଅନୁଷ୍ଠାନ ପାଲଟିଯାଇଥିଲା। ବୌଦ୍ଧ ସନ୍ନ୍ୟାସୀମାନଙ୍କ ଧନ ଏବଂ ଆକାଉଣ୍ଟ ପରିଚାଳନା ସମ୍ପର୍କିତ କାହାଣୀସବୁ ବୌଦ୍ଧ ପୁସ୍ତକଗୁଡ଼ିକରେ ବି ଭରି ରହିଛି। ବିଶେଷକରି ସନ୍ନ୍ୟାସୀମାନଙ୍କ ମୃତ୍ୟୁ ପରେ ଏସବୁ ଉଲ୍ଲେଖ କରାଯାଇଥିଲା। ବୌଦ୍ଧଧର୍ମ ଥିଲା ସମୃଦ୍ଧିର ଦର୍ଶନ ବା ସିଦ୍ଧାନ୍ତ। କେନ୍ଦ୍ର ଏସିଆରୁ ଦକ୍ଷିଣ ଏସିଆ ବାଟ ଦେଇ ଦକ୍ଷିଣ-ପୂର୍ବ ଏସିଆ ପର୍ଯ୍ୟନ୍ତ ବାଣିଜ୍ୟପଥଗୁଡ଼ିକର ବିକାଶ ଓ ବିସ୍ତାର ସହ ବୌଦ୍ଧଧର୍ମର ଗଭୀର ସମ୍ପର୍କ ରହିଥିଲା। ବୌଦ୍ଧଧର୍ମର ଏହି ଦୃଷ୍ଟିକୋଣ ସାମ୍ନାକୁ ଆସିବା ଦରକାର। କେବଳ ଜଣେ ସନ୍ନ୍ୟାସୀ ଭାବେ ବୁଦ୍ଧ ସବୁକିଛି ତ୍ୟାଗ କରିଦେଇଥିଲେ ବୋଲି ଊନବିଂଶ ଶତାବ୍ଦୀରେ ଯେଉଁ ଅବଧାରଣା ରହିଛି, ତାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ବାସ୍ତବରେ ବୌଦ୍ଧ ନୀତିବାଣୀ କର୍ମ ସମ୍ପର୍କରେ କହେ, ଯାହାର ପ୍ରାରବ୍ଧ ଅର୍ଥାତ୍ ଭଲ ଓ ମନ୍ଦ କର୍ମ ଏବଂ ତାହାର ଫଳ ସହ ସମ୍ପର୍କ ରହିଛି। ଆମକୁ କୁହାଯାଇଛି ଯେ, ଜଣେ କେବଳ ଅତୀତର ଭଲ କର୍ମ ବା ସଫଳତାର ଲାଭ ଏବେ ଉପଭୋଗ କରିବା ଉଚିତ ନୁହେଁ, ବରଂ ଭବିଷ୍ୟତରେ କିଭଳି ଭଲ ଫଳ ପାଇବା ସେଥିପାଇଁ ଏବେ ଭଲ କର୍ମ(ନିବେଶ) କରିବା ଦରକାର। ଏହି ଭଲ କର୍ମ ବା ନିବେଶ ଉଦାରତା, ମନ୍ଦିର ଓ ମଠ ଗଢ଼ିବା ତଥା ବିଭିନ୍ନ ସଂସ୍ଥାକୁ ଦାନଦେବା ସହ ଜଡ଼ିତ। ବୌଦ୍ଧ ନୀତିବାଣୀ ଅନୁଯାୟୀ, ମୋକ୍ଷପଥର ଅନୁଗାମୀ ହେବା କିମ୍ବା ଏକ ମହତ୍ତ୍ୱପୂର୍ଣ୍ଣ ଜୀବନ ଜିଇବା ସକାଶେ ଦାନର ଗୁରୁତ୍ୱ ରହିଛି। ଏ ଦୃଷ୍ଟିରୁ ବ୍ୟବସାୟୀମାନେ ଦାନକରି ଧନୀ ହୋଇଛନ୍ତି। ଏହାସହ ବ୍ୟବସାୟୀ ଓ ମଠଗୁଡ଼ିକୁ ସାହାଯ୍ୟକରି ରାଜାମାନେ କ୍ଷମତାଶାଳୀ ହେବାସହ ରାଜକାର୍ଯ୍ୟରେ ସଫଳ ହୋଇଛନ୍ତି। ବୌଦ୍ଧଧର୍ମର ପ୍ରଭାବ ଧୀରେ ଧୀରେ କ୍ଷୀଣ ହୋଇ ହିନ୍ଦୁଧର୍ମର ଉତ୍ଥାନ ହେବାରୁ ଏହିସବୁ ସିଦ୍ଧାନ୍ତଗୁଡ଼ିକ ମନ୍ଦିର ସଂସ୍କୃତିର ଅଂଶ ପାଲଟିଗଲା। ଦେବୀ ବସୁନ୍ଧରା କିମ୍ବା ଧନ ଦେବୀ ପ୍ରଥମେ ବୌଦ୍ଧଧର୍ମର କଳାରେ ପ୍ରକାଶ ପାଇଥିଲା ଏବଂ ପରେ ହିନ୍ଦୁ ପରମ୍ପରାରେ ଦେବୀ ଲକ୍ଷ୍ମୀ ହୋଇଗଲା। ସେ ଶ୍ରୀଦେବୀ ଓ ଭୂଦେବୀ ରୂପେ ବିଷ୍ଣୁଙ୍କ ସହ ବସିଛନ୍ତି। ଶ୍ରୀଦେବୀ ଅର୍ଥ ଆଗମନକୁ ସୂଚିତ କରୁଥିବାବେଳେ ଭୂଦେବୀ ଧନସମ୍ପତ୍ତି ବୃଦ୍ଧିର ପ୍ରତିନିଧିତ୍ୱ କରିଥାନ୍ତି।

-devduttofficial@gmail.com

# ଶ୍ରବଣ କୁମାର କାହାଣୀ କେତେ ଜରୁରୀ



ଚିନ୍ମୟୀ ପଣ୍ଡା

ଆଜିକାଲି ପିଲାମାନଙ୍କ ବୌଦ୍ଧିକ ଓ ମନସ୍ତାତ୍ତ୍ୱିକ ଏବଂ ଶାରୀରିକ ବିକାଶ ସହ ସାଂସ୍କୃତିକ ଓ ବ୍ୟବହାରିକ ସ୍ତରରେ ମଧ୍ୟ ବିକାଶ ହେବା ଆବଶ୍ୟକତା ପରିଲକ୍ଷିତ ହୁଏ। ଆମ ପୁରାଣମାନଙ୍କରେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମୋ ମତରେ ସେହି ସମାଜର ଏକ ବୈଶିଷ୍ଟ୍ୟ ରହିଥିଲା।

ଶ୍ରବଣ କୁମାର ନିଜର ଅନ୍ଧ ମାତାପିତାଙ୍କୁ କାନ୍ଧରେ କାଉଡ଼ିରେ ବୋହି ତୀର୍ଥଯାତ୍ରା କରାଇଥିଲେ, ଯାହା ତାଙ୍କର ଗଭୀର ଭକ୍ତି ଓ ତ୍ୟାଗର ପରିଚୟ ଦିଏ। ଏହା ତାଙ୍କର ନିଜ ସୁଖ ଓ ଆରାମକୁ ବିସର୍ଜନ ଦେଇ ପିତାମାତାଙ୍କ ଇଚ୍ଛା ପୂରଣ କରିବାର ଅନନ୍ୟ ଦୃଷ୍ଟାନ୍ତ। ତାଙ୍କର ଏହି କାର୍ଯ୍ୟ ପିତୃଭକ୍ତି ଓ ମାତୃଭକ୍ତିର ଏକ ଆଦର୍ଶ ସ୍ଥାପନ କରେ, ଯାହା ଆମ ସମାଜର ଦୁଇ ପିଢ଼ି ସହ ସାମଞ୍ଜସ୍ୟ ରଖିବାରେ ସାହାଯ୍ୟ କରେ।

ଶ୍ରବଣଙ୍କ ଭକ୍ତି କେବଳ ଭାବନାରେ ସୀମିତ ନ ଥିଲା; ଏହା କର୍ମରେ ପ୍ରକାଶ ପାଇଥିଲା। ସେ ନିଜ ମାତାପିତାଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କର ଏହି ନିଷ୍ଠା ଦର୍ଶାଇଥାଏ ଯେ ଭକ୍ତି କେବଳ ଶବ୍ଦରେ ନୁହେଁ, କାର୍ଯ୍ୟରେ ମଧ୍ୟ ପ୍ରମାଣିତ ହେବା ଉଚିତ। କଅଁଳ ବୟସର ଶିଶୁ ମନରେ ଯଦି ଏହି ଉଦ୍ଦେଶ୍ୟ ଓ ସମର୍ପଣ ଭାବ ଆମେ ଉଜାଗର କରିପାରିବା ତା' ହେଲେ ସାରା ଜୀବନ ସେ ଏହା ପାଳନ କରିବେ। କେବଳ ମାତାପିତା ନୁହେଁ, ବରଂ ସେହି ବୟସର ଲୋକଙ୍କ ପ୍ରତି ସମ୍ମାନ ଓ ଦାୟିତ୍ୱବାନ୍ ହେବା ଶିଖିବେ। ମାତାପିତାଙ୍କୁ କାନ୍ଧରେ ବୋହି ଦୂରଦୂରାନ୍ତର ଯାତ୍ରା କରିବା ଅତ୍ୟନ୍ତ ଶାରୀରିକ ଓ ମାନସିକ ଶ୍ରମଦାୟକ ଥିଲା। ଶ୍ରବଣଙ୍କର ଏହି ସହନଶୀଳତା ଓ ଧୈର୍ଯ୍ୟ ତାଙ୍କ ଭକ୍ତିର ଗଭୀରତାକୁ ପ୍ରତିଫଳିତ କରେ। ତେଣୁ ଜୀବନର ପ୍ରାଥମିକ ସ୍ତରରୁ ଏହି ଶିକ୍ଷା ଅତ୍ୟନ୍ତ ଉପଯୋଗୀ।

ଶ୍ରବଣଙ୍କ ଭକ୍ତି କେବଳ ଭୌତିକ ସେବାରେ ସୀମିତ ନ ଥିଲା; ଏହା ଆଧ୍ୟାତ୍ମିକ ମୂଲ୍ୟବୋଧ ସହ ଜଡ଼ିତ ଥିଲା। ତାଙ୍କ ମାତାପିତାଙ୍କୁ ତୀର୍ଥଯାତ୍ରା କରାଇବା ଏକ ପବିତ୍ର କାର୍ଯ୍ୟ ଥିଲା, ଯାହା ଧର୍ମ ଓ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଶ୍ରଦ୍ଧାକୁ ଦର୍ଶାଇଥାଏ। ଏହା ଶିଶୁ ଅବସ୍ଥାରୁ ଶିଖାଇଥାଏ ଆମେ କ'ଣ କରିବା ଓ ନ କରିବା କଥା। ଆଧ୍ୟାତ୍ମିକ ଆଦର୍ଶରେ ଅନୁପ୍ରାଣିତ ଶିଶୁ, ଯୁବ ଅବସ୍ଥାରେ ସାମାଜିକ ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରନ୍ତି। ଯୁବଗୋଷ୍ଠୀଙ୍କ ଉଚ୍ଛୃଙ୍ଖଳ ହେବା, ନିଶାଦି ଦ୍ରବ୍ୟ ସେବନ କରିବା ସମାଜ ପାଇଁ ହାନିକାରକ। ଶ୍ରବଣଙ୍କ ଭକ୍ତି ସମାଜ ପାଇଁ ଏକ ଆଦର୍ଶ ସ୍ଥାପନ କରେ। ତାଙ୍କ କାହାଣୀ ଯୁବପିଢ଼ିଙ୍କୁ ପରିବାର ଓ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିଥାଏ। ଏହା ସମାଜରେ ସହାନୁଭୂତି, ସେବା ଓ ସମ୍ମାନର ମନୋଭାବକୁ ପ୍ରୋତ୍ସାହିତ କରିଥାଏ, ଯାହା ସାମାଜିକ ସଂହତି ପାଇଁ ଆବଶ୍ୟକ।

ଶ୍ରବଣ ନିଜର ସୁଖ, ଆରାମ ଓ ବ୍ୟକ୍ତିଗତ ଇଚ୍ଛାକୁ ତ୍ୟାଗକରି ମାତାପିତାଙ୍କ ସେବାକୁ ଅଗ୍ରାଧିକାର ଦେଇଥିଲେ। ଏହି ତ୍ୟାଗ ତାଙ୍କ ଭକ୍ତିର ମୂଳ ଆଧାର ଥିଲା। ଏହି ତ୍ୟାଗ ପରିବାର ଓ ସମାଜ ପାଇଁ ଯେ ଅମୂଲ୍ୟ ନିଧି ସଦୃଶ, ସେଥିରେ ସନ୍ଦେହ ନାହିଁ। ସ୍ୱାର୍ଥପର ସମାଜରେ ଏହା ନିଃସ୍ୱାର୍ଥପର ହେବା ପାଇଁ ଏକ ଆହ୍ୱାନ ଦେଇଥାଏ। ଏହା ଆମକୁ ଶିଖାଇଥାଏ ଯେ ପ୍ରକୃତ ଭକ୍ତି ନିଜର ସ୍ୱାର୍ଥକୁ ପରିତ୍ୟାଗ କରି ଅନ୍ୟଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାରେ ନିହିତ।

ଶ୍ରବଣ କୁମାରଙ୍କ ଭକ୍ତି କେବଳ ମାତାପିତାଙ୍କ ପ୍ରତି ସେବାରେ ସୀମିତ ନ ଥିଲା; ଏହା ନିଷ୍ଠା, ତ୍ୟାଗ, ଧୈର୍ଯ୍ୟ, ଆଧ୍ୟାତ୍ମିକତା ଓ ସାମାଜିକ ଦାୟିତ୍ୱର ଏକ ସମନ୍ୱିତ ରୂପ। ଏହା ଆଜିର ସମୟରେ ମଧ୍ୟ ପରିବାର ଓ ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ କରିବାରେ ପ୍ରେରଣା ଯୋଗାଇଥାଏ। ଶ୍ରବଣଙ୍କ ଭକ୍ତିର ବିସ୍ତାର ଏକ ନୈତିକ ଓ ଆଧ୍ୟାତ୍ମିକ ଆଦର୍ଶ ସ୍ଥାପନ କରେ, ଯାହାର ସବୁ ଯୁଗରେ ପ୍ରାସଙ୍ଗିକ ରହିଛି। ତେଣୁ ପିଲାଙ୍କୁ ଆମେ ଶ୍ରବଣ କୁମାର କାହାଣୀ ଶୁଣାଇବା ଦରକାର।

ଆଇଆର୍‌ସି ଭିଲେଜ,
ନୂଆପଲ୍ଲୀ, ଭୁବନେଶ୍ୱର
ମୋ: ୯୮୬୧୧୯୧୯୬୯

## ଏଇ ଭାରତରେ

ସକାଳ ହେଲେ ରାସ୍ତାକଡ଼ ଚା' ଦୋକାନ ଖୋଲିଯାଏ ଓ ଲୋକଙ୍କ ଭିଡ଼ ଜମେ। ଲୋକଙ୍କୁ ଚା' ଦେବା ପାଇଁ ଦୋକାନୀ ବ୍ୟସ୍ତ ହୋଇଯାନ୍ତି ଓ ତାଙ୍କ କର୍ମଚାରୀମାନେ ମଧ୍ୟ କାମରେ ଲାଗିପଡ଼ନ୍ତି। କିନ୍ତୁ ପଶ୍ଚିମବଙ୍ଗ ସାମପୁରରେ ଏଭଳି ଏକ ଚା' ଦୋକାନ ଅଛି, ଯାହା ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହି ଦୋକାନରେ ମାଲିକ ଅଶୋକ ଚକ୍ରବର୍ତ୍ତୀ ନାମକୁମାତ୍ର। ଏଠାରେ କୌଣସି କର୍ମଚାରୀ ନାହାନ୍ତି କି କାହାକୁ ବେତନ ଦିଆଯାଏ ନାହିଁ। ସ୍ଥାନୀୟ ଲୋକେ ଏହି ଦୋକାନ ଚଳାନ୍ତି। ୧୦୦ ବର୍ଷର ପୁରୁଣା ଏହି ଚା' ଦୋକାନ କେବଳ ବିଶ୍ୱାସରେ ହିଁ ଚାଲିଛି। ସକାଳେ ଅଶୋକ ଦୋକାନ ଖୋଲିବା ପରେ ସନ୍ଧ୍ୟା ୭ଟା ଯାଏ ଖୋଲାରୁହେ। ସ୍ଥାନୀୟ ଲୋକେ ପ୍ରାୟତଃ ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତି ଉକ୍ତ ଦୋକାନକୁ ଆସି ନିଜେ ଚା'କରି ପିଅନ୍ତି ଏବଂ ସେଠାକୁ ଆସୁଥିବା ଅନ୍ୟମାନଙ୍କୁ ଚା' ଦିଅନ୍ତି ଓ ଟଙ୍କା ରଖନ୍ତି। ଏପରିକି ବାସନ ମଧ୍ୟ ସଫା କରିଥାନ୍ତି। ବନ୍ଦ ହେବାଯାଏ ଧାରାରେ ଚାଲେ ଦୋକାନ। ଶହେବର୍ଷ ମଧ୍ୟରେ ବାକି ରହିବା କିମ୍ବା ବାକି ଦେବା ଦେଖିବାକୁ ମିଳିନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୨ ମେ ୧୯୭୬

- ସ୍ୱଳ୍ପ ଆୟକାରୀ ଓ ମଧ୍ୟମ ଆୟକାରୀ ଲୋକଙ୍କୁ ବାସଗୃହ ନିର୍ମାଣର ସୁବିଧା ପାଇଁ ରାଜ୍ୟ ସରକାର ୧୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- କେନ୍ଦ୍ର ଆଇନ ମନ୍ତ୍ରୀ ଏଚ୍. ଆର ଗୋଖଲେ ଲୋକସଭାରେ ତିନି ପ୍ରକାର ଉଦ୍ଦେଶ୍ୟ ସମ୍ବଳିତ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି।
- ଉଜ୍‌ବେକିସ୍ତାନର ଉତ୍ତର ପଶ୍ଚିମ ଅଞ୍ଚଳରେ ଘଟିଥିବା ପ୍ରବଳ ଭୂମିକମ୍ପରେ ୧୦ ହଜାରରୁ ଅଧିକ ଲୋକ ଗୃହଶୂନ୍ୟ।

# ଏସୀୟ ଏକତାର ବେଳ ଆସିଛି



ହରେକୃଷ୍ଣ ପଣ୍ଡା

ପହଲଗାମ୍ ଆତଙ୍କବାଦ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଭାରତ ଆରମ୍ଭ କରିଥିବା ଅପରେଶନ ସିନ୍ଦୂର ଏସୀୟ ରାଜନୀତିକୁ ସ୍ପଷ୍ଟ କରିଦେଇଛି। ଭାରତ ତା'ର ସାମରିକ ଶକ୍ତି ପ୍ରଦର୍ଶନ କରି ପ୍ରାଚ୍ୟ, ପାଶ୍ଚାତ୍ୟ, ତଥା ଏସୀୟ ରାଷ୍ଟ୍ରଗୁଡିକୁ ବିସ୍ମିତ କରିଦେଇଛି। ଭାରତର ବାୟୁସେନାଙ୍କ ପରାକ୍ରମକୁ ଆମେରିକା, ଚାଇନା ସହ୍ୟ କରିପାରୁନି। ତେବେ ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ଚାଇନା ସିଧାସଳଖ ସମର୍ଥନ ଓ ସାମରିକ ସହଯୋଗ କରି ନିଜର ଅସଲ ଚେହେରା ଦେଖାଇଛି। କଥାରେ ଅଛି ''ସର୍ପ କୂଳେ କଲୁ ଜାତ, ସ୍ୱଭାବ ଛାଡିବି କେମନ୍ତ''? ତେଣୁ ବିଚାର କରାଯାଇପାରେ, ଆମେରିକା ହେଉ କିମ୍ବା ଚାଇନା ବା ପାକିସ୍ତାନ ହେଉ ତାଙ୍କୁ ବିଶ୍ୱାସ କରାଯିବା ଭୁଲ୍। ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିବା ଲାଗି ଚାଇନାର ଷଡ଼ଯନ୍ତ୍ର ସବୁଦିନେ ଲାଗି ରହିଛି। ଭାରତ ସହିତ ଚାଇନାର ବନ୍ଧୁତ୍ୱର ହାତ ବଢାଇବା କେବଳ ମାତ୍ର ଛଳନା। ସେହିପରି ପାକିସ୍ତାନକୁ ସମର୍ଥନ ଦେଇ ଆମେରିକା ଚାହୁଁଛି ଭାରତକୁ ତା'ର ଗୋଡାଣିଆ କରିରଖିବା।

ତେବେ ଯଦି ବିଚାର କରିବା ଭାରତରେ ପାକ୍ ଆତଙ୍କୀ ଆକ୍ରମଣ, ପ୍ରାଚ୍ୟର ଯୁଦ୍ଧ ବିଭୀଷିକା ତଥା ଯାବତୀୟ ବିଶ୍ୱ ଅଶାନ୍ତି ମୂଳରେ ଆମେରିକା, ଚାଇନାର ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା ଓ ରୁଷିଆର ସାମରିକ ଅସ୍ତ୍ରଶସ୍ତ୍ରର ଅପ୍ରସାରଣ ପାଇଁ ଏମାନଙ୍କର ପ୍ରଚେଷ୍ଟା ଦାୟୀ। ଏ ତିନି ରାଷ୍ଟ୍ର ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ। ଆମେରିକା ଓ ରୁଷିଆ ବିଶ୍ୱ ଅଭିମୁଖୀ ହୋଇଥିବା ବେଳେ ଚାଇନା ଏସୀୟ ଅଭିମୁଖୀ। ଏହି ଦୁଇଟି ବଳୟରେ ଭାରତର ଅବସ୍ଥିତି ଥିବାରୁ ଭାରତ ସମ୍ପ୍ରତି ସବୁରି କେନ୍ଦ୍ରବନ୍ଦୁ ପାଲଟିଛି। ଏହାର ମଧ୍ୟ କାରଣମାନ ଅଛି। ସବୁରି ମୂଳରେ ବାଣିଜ୍ୟ ଓ ସାମରିକ ଅସ୍ତ୍ରଶସ୍ତ୍ର କାରବାର। ଆମେ ଯାହା ଭାବୁଛେ ଧର୍ମକୁ ନେଇ ଯୁଦ୍ଧ ହେଉଛି ତାହା ଠିକ୍ ନୁହେଁ। ଭାରତ ଯେବେଠୁ ଅସ୍ତ୍ର ଶସ୍ତ୍ର ନିଜ ଦେଶରେ ନିର୍ମାଣ କରିବାର କୌଶଳ ଅବଲମ୍ବନ କଲାଣି ଓ ଆଣବିକ ପରମାଣୁ କ୍ଷେତ୍ରରେ ସ୍ୱାବଲମ୍ବୀ ହେଲାଣି ସେବେଠୁ ଆମେରିକା ଭାରତ ପାଇଁ ଏକ ନୂତନ ନୀତି ପ୍ରଣୟନ କରିଚାଲିଛି। କେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସାକରି ଆପଣେଇ ନେଲାଣି ତ କେତେବେଳେ ନାଲିଆଖି ଦେଖାଇ ଶତ୍ରୁରାଷ୍ଟ୍ରକୁ ସମର୍ଥନ କରି ଚାଇନାକୁ ଓ ପାକିସ୍ତାନକୁ ଆପଣେଇ ନେଉଛି। ତା'ର ପୁରୁଣାକାଳିଆ ଚତୁରତାକୁ ଭାରତ ହୃଦୟଙ୍ଗମ କରିସାରିଛି। କଥାରେ ଅଛି ''ଲୁଚିଛି ନା ଗୋଡ଼ ଦିଟା ଦିଶୁଛି। ଆମେରିକା ଯେଉଁ ଚାଲ୍ କରୁଛି ତାହା ଭାରତକୁ ଅଛପା ରହୁନାହିଁ। ଚାଇନା ମଧ୍ୟ ତଦ୍ରୂପ ନୀତି ଆପଣେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ଯୁଦ୍ଧ ମଧ୍ୟରେ ଚାଇନା ବିବ୍ରତ ହୋଇ ଭାରତକୁ ଏକ ପ୍ରମୁଖ ଅଂଶୀଦାର ଭାବରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛି। ଏସୀୟ ମହାଶକ୍ତି ହାତ ମିଳାଇବାକୁ ସେ ଦେଇଥିବା ଡାକରା କେବଳ ଛଳନା ବୋଲି କୁହାଯାଇପାରେ। ଚାଇନାର ବୈଦେଶିକ ମନ୍ତ୍ରୀ ଭାରତକୁ ପ୍ରଲୁବ୍ଧ କରିବାକୁ ଯାଇ କହିଛନ୍ତି ଯେ ପୂର୍ବ ଲଦାଖରେ ଦୀର୍ଘ ୪ ବର୍ଷ ଧରି ଚାଲିଥିବା ସାମରିକ ବିବାଦର ସମାଧାନ ଦିଗରେ ସଫଳତା ହାସଲ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଚାଇନାର ଏଭଳି ମନ୍ତବ୍ୟ ଏହି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ସମସ୍ତ ଚାଇନା ଆମଦାନୀ ଉପରେ ଶୁଳ୍କ ବୃଦ୍ଧି



କରିଛି। ଅବଶ୍ୟ ଚାଇନା ଏବେ ଯାହା କହୁଛି ତାହା ଭାରତ ୪ ଦଶନ୍ଧି ପୂର୍ବରୁ କହିସାରିଛି। ଆମେରିକା ସହ ବାଣିଜ୍ୟ ଯୁଦ୍ଧ କରିବାର ସାମର୍ଥ୍ୟ ଜୁଟାଇବା ଲକ୍ଷ୍ୟରେ ଚାଇନା ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂଆ ମୋଡ଼ ଦେବାକୁ ଯାଇ ଦୁଇ ଦେଶ ମଧ୍ୟରେ ଥିବା ବିବାଦକୁ କୂଟନୀତି ମାଧ୍ୟମରେ ସମାଧାନ କରାଇବାର ସ୍ୱପ୍ନ ଦେଖାଇଛି। ଗ୍ଲୋବାଲ୍ ସାଉଥ୍‌ର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଭାରତ ପକ୍ଷରୁ ବହୁ ଉଦ୍ୟମ ହୋଇଛି କିନ୍ତୁ ଏସବୁକୁ ଭଣ୍ଡୁର କରିବାରେ ଚାଇନା ପଛାଇ ନାହିଁ। ଚାଇନା ଯାହା କହୁଛି ତାହା ହିଁ ବିକଳ୍ପ ପନ୍ଥା। ଏଥିରେ କେହି ଦ୍ୱିମତ ହେବେ ନାହିଁ। କିନ୍ତୁ ଚାଇନା କେବେହେଲେ ଏହି ବିକଳ୍ପ ରାସ୍ତାକୁ ଗ୍ରହଣ କରିବ ନାହିଁ। ସମୟ ଓ ବିବର୍ତ୍ତନଧାରା ସବୁକୁ ପରିବର୍ତ୍ତନ କରିଛି ସତ, ଏଥିରେ ଚାଇନା ହେଉ କିମ୍ବା ଆମେରିକା କେହି ବାଦ୍ ପଡିବେ ନାହିଁ। କିନ୍ତୁ ଏକମାତ୍ର ଦେଶ ଭାରତ ତା'ର ବୈଦେଶିକ ନୀତିରେ ଏଯାବତ ଅନମନୀୟ ହୋଇରହିଛି। କେତେକ ନୂତନ ପନ୍ଥା ଆପଣେଇବାକୁ ଭାରତ ବାଧ୍ୟ ହୋଇଛି।

ଏବେ ଭାରତ ନିଜ ଦେଶର ବଜାରକୁ ଏପରି ଉନ୍ମୁକ୍ତ ରଖିଛି ଯେ ଯେଉଁ ଦେଶ ଭାରତକୁ ଅଣଦେଖା କରିବ ସେହି ରାଷ୍ଟ୍ର ବାଣିଜ୍ୟ କ୍ଷେତ୍ରରେ ପଛେଇଯିବ। ଭାରତ ପାଇଁ ଯିଏ ଅନ୍ୟାୟନୀତି ଆପଣେଇବେ ସେହି ନୀତି ସେହି ରାଷ୍ଟ୍ର ପାଇଁ କାଳ ହେବ। ଅନ୍ତର୍ଜାତୀୟ ବଜାର ଓ ବାଣିଜ୍ୟ ନିମନ୍ତେ ଭାରତ ପାଇଁ ଅନେକ ନୂଆ ରାସ୍ତା ଖୋଲିଗଲାଣି। ଚାଇନା ବିଦେଶୀ ନିବେଶକଙ୍କ ଭରସା ହରାଇ ଚାଲିଥିବା ବେଳେ ଭାରତକୁ ବିଦେଶୀ ନିବେଶକ ଆଗେଇ ଆସିଲେଣି। ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ଆକ୍ରମଣାତ୍ମକ ଖେଳ ଆମେରିକା କିମ୍ବା ଚାଇନା ଲଗାଇ ଦେଇଛନ୍ତି ତାହାର ପରିଣାମ କ'ଣ ତାହା ସେମାନେ ଚିନ୍ତା କରି ନ ଥିଲେ। ସେମାନେ ଭାରତକୁ ପୂର୍ବର ଭାରତ ଭାବି ଏ ଷଡ଼ଯନ୍ତ୍ର କରିଥିଲେ। ପରିଣାମତଃ ବିଦେଶୀ ନିବେଶକମାନେ ଭାରତର ଷ୍ଟକ୍ ବଜାର ପ୍ରତି ନିଜର ଭରସା ଆହୁରି ବୃଦ୍ଧି କଲେ। ସେମାନେ ଗୋଟିଏ ମାସରେ ୧୪.୧୬୭ କୋଟି ଟଙ୍କାର ଭାରତୀୟ ଶେୟାର କିଣିଛନ୍ତି। ଭାରତରେ ଅସ୍ଥିରତା ସୃଷ୍ଟି କରି ଅର୍ଥନୀତିର ଗତିକୁ ଦୁର୍ବଳ କରିବା ଲାଗି ପାକିସ୍ତାନ ଯୁଦ୍ଧକୁ ସହାୟତାର ହାତ ବଢ଼ାଇଥିଲା। ଏଥିରେ ଚାଇନା ସଫଳ ହୋଇପାରିଲା ନାହିଁ। ଆମେରିକା ଏହି କ୍ଷେତ୍ରରେ ମଧ୍ୟ ସମାନ ଡାଞ୍ଚା ତିଆରି କରିଥିଲା। କିନ୍ତୁ ଅତି ସହଜରେ ରୁଷିଆ ଏହାର ଫାଇଦା ହାସଲ କଲା। ରୁଷିଆର ଯୁଦ୍ଧ ସାମଗ୍ରୀକୁ ନେଇ ଭାରତର ପରାକ୍ରମ ଦୁଇ ଦେଶକୁ ତଳେ ପକାଇ ଦେଲା। ଏବେ ଭାରତ ବିପକ୍ଷରେ ପାକିସ୍ତାନକୁ ସହଯୋଗ କରିଥିବା ତୁର୍କୀ, ଇରାନ ଭଳି ଦେଶ ଉପରେ ଭାରତ ପ୍ରତିଶୋଧ ନେବା ଲକ୍ଷ୍ୟରେ ବାଛନ୍ଦ ବ୍ୟବସ୍ଥା ଆରମ୍ଭ କରି ଦେଲାଣି। କେତେକ ରାଷ୍ଟ୍ର ଏବେ ସମଗ୍ର ବିଶ୍ୱ ରାଜନୀତିରେ ଆତଙ୍କବାଦକୁ ସ୍ଥାନ ଦେବା ପାଇଁ ଯେପରି ଉଦ୍ୟମ ଚଳାଇଛନ୍ତି ତାହା ମାନବ ସମାଜ ପାଇଁ ହୀନ ଆଭିମୁଖ୍ୟ। ଏସିଆର ଦେଶଗୁଡିକ ଚିନ୍ତା କରିବା ଆବଶ୍ୟକ ଯେ ଆମେରିକା ଓ ଚାଇନା ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ଏବଂ ପ୍ରଯୁକ୍ତିଗତ ପ୍ରତିଦ୍ୱନ୍ଦ୍ୱିତା ଏସୀୟ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରିଚାଲିଛି। ବିଶ୍ୱ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ଭୟଙ୍କର ବାଧା ସୃଷ୍ଟି ହେଉଛି। ଏହି ସମୟରେ ଏସୀୟ ରାଷ୍ଟ୍ରଗୁଡିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ବୃହତ୍ ଶକ୍ତିଶାଳୀ ରାଷ୍ଟ୍ରଙ୍କ ଅପ୍ରତ୍ୟାଶିତ ଓ ଅନାବଶ୍ୟକ ବିଚାରକୁ ଏଡ଼ାଇ ଚାଲନ୍ତୁ। ବାଣିଜ୍ୟ ବାଦ୍ ଯାହା ୨୦୦୮ରେ ଯେଉଁ ସଙ୍କଟ ସୃଷ୍ଟି କରିଥିଲା, ତା'ପରେ ଆରମ୍ଭ ହୋଇଥିବା ସହଯୋଗ ଭିତ୍ତିକ ଆଧାରକୁ ଏସିଆ ତା'ର ବିକାଶ ପାଇଁ ବ୍ୟବହାର କରିବା ସମୟ ଉପନୀତ।

ସୟଦପୁର, ଯାଜପୁର,
ମୋ:୯୪୩୭୩୧୫୬୨୩

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 6 | | | |
| | | | 8 | | | 4 | | |
| 6 | 9 | 3 | | | | | | |
| | | 5 | | | | | | |
| | 8 | | 2 | | | | 3 | |
| 4 | | | 3 | | | | 1 | |
| | 7 | | 5 | | | 3 | 4 | 9 |
| | | | | 3 | 9 | 1 | | |
| | 5 | | 1 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 3 | 4 | 6 | 2 | 5 | 1 |
| 6 | 5 | 1 | 9 | 2 | 7 | 8 | 3 | 4 |
| 2 | 3 | 4 | 5 | 1 | 8 | 6 | 9 | 7 |
| 5 | 4 | 6 | 8 | 3 | 1 | 9 | 7 | 2 |
| 1 | 9 | 3 | 2 | 7 | 4 | 5 | 6 | 8 |
| 8 | 7 | 2 | 6 | 9 | 5 | 4 | 1 | 3 |
| 3 | 6 | 8 | 7 | 5 | 2 | 1 | 4 | 9 |
| 7 | 1 | 5 | 4 | 8 | 9 | 3 | 2 | 6 |
| 4 | 2 | 9 | 1 | 6 | 3 | 7 | 8 | 5 |

ଗତକାଲିର ଉତ୍ତର

## ଚିରନ୍ତନୀ

ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମର୍ତ୍ତ୍ୟ ଭୁବନ ମୋ ସ୍ନେହ-ସଦନ,
ଏ ଧରଣୀ ସୁଖମଣି।

-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲୁହାତାର ଜାଲିକୁ ଖୋଲି ପୁନଃ ବ୍ୟବହାର କରାଯାଉ

ମହାଶୟ,

ଭୁବନେଶ୍ୱରରେ ପ୍ରତିବର୍ଷ ଚାରାରୋପଣ କରାଯାଉଛି। କିନ୍ତୁ ବଡ଼ ପରିତାପର ବିଷୟ ଏହି ଯେ, ଗଛ ବଡ଼ ହୋଇଗଲା ପରେ ଲୁହାଫ୍ରେମ୍ ଓ ପ୍ଲାଷ୍ଟିକ୍ ଜାଲି ଖୋଲାଯାଉନାହିଁ। ପ୍ରାୟ ପାଞ୍ଚବର୍ଷ ପରେ ସେହି ଜାଲିକୁ ଖୋଲି ପୁନଃ ବିନିଯୋଗ କଲେ ୧୦୦% ଗଛ ଅଳ୍ପଖର୍ଚ୍ଚରେ ହୋଇପାରନ୍ତା। ବନ ବିଭାଗ ଏବଂ ବିଏମ୍‌ସି ଉଭୟ ଗଛ ପ୍ରତି ଉଦାସୀନ ରହୁଛନ୍ତି। ମଣିଷ ଭଳି ଗଛର ମଧ୍ୟ ଜୀବନ ଅଛି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ଫଳ ଶୂନ୍ୟ। ଗଛରୁ ଲୁହା ଜାଲି ମୁକ୍ତ କରାଗଲେ ସମସ୍ତଙ୍କର ମଙ୍ଗଳ ହେବ ଏବଂ ଅସଂଖ୍ୟ ଗଛ ସୃଷ୍ଟି ହୋଇପାରିବ।

-ଅନିଲ କୁମାର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟ୍ରାଫିକ୍ ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ



ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ।

### ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ,୨୧।୫ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ବୁଧବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମହମ୍ମଦ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଏପ୍ରିଲ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା।

ପରିବହନ ବିଭାଗ ସୂଚନା ଅନୁଯାୟୀ, ଗତ ଏପ୍ରିଲ ମାସରେ ଜିଲାରେ ମୋଟ ୨୭ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୪ ଜଣଙ୍କ ଜୀବନହାନି ଘଟିଛି। ୮ ଜଣ ଗୁରୁତର ଓ ୫ଜଣ ଆହତ ହୋଇଛନ୍ତି। ସେଥିରୁ ୪ଟି ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଥିବାବେଳେ ୨୩ଟି ଦୁର୍ଘଟଣା ରାଜ୍ୟ ରାଜପଥ ଓ ଅନ୍ୟ ରାସ୍ତାରେ ଘଟିଛି। ସେହିପରି ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁ ୬୦୯ ଜଣ, ବିନା ସିଟ୍ ବେଲ୍ଟରେ ୩୫ ଜଣ, ଦ୍ରୁତ ଗାଡ଼ି ଚାଳନା କରିବା ଯୋଗୁ ୫୩୯ ଜଣ, ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୨୧ ଜଣଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ୪୭୩ ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଛି। ୨୯ଟି ଗାଡ଼ି ଜବତ କରାଯାଇଛି। ସେହିପରି ଜିଲା ପୋଲିସ ଦ୍ୱାରା ଯାଞ୍ଚ ସମୟରେ ଦ୍ରୁତ ଗାଡ଼ି ଚାଳନା ଅଭିଯୋଗରେ ୭ ଜଣଙ୍କ ଠାରୁ ୨୭ ହଜାର ଟଙ୍କା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୨୮୪ ମାମଲାରେ ୧୪ ଲକ୍ଷ ୨୦ ହଜାର ଟଙ୍କା, ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁ ୩୦୯୩ ଜଣଙ୍କ ଠାରୁ ୩୦ ଲକ୍ଷ ୯୩ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୨୨୮୮ ଜଣଙ୍କ ଠାରୁ ୨୨ ଲକ୍ଷ ୮୮ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନ୍‌ରେ ଗାଡ଼ି ରଖିବା ଅଭିଯୋଗରେ ୧୭୭୧ ମାମଲାରେ ୩୨ଲକ୍ଷ ୯୦ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୪୭୮ଟି ମାମଲା ରୁଜୁ କରାଯାଇଛି। ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରିବା ସହିତ ଜନଗହଳି ଅଞ୍ଚଳରେ ଅଧିକରୁ ଅଧିକ ହେଲମେଟ ଯାଞ୍ଚ କରିବା ପାଇଁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ନିଯୁକ୍ତି ଦାବିରେ ଖଣି ବନ୍ଦ ଆନ୍ଦୋଳନ

ପବିତ୍ରନଗର,୨୧।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପଥରମୁଣ୍ଡା କ୍ଷତିଗ୍ରସ୍ତ ପ୍ରଜାଙ୍କ ତରଫରୁ ନିଯୁକ୍ତି ଦାବିରେ ମଙ୍ଗଳବାର ଖଣିବନ୍ଦ ଆନ୍ଦୋଳନ କରାଯାଇଥିଲା। କଣିହାଁ କୋଇଲା ଖଣି, ଟାଇମ୍ ଅଫିସ ମେନଗେଟ୍ ଠାରେ ଅପରାହ୍ନରେ ୧୭ ଜମିହରା ପରିବାର ଏହି ଆନ୍ଦୋଳନ କରିଥିଲେ। ଏଥିଯୋଗୁ ଖଣିରେ କୋଇଲା ଉତ୍ପାଦନ ଓ ପରିବହନ ବନ୍ଦ ରହିଥିଲା। ସୂଚନାପାଇ କଣିହାଁ ପୋଲିସ ଓ ଖଣିର ବରିଷ୍ଠ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିଥିଲେ। ଆନ୍ଦୋଳନରତ ୧୭ ପରିବାରଙ୍କ ନିଯୁକ୍ତି ପ୍ରକ୍ରିୟା ମୁତାବକ ମେଡିକାଲ ଫିଟନେସ, ସାର୍ଟିଫିକେଟ ଭେରିଫିକେଶନ ସରିଥିବା ବେଳେ ଖଣି ମୁଖ୍ୟାଳୟ ଶେଷ ପର୍ଯ୍ୟାୟ(ଏଫ୍‌ଡି) ନିଷ୍ପତ୍ତିରେ ଅଟକ ରହିଛି। ଏମ୍‌ସିଏଲ୍ ମୁଖ୍ୟାଳୟରୁ ବାରମ୍ବାର ୧୭ ପରିବାର ନିଯୁକ୍ତି ଫାଇଲ ଫେରିବା ପରେ କ୍ଷତିଗ୍ରସ୍ତମାନେ ଅସନ୍ତୋଷ ପ୍ରକାଶ କରି ଖଣିବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।

# ଛେଣ୍ଡିପଦାରେ ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା



ଛେଣ୍ଡିପଦା,୨୧।୫ (ଅଜିତ ଧଳ)

ଅପରେଶନ ସିନ୍ଦୂରର ସଫଳତାକୁ ନେଇ ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର କୋଶଳା ଓ ଜରପଡ଼ାଠାରେ ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତର ସାର୍ବଭୌମତ୍ୱ ଓ ଭାରତୀୟଙ୍କ ସୁରକ୍ଷା ପାଇଁ ସେନାବାହିନୀର ଏହି ଦେଶଭକ୍ତି ଏବଂ ବୀରତ୍ୱକୁ ସମ୍ମାନ ଜଣାଇ ସକାଳ ୮ ଘଟିକାରେ କୋଶଳା ରାମଚଣ୍ଡୀ ପୀଠଠାରୁ କୋଶଳା ମେଡିକାଲ ଛକ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଅପରାହ୍ନରେ ଜରପଡ଼ା ମଣ୍ଡଳର କୁମୁରସିଙ୍ଗାଠାରୁ ଏହି ଶୋଭାଯାତ୍ରା ବାହାରି ଜରପଡ଼ା ଗ୍ରାମ ପରିକ୍ରମା କରିଥିଲା। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଛେଣ୍ଡିପଦା ଜୋନ୍ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଭାଜପା ଜିଲା ଉପସଭାପତି ଚୌଧୁରୀ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ସମ୍ବଲପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, କୋଶଳା ମଣ୍ଡଳ ସଭାପତି ସୁନୀଲ ପ୍ରଧାନ, ଜରପଡ଼ା ମଣ୍ଡଳ ସଭାପତି ଜୀବନ ସାହୁ, ଆଇଟି ସେଲ୍ କୋଅର୍ଡିନେଟର ଅକ୍ଷୟପାଦ ବେହେରା, ଯୁବନେତା ତପନ ଦେବତା, ଗୋପବନ୍ଧୁ ଗଡ଼ନାୟକ, ଧୋବେଇ ସାହୁ, କହ୍ନେଇ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ଜନତା, ନାଗରିକ ସମାଜ, ବଣିକ ସଂଘ, ବିଭିନ୍ନ ସାମାଜିକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ମହିଳା ଯୋଗଦେଇଥିଲେ।

# ବଜ୍ରପାତରେ ମୃତ ପରିବାରଙ୍କୁ ସହାୟତା

ବଇଣ୍ଡା,୨୧।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଟକବା ନିକଟରେ ଗତ ୧୩ ତାରିଖରେ ବଜ୍ରପାତ ଘଟି ନୂଆ ବାଲିଖମନ ଗ୍ରାମର ପ୍ରଫୁଲ୍ଲ ମାଝୀ ଏବଂ ତାଙ୍କ ପୁଅ ପ୍ରବୀଣ ମାଝୀଙ୍କ ମୃତ୍ୟୁ ହୋଇଥିଲା। ସୋମବାର ତାଙ୍କ ପରିବାରବର୍ଗଙ୍କୁ ହଣ୍ଡପା ନନ୍ଦଉତ୍ସବ କମିଟି କର୍ମକର୍ତ୍ତା ଭେଟି ଆଶ୍ୱାସନା ଦେବା ସହ ସହାୟତା ଯୋଗାଇ ଦେଇଛନ୍ତି। କମିଟି ସଭାପତି ସୁବ୍ରତ ସାହୁ, ସମ୍ପାଦକ ରାଜେଶ ସାହୁ, ଲିପୁ ଅମାନ୍ତ, ତରଣିସେନ ସାହୁ, ସିପୁନ ଦେହୁରୀ, ଲିଟନ ବେହେରା, ବିଶ୍ୱଜିତ୍ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାର ସଦସ୍ୟଙ୍କୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ଆଗାମୀ ଦିନରେ ଶୋକାକୁଳ ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।


ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ସାପକାମୁଡ଼ିବା ମାତ୍ରେ ଡାକ୍ତରଖାନା ଯାଆନ୍ତୁ



କର୍ମଶାଳାରେ ଆୟୋଜକଙ୍କ ସହ ଅନ୍ୟମାନେ।

### ସାପକାମୁଡ଼ା ମୃତ୍ୟୁ ପ୍ରତିରୋଧ ସଚେତନତା କର୍ମଶାଳା

ଅନୁଗୋଳ,୨୧।୫ (ଜ୍ୟୋତିରଞ୍ଜନ ସାହୁ)

ରାଜ୍ୟରେ ଯେତିକି ଲୋକଙ୍କ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ହେଉଛି, ସେଥିରୁ ୩୦% ଲୋକଙ୍କ ମୃତ୍ୟୁ କେବଳ ସାପ କାମୁଡ଼ାରେ ହେଉଛି। ଅନୁଗୋଳ ଜିଲାରେ ମଧ୍ୟ ସାପକାମୁଡ଼ାଜନିତ ମୃତ୍ୟୁ ସଂଖ୍ୟା ଚିନ୍ତାର କାରଣ ପାଲଟିଛି। ଜିଲାରେ ବାର୍ଷିକ ପ୍ରାୟ ୩୦/୪୦ରୁ ଅଧିକ ଲୋକ ଏହାଦ୍ୱାରା ପ୍ରାଣ ହରାଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ ବିଷ ନିରୋଧକ ଇଞ୍ଜେକ୍ସନ ମହଜୁଦ ଥିଲେ ମଧ୍ୟ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ପୁରୁଣା ଲୋକକଥା ଓ ଅସଚେତନତା ହେତୁ ଅନେକ ଲୋକଙ୍କ ଜୀବନ ଅକାରଣରେ ଚାଲିଯାଉଛି। ସାପକାମୁଡ଼ିବା ମାତ୍ରେ ଅବିଳମ୍ବେ ଡାକ୍ତରୀ ଚିକିତ୍ସା କରାଗଲା ଏହି ବର୍ଦ୍ଧିତ ମୃତ୍ୟୁ ସଂଖ୍ୟାକୁ ରୋକାଯାଇପାରିବ ବୋଲି ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର, ଉତ୍କର୍ଷ ପରିବାର ଏବଂ ଅନୁଗୋଳ ଲାଇଟ ହାଉସର ମିଳିତ ଉଦ୍ୟମରେ ଲାଇଟ ହାଉସଠାରେ ଆୟୋଜିତ ସାପକାମୁଡ଼ା ମୃତ୍ୟୁ ପ୍ରତିରୋଧ ସଚେତନତା କର୍ମଶାଳାରେ ମତପ୍ରକାଶ ପାଇଛି। ଅନୁଷ୍ଠାନର ସଦସ୍ୟ ସର୍ପମିତ୍ର ଆଦିତ୍ୟ ବେହେରା ସାଧନ ବ୍ୟକ୍ତି ଭାବେ ଯୋଗ ଦେଇ ଉପସ୍ଥିତ ଯୁବଗୋଷ୍ଠୀ ତଥା ଛାତ୍ରୀଛାତ୍ରୀଙ୍କୁ ସଚେତନ କରାଇଥିଲେ। ସାଥୀ ପରିବାର ସଭାପତି ସିଦ୍ଧାର୍ଥ ପ୍ରଧାନ ସାପକାମୁଡ଼ା ମୃତ୍ୟୁ ବାବଦକୁ ଥିବା ସରକାରୀ ଅନୁକମ୍ପା କ୍ଷତିପୂରଣ ରାଶି ଏବଂ ସାପ-ମଣିଷ ବିବାଦ ରୋକିବା ଦିଗରେ ବିଭିନ୍ନ ସରଳ ପଦକ୍ଷେପ ସମ୍ବନ୍ଧରେ ଉପସ୍ଥିତ ଯୁବଗୋଷ୍ଠୀଙ୍କୁ ଅବଗତ କରାଇଥିଲେ। ଉତ୍କର୍ଷ ପରିବାରର ଭୀଷ୍ମ ସାହୁ, ହୋମଜ୍ୟୋତି ବେହେରା, ତପନ ସାମଲ, ଆଶୁତୋଷ ଗଡ଼ନାୟକ, ଦେବାଂଶ ଦାସ, ଲାଇଟ ହାଉସ କେନ୍ଦ୍ର ମୁଖ୍ୟ ରାଜେଶ ସ୍ୱାଇଁ, ଯଶୋବନ୍ତ ପରିଡ଼ା, ବିସ୍ମିତା ସେଠ, ଶର୍ଙ୍କର୍ଷଣ ସାହୁ ଏବଂ ସାଥୀ ପରିବାରର ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରାଦ୍ଧବାର୍ଷିକୀରେ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି



ସନ୍ତ୍ରୀଛକ,୨୧।୫,(ସନ୍ତୋଷ ପରିଡ଼ା)

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ତିରୋଧାନ ଦିବସ ବୁଧବାର ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଅପର୍ତ୍ତିପୁର କଲେଜ ରାସ୍ତାରେ ଥିବା ରାଜୀବ ଗାନ୍ଧୀ ସ୍ମୃତିପୀଠଠାରେ ପାଳିତ ହୋଇଯାଇଛି। ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ସସ୍ମିତା ବେହେରା, ରାଜୀବ ଜେନା, ଅନୁଗୋଳ ନିର୍ବାଚନମଣ୍ଡଳୀ ପୂର୍ବତନ ଯୁବକଂଗ୍ରେସ ସଭାପତି ରାକେଶ କୁମାର ସାହୁ, ସୋସିଆଲ ମିଡିଆ ଆକ୍ଟିଭିଷ୍ଟ ତ୍ରିନାଥ ସାହୁ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ବେହେରା, ଛାତ୍ର କଂଗ୍ରେସ କର୍ମକର୍ତ୍ତା ବିଶ୍ୱଜିତ ପ୍ରସାଦ, ଅଭୟ କୁମାର, ପୀତବାସ ନାଏକ, ସୁମିତ୍ରା ନାଏକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯୁଥ୍ କ୍ଲବ୍ ପକ୍ଷରୁ ରାସ୍ତା ପାର୍ଶ୍ୱ ସଫେଇ

ଛେଣ୍ଡିପଦା,୨୧।୫(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକସ୍ଥିତ ବାହାଲସାହି ଗ୍ରାମର ଯୁଥ୍ କ୍ଲବ ସଭ୍ୟମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କମିଟି ସଭାପତି ମାନସ ସେନାପତିଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା-କମ୍ପସଲା, ଛେଣ୍ଡିପଦାଠାରୁ ବାହାଲସାହି ଯାଏ ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରାଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱ ଘଞ୍ଚ ଲଟାବୁଦାରେ ପରିପୂର୍ଣ୍ଣ ଥିବାରୁ ଏହି ରାସ୍ତାରେ ଛାତ୍ରୀଛାତ୍ର ଓ ଜନସାଧାରଣ ଯିବାଆସିବାରେ ବହୁ ଅସୁବିଧା ଭୋଗ କରୁଥିଲେ। ପ୍ରତ୍ୟେକ ବର୍ଷ ଏହିପରି ଉକ୍ତ ରାସ୍ତାର ଉଭୟପାର୍ଶ୍ୱ ସଫେଇ କରାଯିବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ନିରଞ୍ଜନ ଭୂତିଆଙ୍କ ପରିଚାଳନାରେ ସଭ୍ୟ ରାଜକିଶୋର ସାହୁ, ଚିନ୍ମୟ ସାହୁ, କାହ୍ନା ପ୍ରଧାନ, ମାନସ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


କ୍ଲବ ସଦସ୍ୟମାନେ ରାସ୍ତା ପାର୍ଶ୍ୱ ସଫେଇ କରୁଛନ୍ତି।

# ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ଅନୁଗୋଳ,୨୧।୫ (ଜ୍ୟୋତିରଞ୍ଜନ ସାହୁ)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ଓ ଜମ୍ମୁକଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ନିମନ୍ତେ ଅଖିଳ ଭାରତୀୟ ଯୁବ କଂଗ୍ରେସ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରଠାରେ ବୁଧବାର ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସର ପୂର୍ବତନ ସଭାପତି ସଂଗ୍ରାମ ମିଶ୍ର ଓ ଓଡ଼ିଶା ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଗଣେଶ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କ୍ଷୀରୋଦ ପଟ୍ଟନାୟକ, ପ୍ରଫୁଲ୍ଲ ଦାସ, ବଲବୀର ସିଂ, ସାମାଜିକ କର୍ମୀ ବ୍ରହ୍ମଜ୍ୟୋତି ମିଶ୍ର, ପର୍ଶୁରାମ ଦାଶ, ଜିଲା କଂଗ୍ରେସ ଉପସଭାପତି ଦୁଷ୍ମନ୍ତ ଦଲବେହେରା, ପ୍ରଶାନ୍ତ ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଯୁବନେତା ସଂଗ୍ରାମ ବେହେରା, ଶଙ୍କର୍ଷଣ ସାହୁ, ବିଶ୍ୱଜିତ ପ୍ରଧାନ, ପାର୍ଥସାରଥି ବେହେରା, ସାହିଲ ପ୍ରଧାନ, ସୁଜିତ ଦେହୁରୀ, ବାପି ଦାଶ, ଅରୂପ ସାମଲ, ବିଶ୍ୱଜିତ ବିଶ୍ୱାଳ, ମାନସ ବିଶ୍ୱାଳ, ଦେବାଶିଷ ଦେହୁରୀ ପ୍ରମୁଖ ବହୁ ଛାତ୍ର ଓ ଯୁବକ ସାମିଲ ହୋଇଥିଲେ।


ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

ପବିତ୍ରନଗର,୨୧।୫(ନିରୋଜ ପ୍ରଧାନ)

କଣିହାଁସ୍ଥିତ ଏନ୍‌ଟିପିସିଠାରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ଫେଡେରେଶନ ସମୂହଙ୍କ ମିଳିତ ମଞ୍ଚ ଆହ୍ୱାନରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକ, କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ ସହ ମୋଟ ୧୭ ଦଫା ଦାବି ନେଇ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଆଇଏନ୍‌ଟିୟୁସି ନେତା ସତ୍ୟାନନ୍ଦ ସାହୁ, ଜଗବନ୍ଧୁ ପ୍ରଧାନ, ସୁଶୀଳ ବେହେରା, ଏଚ୍‌ଏମ୍‌ଏସ୍ ନେତା ଅରେନ ପାଣି, ପ୍ରସନ୍ନ ପାଣି, ଏଆଇୟୁଟିୟୁସି ନେତା ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଟୁନା ନାଏକ, ଦୁଃଖୀଶ୍ୟାମ ମଲ୍ଲିକ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ଶ୍ରମିକ କର୍ମଚାରୀ ବିରୋଧୀ ନୀତିର ଦୃଢ଼ ପ୍ରତିବାଦ କରିଥିଲେ। ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ପ୍ରକାଶ ଗୋଛାୟତ, ସୁନିଆ ନାଏକ, ବିଜୟ ନାଏକ, ବାବୁଲି ସାହୁ, ବିନୋଦ ସାହୁ, ସୁରେଶ ବେହେରା, ଅଭୟ କୁମାର ନାଏକ ପ୍ରମୁଖ ସାମିଲ ହୋଇଥିଲେ।



କଣିହାଁସ୍ଥିତ ଏନ୍‌ଟିପିସିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଅନୁଗୋଳ ଆକାଶରେ ଭାସି ବୁଲୁଥିବା ମେଘଖଣ୍ଡ। (ଫଟୋ- ବୁଲୁ)

# ଉପଖଣ୍ଡରେ ବଇଣ୍ଡା ଚନ୍ଦନଯାତ୍ରାର ସ୍ଥାନ ସ୍ୱତନ୍ତ୍ର

ବଇଣ୍ଡା,୨୧।୫(ପରିକ୍ଷିତ ସାହୁ)

ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ସ୍ଥାନରେ ପାଳନ ହେଉଥିବା ଚନ୍ଦନ ଯାତ୍ରା ମଧ୍ୟରୁ ବଇଣ୍ଡା ଚନ୍ଦନଯାତ୍ରାର ସ୍ଥାନ ବେଶ୍ ସ୍ୱତନ୍ତ୍ର। ଦୀର୍ଘ ୪୮ ବର୍ଷ ହେବ ବଇଣ୍ଡାଠାରେ ପାଳନ ହେଉଥିବା ଚନ୍ଦନଯାତ୍ରା ପ୍ରସିଦ୍ଧିଲାଭ କରିଥିବା ବେଳେ ଏହା ଭାଇଚାରାର ବାର୍ତ୍ତା ଦେଇଆସିଛି। ଅଞ୍ଚଳବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ଏହି ଯାତ୍ରା ହେଉଛି ବୋଲି ମଙ୍ଗଳବାର ଚନ୍ଦନଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଗିରିଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଚନ୍ଦନଯାତ୍ରା କମିଟି ସଭାପତି ଜିତେନ୍ଦ୍ର କୁମାର ବେହେରା, ବିନୀତ ସାହା, ଦୀପକ ଟିବ୍ରୁୱାଲା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଯାତ୍ରା କମିଟି ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଦୀପ୍ତିରେଖା ପାଢୀ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


ଗାୟିକା ଦୀପ୍ତିରେଖା ପାଢୀ।

# ଫାଷ୍ଟ ଲଭ୍


'ଫାଷ୍ଟ ଲଭ୍' ଫିଲ୍ମରେ ଦିବ୍ୟା–ଶୈଳେନ୍ଦ୍ର

ପ୍ରେମର ପହିଲି ପୁଲକରେ ଉତ୍‌ଫୁଲିତ ହୋଇଉଠେ ମନ। ପୁଣି ଯଦି ତାହା ପ୍ରଥମ ଦେଖାରେ ପ୍ରେମ ହୋଇଥାଏ ତେବେ ତାହାର ମଜା ନିଆରା, ନୁହେଁ କି ? ସେଭଳି ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ରେଞ୍ଜି ରୟାଲ ସିନେ ଲାବ୍ ବ୍ୟାନରରେ ଏବଂ ଜୀ ସାର୍ଥକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ମିଶ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିଶ୍ର। ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ଏହି ଚିତ୍ର ବିଷୟରେ ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ଶ୍ରୀଧର କହନ୍ତି, "ମୁଁ ଯେ କୌଣସି ସିନେମା ନିର୍ମାଣ କରିବା ପୂର୍ବରୁ କାହାଣୀକୁ ଭଲ ଭାବରେ ତର୍ଜମା କରିଥାଏ। 'ଫାଷ୍ଟ ଲଭ୍'ର କାହାଣୀରେ ଦର୍ଶକ ଡିଫରେଣ୍ଟ ଚାର୍ମ ପାଇବେ। ଆସନ୍ତା ମାସ ୬ ତାରିଖରେ ଫିଲ୍ମଟି ରିଲିଜ ହେବ।" ଏହାର ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଚକ୍ରବର୍ତ୍ତୀ, ସନ୍ତଜିତ୍ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ। ଚିତ୍ରଟିର ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟା ବ୍ୟତୀତ ଏହାର କାଷ୍ଟିଂରେ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା, ପ୍ରମୁଖ ଅଛନ୍ତି।

## ଆଶା କରିଥିଲେ ସୋନମ

ପାଠ ପଢ଼ିବା ସମୟରେ ସୋନମ କପୁର ଦିନେ ଜଣେ ଅଭିନେତ୍ରୀ ହେବେ ବୋଲି ଭାବି ନ ଥିଲେ। ତାଙ୍କର ବାପା ଅନିଲ କପୁର ଯେତେବେଳେ ମୁମ୍ବାଇ ଆସିଲେ ସେତେବେଳେ ତାଙ୍କୁ ମାତ୍ର ମାସେ ବୟସ ହୋଇଥିଲା। ଜୁହୁ ସ୍ଥିତ ଆର୍ଯ୍ୟମନ୍ଦିର ସ୍କୁଲରେ ସେ ପାଠ ପଢ଼ା ଆରମ୍ଭ କରିଥିଲେ। ସ୍କୁଲରେ ପଢ଼ିବା ସମୟରେ ସେ ଭାରି ଦୁଷ୍ଟ ଥିଲେ। ପାଠ ପଢ଼ା ବ୍ୟତୀତ ତାଙ୍କର ଖେଳ ଏବଂ ନୃତ୍ୟରେ ମଧ୍ୟ ରୁଚି ରହିଥିଲା। ସେହି ସମୟରେ ସେ ରଗ୍‌ବି ଏବଂ ବାସ୍କେଟବଲ ଖେଳି ବେଶ୍ ପ୍ରଶଂସା ସାଉଁଟି ଥିଲେ।

କେବଳ ସେତିକି ନୁହେଁ, କଥକ ନୃତ୍ୟରେ ସୋନମ ନିଜର ଦକ୍ଷତା ଦେଖାଇବାରେ ସଫଳ ହୋଇଥିଲେ। କିନ୍ତୁ ପାଠ ପଢ଼ିବା ପରେ ତାଙ୍କର ଲକ୍ଷ୍ୟ କ'ଣ ଥିଲା ? ଯେହେତୁ ଏକ କଳାକାର ପରିବାରରେ ତାଙ୍କର ଜନ୍ମ ତେଣୁ ସେ ପରଦା ପଛରେ ରହି କିଛି କରିବାକୁ ଚାହୁଁଥିଲେ। ଏପରିକି ଚିତ୍ରନାଟ୍ୟ ରଚନା ଏପରିକି ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ରଖିବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସଞ୍ଜୟ ଲୀଳା ଭଁସାଲି ୨୦୦୫ରେ ନିର୍ମାଣ କରୁଥାଆନ୍ତି 'ବ୍ଲାକ୍'। ଏହି ଫିଲ୍ମରେ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରିବାର ସୁଯୋଗ ତାଙ୍କୁ ମିଳିଥିଲା। ବାସ୍ ଏଇଠି ସତେଯେମିତି ତାଙ୍କ ପାଇଁ ଆଉ ଏକ ସୁଯୋଗ ଅପେକ୍ଷା କରିଥିଲା। ସଂଯୋଗ ବଶତଃ ସଞ୍ଜୟଙ୍କ ପରବର୍ତ୍ତୀ ସିନେମା 'ସାଉଁରିୟା'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ବେଶ୍ କେତୋଟି ହିଟ୍ ଫିଲ୍ମରେ ଅଭିନୟ କରିଥିବା ସୋନମ ଘର ସଂସାର କରିବା ପରେ ପ୍ରାୟ ଅଭିନୟ ଠାରୁ ଦୂରେଇ ଯାଇଛନ୍ତି।

## କାନ୍ଦି ପକାଇଥିଲେ ପୂଜା

ପୂଜା ହେଗଡେ ଦକ୍ଷିଣ ଭାରତୀୟ ସିନେମାର ଜଣେ ପରିଚିତା ଅଭିନେତ୍ରୀ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ କ୍ୟାମେରା ସାମ୍ନା କରିସାରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଆଶୁତୋଷ ଗୋୱାରିକରଙ୍କର 'ମହେଞ୍ଜୋଦାରୋ'। ୨୦୧୬ରେ ପରଦା ଉପରକୁ ଆସିଥିବା ଏହି ସିନେମାରେ ସେ ହ୍ରିତିକ ରୋଶନଙ୍କ ନାୟିକା ସାଜିଥିଲେ। କିନ୍ତୁ ଏହି ଅଫରଟି ତାଙ୍କୁ କେମିତି ମିଳିଥିଲା ଜାଣନ୍ତି ? ଏ ବିଷୟରେ ପୂଜା କହନ୍ତି, "ସେତେବେଳେ ମୁଁ ଏକ ବିଜ୍ଞାପନର ଶୁଟିଂ କରୁଥାଏ। ଏହି ସମୟରେ ସେଠାରେ ଆଶୁତୋଷ ଗୋୱାରିକର ଏବଂ ତାଙ୍କର ସ୍ତ୍ରୀ ପହଞ୍ଚିଥିଲେ। ଅବଶ୍ୟ ସେମାନେ ମୋତେ ସେଠାରେ କିଛି ସୂଚନା ଦେଇ ନ ଥିଲେ। ପରେ ଯେତେବେଳେ ନିର୍ଦ୍ଦେଶକ ମୋତେ ଫୋନ୍ କରି ମୁଁ ସିଲେକ୍ଟ ହୋଇଛି ବୋଲି କହିଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ସେଦିନ ଆଶୁତୋଷ ସାର୍‌ଙ୍କ ସ୍ତ୍ରୀ ମୋତେ ଦେଖି 'ମହେଞ୍ଜୋଦାରୋ' ଫିଲ୍ମର ନାୟିକା ଭାବରେ ଚୟନ କରିବାକୁ କହିଥିଲେ। ଆଉ ତାହାକୁ ସବୁଜ ସଙ୍କେତ ଦେଖାଇଥିଲେ ନିର୍ଦ୍ଦେଶକ। ଯେତେବେଳେ ମୁଁ ଏହି ଫିଲ୍ମ ପାଇଁ ସାଇନ୍ କଲି ସେତେବେଳେ ମୋ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଗଡି ପଡିଥିଲା।" ଏହି ଫିଲ୍ମଟି ବକ୍ସ ଅଫିସରେ ୧୦୦କୋଟି କ୍ଲବରେ ସାମିଲ ହୋଇଥିଲା।


ପୂଜା

## ରିଲିଜ ଅପେକ୍ଷାରେ...
# ମିଡ ନାଇଟ୍

ଏକ ରହସ୍ୟ ରୋମାଞ୍ଚପୂର୍ଣ୍ଣ କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ମିଡ ନାଇଟ୍'। କାହାଣୀ ଅନୁସାରେ ତିନି ଜଣ ବାନ୍ଧବୀ ନୂଆ ବର୍ଷ ସେଲିବ୍ରେଟ କରିବାକୁ ଚନ୍ଦ୍ରଭାଗା ଯାଉଥାଆନ୍ତି। ବାଟରେ ସେମାଙ୍କ ମଧ୍ୟରୁ ଜଣେ ଏକ ହରର୍ ବହି ପଢୁଥାଆନ୍ତି। ହେଲେ ସଂଯୋଗ ଏମିତି ଯେ ଯେଉଁ ଲାଇନ୍ ପଢୁଥାଆନ୍ତି, ବାସ୍ତବରେ ସେମାନଙ୍କ ସାମନାରେ ସେହି ଘଟଣା ଘଟୁଥାଏ। ହେଲେ ହଠାତ୍ ଗାଡିଟି ଖରାପ ହୋଇଯାଏ, ଆଉ ଉପାୟଶୂନ୍ୟ ହୋଇ ସେମାନେ 'ମିଡ ନାଇଟ୍' ନାମକ ଏକ ହୋଟେଲରେ ରହନ୍ତି। ଆଉ ତା'ପରେ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଭିନେତା ମନୁ ଦ୍ୱିବେଦୀ। ଏହାର କାହାଣୀ ରଚନା କରିବା ସହ ଅନ୍ୟତମ ପ୍ରଯୋଜକ ସାଜିଛନ୍ତି ଅନୁପ ଦ୍ୱିବେଦୀ। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି ସ୍ୱର ସଂଯୋଗକ ପ୍ରଶାନ୍ତ ପାଢ଼ୀ। ମନୁ ଦ୍ୱିବେଦୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ମନୁ ଦ୍ୱିବେଦୀ। ସହକାରୀ ନିର୍ଦ୍ଦେଶକ ଭାର ସମ୍ଭାଳିଛନ୍ତି ସୁରେଶ ଦାଶ। ମନୁ ଦ୍ୱିବେଦୀ, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ସୁଇଟି, ଆଲିୟା ପ୍ରମୁଖ କଳାକାର ଏଥିରେ ଅଭିନୟ କରୁଛନ୍ତି।

## ନାମକରଣ ଅନ୍ତରାଳେ...

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ। ଏହି ଷ୍ଟାର କିଡ୍ ବଲିଉଡ୍‌ରେ ମାତ୍ର କିଛି ବର୍ଷ ଭିତରେ ନିଜର ଅଭିନୟ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି। ସାଜିଦ୍ ନାଦିୱାଦୱାଲା ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ହୀରୋପନ୍ତି'। ମାତ୍ର ୨୫କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ସିନେମା ବକ୍ସ ଅଫିସରେ ପାଖାପାଖି ୭୨କୋଟି ବିଜନେସ କରିବାରେ ସକ୍ଷମ ହୋଇଥିଲା। ଏହାପରେ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି–'ବାଗୀ', 'ଏ ଫ୍ଲାଇଙ୍ଗ ଜାଟ୍', 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨', 'ୱାର୍', 'ଗଣପତ୍', 'ବାଗୀ ୨', 'ବାଗୀ ୩', 'ହୀରୋପନ୍ତୀ ୨' ଏବଂ 'ବଡେ ମିଆଁ ଛୋଟେ ମିଆଁ'। କିନ୍ତୁ ତାଙ୍କର ନାମକରଣ ଟାଇଗର ହେବା ପଛରେ ଏକ ମଜାଦାର କଥା ଲୁଚି ରହିଛି। ତାଙ୍କୁ ଏଭଳି କିଏ ପ୍ରଥମେ ଡାକିଥିଲେ ଜାଣନ୍ତି ? ତାଙ୍କର ବାପା ଜ୍ୟାକି ଶ୍ରଫ। ତାଙ୍କର ପ୍ରକୃତ ନାମ ଥିଲା ଜୟ ହେମନ୍ତ ଶ୍ରଫ। ସେ ଯେତେବେଳେ ଛୋଟ ଥିଲେ ସେତେବେଳେ ଅନ୍ୟମାନଙ୍କୁ ବାଘ ପରି କାମୁଡ଼ିବାକୁ ଗୋଡାଉଥିଲେ। ତେଣୁ ଶ୍ରଦ୍ଧାରେ ଜ୍ୟାକି ତାଙ୍କୁ 'ଟାଇଗର' ବୋଲି ଡାକିବା ଆରମ୍ଭ କଲେ। ଆଉ ତା'ପରେ ସମସ୍ତ ତାଙ୍କୁ ସେହି ନାମରେ ଡାକିଲେ। ଏପରିକି ତାଙ୍କର ସ୍କ୍ରିନ୍ ନେମ୍ ମଧ୍ୟ ଟାଇଗର ରଖିବାକୁ ତାଙ୍କ ପରିବାର ପକ୍ଷରୁ ସ୍ଥିର କରାଯାଇଥିଲା।


ଟାଇଗର


ସୋନମ୍

ନୂଆ ସିନେମା

## ମେମ୍ ସାହାବ


'ମେମ୍ ସାହାବ' ଫିଲ୍ମର ପୋଷ୍ଟର

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି। ଏହି ଚିତ୍ରର ଶୀର୍ଷକ ରହିଛି 'ମେମ୍ ସାହାବ'। ଧୁନ ମ୍ୟୁଜିକାଲ, ସିନେମାସ୍କୋପ ସଲୁସନ୍ସ ଏବଂ ଓମ ଗ୍ରାଫିକ୍ସର ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ପ୍ରଯୋଜନା କରିଛନ୍ତି କେ.ପି. ମିଶ୍ର। ସହ–ପ୍ରଯୋଜକ ଅଛନ୍ତି ଅନିଲ ଯାଦବ। ଖାସ୍ କଥା ହେଲା, ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶ୍ୱ ଭୂଷଣ ମହାପାତ୍ର। ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇନ୍ତି କେପି.। "ଏହାର କାହାଣୀ ପ୍ରସ୍ତୁତ କରିବା ସମୟରେ ତାହା ଯେପରି ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ଏହାବ୍ୟତୀତ ଏହାର ସଂଳାପ ଏବଂ ଗୀତକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଆଶା ରଖିଛି, ଦର୍ଶକ ନିଶ୍ଚୟ ଆମ ସିନେମାକୁ ଗ୍ରହଣ କରିବେ। ଖୁବ୍ ଶୀଘ୍ର ଏହାର ରିଲିଜ ତାରିଖ ଘୋଷଣା କରାଯିବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ।" ଚଳଚ୍ଚିତ୍ରର ସଙ୍ଗୀତ ପରିଚାଳନା କରିଛନ୍ତି ଅଭିଜିତ ତ୍ରିପାଠୀ ଏବଂ ବନ୍ନୀ ମହାନ୍ତି, ଯାହା ଫିଲ୍ମର ରୋମାଞ୍ଚକୁ ଆହୁରି ଜୋରଦାର କରିବ ବୋଲି ଆଶା କରାଯାଉଛି। ଚିତ୍ତ ରଞ୍ଜନ ତ୍ରିପାଠୀ, ପ୍ରିୟା ଚୌଧୁରୀ, ଚୌଧୁରୀ ଜୟ ପ୍ରକାଶ ଦାଶ ଏବଂ ନୂଆ ଚେହେରା ସମ୍ଭବ ମାନସିଂହଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।

## ଅପେକ୍ଷା ଶୁଭ ଦିନକୁ

ଜୟଭାରତ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ଐତିହାସିକ ଓଡ଼ିଆ ଚଳଚ୍ଚିତ୍ର 'ଜୟୀ ରାଜଗୁରୁ'। ଖାସ୍ କଥା ହେଲା ଏହି ଫିଲ୍ମକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବାକୁ ଏହାର ପ୍ରଯୋଜକ ତଥା ନିର୍ଦ୍ଦେଶକ ଜୟ ସେନ୍‌ଙ୍କୁ ଲାଗିଥିଲା ଦୀର୍ଘ ପାଞ୍ଚ ବର୍ଷ। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ଜୟ । ଫିଲ୍ମଟିର ବିଭିନ୍ନ ଭୂମିକାରେ ବିଶ୍ୱରୂପ, ଅଶ୍ରୁମୋଚନ, ମିତା ଚକ୍ରବର୍ତ୍ତୀ, ଦେବିକା କଲ୍ୟା, ନାରାୟଣ ମାର୍ଥା ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ପରିବର୍ତ୍ତନର ସମୟ ଆସିଛି

"ଆଜିକାଲି ଅନେକ ସିନେମାର କାହାଣୀ ଚୟନରେ କେତେ ଦୂରଦୃଷ୍ଟିର ଅଭାବ ରହୁଛି ତାହା ନ କହିବା ଭଲ। ଭଲ କାହାଣୀଟିଏ ମିଳିଲେ ବି ନିର୍ମାଣ ସମୟରେ ବିଭିନ୍ନ ସମସ୍ୟା ଚଳଚ୍ଚିତ୍ରଟିକୁ ବେଙ୍ଗା କରିଦେଉଛି। ଆମ ରାଜ୍ୟରେ ଅନେକ ଭଲ ଭଲ କାହାଣୀ ଅଛି। ତାହାକୁ ନେଇ ସୁନ୍ଦର ଓଡ଼ିଆ ସିନେମା ନିର୍ମାଣ କରାଯାଇପାରିବ। "

ଓଡ଼ିଆ ସିନେମା ୯୦ ବର୍ଷକୁ ଅତିକ୍ରମ କରିବ। ଇତି ମଧ୍ୟରେ ଆମ ସିନେମା ପ୍ରଦର୍ଶନ ପାଇଁ ୯୦ଟି ପ୍ରେକ୍ଷାଳୟ ନାହିଁ। ପ୍ରଥମ ଓଡ଼ିଆ ସିନେମାର ଜନକ ପ୍ରଭୁପାଦ ମୋହନ ସୁନ୍ଦର ଗୋସ୍ୱାମୀ ମଧୁବାବୁଙ୍କ ଜନ୍ମ ଦିନ ଅବସରରେ ସ୍ୱାଭିମାନୀ ଓଡ଼ିଆଙ୍କ ସମ୍ମାନ ଦେଇ 'ସୀତା ବିବାହ' ସିନେମା ମୁକ୍ତିଲାଭ କଲେ। ପୁରୀ ଲକ୍ଷ୍ମୀ ଟକିଜ୍ ମଧ୍ୟ ଇତିମଧ୍ୟରେ ନାହିଁ। ଆମେ ବୟସ୍କମାନଙ୍କୁ ସମ୍ମାନ ନ ଦେଇ ନିଜେ ନିଜେ ପାଳ ଗଦାରେ ଚଢି ପରସ୍ପର ପରସ୍ପରର ଉଚ୍ଚତା ମାପୁଛେ ! ଓଡ଼ିଆ ସିନେମାର ଭବିଷ୍ୟତରେ ନେଇ ଅନେକ ଆଲୋଚନା ହେଉଛି। ଏ ସମ୍ପର୍କିତ ସବିଶେଷ ଜ୍ଞାନ ନ ଥାଇ କେତେକ ଯେଉଁ ମନ୍ତବ୍ୟ ଦେଉଛନ୍ତି ତାହା ନାପସନ୍ଦ ହେବା ସ୍ୱାଭାବିକ। ଓଡ଼ିଆ ଫିଲ୍ମ କ'ଣ ଥିଲା ଆଉ ଏବେ କେଉଁ ଅବସ୍ଥାରେ ଆସି ପହଞ୍ଚିଛି ତାହାକୁ ନେଇ କେବଳ ତର୍ଜମା କଲେ କ'ଣ ହେବ ତାହାର ସମାଧାନର ରାସ୍ତା ବାହାରିବା ଦରକାର। ଏହା ସହ ଜଡିତ ତଥା ଅଭିଜ୍ଞ ପ୍ରଯୋଜକ, ନିର୍ଦ୍ଦେଶକ ଏହି ଧାରାରେ ନିଜକୁ ସାମିଲ କଲେ ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ ହେବ। କେବଳ କଥା କହି ଦେଲେ ତ ହେବ ନାହିଁ, ତାହା କିପରି କାର୍ଯ୍ୟକାରୀ ହେବ ସେ ନେଇ ଉଦ୍ୟମ ହେବା ଦରକାର।

ଏବେ ପୁରସ୍କାରକୁ ନେଇ ଅନେକ ଆଲୋଚନା ହେଉଛି। ଗତ କିଛି ବର୍ଷ ଧରି ବିଦେଶରେ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଅନୁଷ୍ଠିତ ହେଉଛି। କିନ୍ତୁ ଆମ ଓଡ଼ିଆ ସିନେମା ସେଭଳି ମାନର ହେବା ନିଶ୍ଚୟ ଦରକାର, ଯାହାକୁ ଅନ୍ତର୍ଜାତୀୟ ସ୍ତରରେ ଦେଖିଲେ ପ୍ରଶଂସା କରିବେ। ପୁରସ୍କାର ଦିଆଯାଉ, ଏଥିରେ କାହାର ଦ୍ୱିମତ ନାହିଁ, ହେଲେ ତାହାର ଚୟନ ଏଭଳି ହେବା ଦରକାର, ଯାହା ଶୁଣି ସମସ୍ତେ ବାହାବା କରିବେ।

ଓଡ଼ିଆ ସିନେମାର ସଂଖ୍ୟା ବର୍ଷକୁ ବର୍ଷ ବଢୁଛି। ମାତ୍ର ସେପଟେ ବ୍ୟବସାୟିକ ଅସ୍ଥିରତା ତାହାର କାୟା ବିସ୍ତାର କରିଚାଲିଛି। ଏବେ ଦିନକୁ ଦିନ ପ୍ରେକ୍ଷାଳୟ ସଂଖ୍ୟା କମି ଚାଲିଛି। ୩୦ଟି ଜିଲାରେ ଆବଶ୍ୟକ ମୁତାବକ ପ୍ରେକ୍ଷାଳୟ ପିପିପି ମୋଡ୍‌ରେ ନିର୍ମାଣ ହେବା ଦରକାର। ଏହାଦ୍ୱାରା ଓଡ଼ିଆ ସିନେମା ଆମ ରାଜ୍ୟର ଚାରିଆଡେ ମୁକ୍ତିଲାଭ କରିପାରିବ। ସରକାରଙ୍କ ଶିଳ୍ପ ବିଭାଗ ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ନିଷ୍ପତ୍ତି ନେବା ଜରୁରୀ। ପ୍ରଯୋଜକମାନଙ୍କର ଆର୍ଥିକ ଦିଗରୁ ବିକାଶ ନ ହେଲେ ଏ' ଶିଳ୍ପର ପ୍ରଗତି ଆଶା ନିରର୍ଥକ ହେବ। ଆଜିକାଲି ଅନେକ ସିନେମାର କାହାଣୀ ଚୟନରେ କେତେ ଦୂରଦୃଷ୍ଟିର ଅଭାବ ରହୁଛି ତାହା ନ କହିବା ଭଲ। ଭଲ କାହାଣୀଟିଏ ମିଳିଲେ ବି ନିର୍ମାଣ ସମୟରେ ବିଭିନ୍ନ ସମସ୍ୟା ଚଳଚ୍ଚିତ୍ରଟିକୁ ବେଙ୍ଗା କରିଦେଉଛି। ଆମ ରାଜ୍ୟରେ ଅନେକ ଭଲ ଭଲ କାହାଣୀ ଅଛି। ତାହାକୁ ନେଇ ସୁନ୍ଦର ଓଡ଼ିଆ ସିନେମା ନିର୍ମାଣ କରାଯାଇପାରିବ। ଏ ଦିଗରେ ନବାଗତ ପ୍ରଯୋଜକମାନେ ଦୃଷ୍ଟି ଦେଲେ ଭଲ ହେବ। ଏବେ ନୂଆ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଓଡ଼ିଆ ସିନେମାକୁ ଆସୁଛନ୍ତି। ନୂଆ ପ୍ରଯୋଜକଟିଏ ସିନେମା ନିର୍ମାଣ ଦିଗରେ କିଛିଟା ଜ୍ଞାନ ରହିବା ନିହାତି ଦରକାର। ନ ହେଲେ ପରବୁଦ୍ଧିରେ ପଡି ସିନେମା ନିର୍ମାଣ କରିବା ଏବଂ ରିଲିଜ ପରେ ଚିତ୍ରଟିର ଅବସ୍ଥା ଶୋଚନୀୟ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏବେ କେତେକ ସିନେମା କେତେବେଳେ ନିର୍ମାଣ ହେଉଛି ପୁଣି କେତେବେଳେ ରିଲିଜ ହୋଇ ଗୋଟିଏ ଶୋ'ରେ ଉଠି ଯାଉଛି ତାହା ଜାଣି ହେଉ ନାହିଁ।

ଓଡ଼ିଆ ସିନେମା କମ୍ ବଜେଟରେ ହେଲେ କୌଣସି ବୈଷୟିକ ଅସୁବିଧା ନାହିଁ। କେବଳ କାହାଣୀର ଗୁରୁତ୍ୱକୁ ଯଦି ଆମେ ନେବା ତେବେ ସେଇ ଅନୁସାରେ ଚରିତ୍ରରେ ଅଭିନୟ କରୁଥିବା ଭଲ କଳାକାର ନେବା ବାଞ୍ଛନୀୟ। ସେମାନେ ପୁରୁଣା ହୁଅନ୍ତୁ କି ନୂତନ ପିଢିର ହୁଅନ୍ତୁ, ପ୍ରତିଟି ଚରିତ୍ର ସମ୍ପର୍କରେ ଯଦି ନିର୍ଦ୍ଦେଶକ କର୍ମଶାଳା ମାଧ୍ୟମରେ ଅବଗତ କରିବା ନିହାତି ଜରୁରୀ। ଏବେ ସମୟ ଆସିଛି ସମସ୍ତେ ଏକତ୍ର ହୋଇ ଓଡ଼ିଆ ସିନେମାର ଉନ୍ନତି ପାଇଁ ଚେଷ୍ଟା କଲେ ପୁଣି ଥରେ ଏହାର ପୁରୁଣା ଯୁଗ ନିଶ୍ଚୟ ଫେରି ଆସିବ। ଏବେ ଅନେକ ସିନେମାର ପ୍ରିମିୟର ବ୍ୟତୀତ ଅନ୍ୟଦିନରେ ପ୍ରେକ୍ଷାଳୟ ସମ୍ମୁଖରେ କାଉ ଉଡୁଥିବାର ଦେଖିବାକୁ ମିଳୁଛି। ତେଣୁ ଭଲ ସିନେମା ନିର୍ମାଣ ହେଲେ ତାହା ନିଶ୍ଚୟ ଦର୍ଶକଙ୍କୁ ପୁଣି ଥରେ ପ୍ରେକ୍ଷାଳୟମୁହାଁ କରାଇବ–ଏକଥା ନିଃସନ୍ଦେହରେ କୁହାଯାଇପାରେ।



–ଦିଲ୍ଲୀପ ହାଲି, ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ସଂଖ୍ୟାନୁପାତରେ ସଂରକ୍ଷଣ ଦାବି ନେଇ ବିଜେଡିର ଆନ୍ଦୋଳନ



ଭୁବନେଶ୍ୱର, ୨୧ା୫(ସୁନିତ୍ ମିଶ୍ର)

ରାଜ୍ୟରେ ଏସ୍ଇବିସି ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଏବଂ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫ ପ୍ରତିଶତ ସଂରକ୍ଷଣ ଦାବି ନେଇ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଜେଡିର ହଜାର ହଜାର କର୍ମୀ, ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ରହି ସରକାର ବିରୋଧରେ ଗର୍ଜିଛନ୍ତି। ବିଜେଡି ବିଧାୟକ ତଥା ଦଳର ଓବିସି ସେଲ୍ ଆବାହକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅରୁଣ କହିଛନ୍ତି, ବିଜେଡି ପକ୍ଷରୁ ରାଜଭବନ ଆଗରେ ସ୍ୱତଃପ୍ରବୃତ୍ତ ଭାବେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଛୁଟିଆସି ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରମାନଙ୍କୁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଟେକ୍ନିକାଲ ବିଷୟରେ ସଂରକ୍ଷଣ ଦେବା ଲାଗି ଦାବି କରିଛନ୍ତି। ଭାଜପା ସରକାର କେବଳ ସାଧାରଣ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଘୋଷଣା କରିଛନ୍ତି। ଯୁକ୍ତ ୩ରେ ପ୍ରାୟ ୭୦ ହଜାର ସିଟ୍ ରାଜ୍ୟରେ ଖାଲି ପଡୁଛି। ସେଠାରେ ସଂରକ୍ଷଣ ଦେବେ କହୁଛନ୍ତି। କିନ୍ତୁ ନିଯୁକ୍ତିଭିତ୍ତିକ ସଂରକ୍ଷଣ ମେଡିକାଲ, ଇଞ୍ଜିନିୟରିଂ ଏବଂ ବୈଷୟିକ କ୍ଷେତ୍ରରେ ଦେବା ଦରକାର। ସରକାର ଏହାକୁ ନେଇ ଦୂରେଇ ରହୁଛନ୍ତି। ତେଣୁ ବିଜେଡିର ବିଧାୟକ, ଏମ୍‌ପି ଏବଂ ଅନ୍ୟ ବରିଷ୍ଠ ନେତାମାନେ ଏନେଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ଏନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଯଦି ରାଜ୍ୟ ସରକାର ଏହି ଦାବି ପୂରଣ ନ କରନ୍ତି ଏବେ ଯେଉଁ ଝଲକ ଦେଖିଛନ୍ତି ଆଗକୁ ଦେଖିବେ ଏହା କେତେ ଭୟଙ୍କର ହୋଇପାରେ। ସାରା ଓଡିଶାର ଜିଲା ମୁଖ୍ୟାଳୟ, ସବ୍‌ଡିଭିଜନ, ବ୍ଲକ, ପଞ୍ଚାୟତସ୍ତରରେ ବିଜେଡି ଏହି ଆନ୍ଦୋଳନକୁ ଜୋର୍‌ଦାର କରିବ। ଓବିସିଙ୍କୁ ୫୪ ପ୍ରତିଶତ, ୩୯ ପ୍ରତିଶତ ଏସ୍‌ସି, ଏସ୍‌ଟିଙ୍କ ନାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଜେଡି ଏହି ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ନିଷ୍ପତ୍ତି ନେଇଥିବା ଅରୁଣ କହିଛନ୍ତି। ଅନ୍ୟପଟେ ରାଜ୍ୟପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ନିକଟରେ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଦାନ କରାଯାଇଥିବା ୧୧.୨୫ ପ୍ରତିଶତ ସଂରକ୍ଷଣ ଏକ ପ୍ରବଞ୍ଚନା। ବିଶେଷକରି ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ପ୍ରଦାନ କରାଯାଇ ନ ଥିବାରୁ ବିଜେଡି ଏହାକୁ ନାପସନ୍ଦ କରିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକାଂଶ ଆସନ ଖାଲି ପଡୁଛି ସେଗୁଡ଼ିକୁ ସଂରକ୍ଷଣ ଆକାରରେ ପ୍ରଦାନ କରିବା ନେଇ ଘୋଷଣା କରାଯିବା ଏକ ପ୍ରତାରଣା ଛଡ଼ା କିଛି ନୁହେଁ। କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏବଂ ଅନେକ ରାଜ୍ୟରେ ଓବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ରାଜ୍ୟର ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷାରେ ୩୮.୭୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ୨୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେଣୁ ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ ପ୍ରତିଶତ ସଂରକ୍ଷଣ ଦେବା ନେଇ ବିଜେଡି ପକ୍ଷରୁ ଦାବି କରାଯାଇଛି। ନବୀନ ସରକାର ସମୟରେ ଏସ୍‌ସି, ଏସ୍‌ଟି ଏବଂ ଓବିସିମାନଙ୍କ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ସମସ୍ତଙ୍କର ପ୍ରିୟ ହୋଇପାରିଥିଲେ ଜୟନ୍ତ ବର୍ମା



## ଶ୍ରଦ୍ଧାଞ୍ଜଳି ସଭା

ଢେଙ୍କାନାଳ,୨୧ା୫(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଏକ ହୋଟେଲ୍ ସମ୍ମିଳନୀ କକ୍ଷରେ ବୁଧବାର ହିନ୍ଦୋଳ ବ୍ଲକ୍‌ର ସାତମାଇଲ୍‌ସ୍ଥିତ ଜନତା କଲେଜ୍‌ର ଅବସରପ୍ରାପ୍ତ ବରିଷ୍ଠ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତଥା ନିଖିଳ ଓଡିଶା ବେସରକାରୀ କଲେଜ ଶିକ୍ଷକ ଏବଂ କର୍ମଚାରୀ ସଂଘ ଢେଙ୍କାନାଳ ଶାଖାର ସଭାପତି ସ୍ୱର୍ଗତ ଜୟନ୍ତ ବର୍ମାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ବରିଷ୍ଠ ପ୍ରଧାପକ ତଥା ରାଜ୍ୟ ଶିକ୍ଷକ ସଂଘର ସାଙ୍ଗଠନିକ ସମ୍ପାଦକ ମଦନ ମହଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ବର୍ମାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପ୍ରାରମ୍ଭରେ ସ୍ୱର୍ଗତ ବର୍ମାଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଏବଂ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଢେଙ୍କାନାଳ ଜିଲାରେ ତଥା ରାଜ୍ୟ ଶିକ୍ଷକ,କର୍ମଚାରୀ ସଂଘକୁ ସୁଦୃଢ କରିବା ପାଇଁ ତାଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରାଯାଇଥିଲା । ସେ ଜଣେ ସୁସଂଗଠକ, ପରୋପକାରୀ, ବନ୍ଧୁ ବତ୍ସଳ, ଛାତ୍ର ବତ୍ସଳ, ମିଷ୍ଟଭାଷୀ, ମେଳାପି ବ୍ୟକ୍ତି ଭାବରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି ମତପ୍ରକାଶ ପାଇଥିଲା । ଏହି ସଭାରେ ଢେଙ୍କାନାଳ, ଅନୁଗୁଳ ଏବଂ ରାଜ୍ୟସ୍ତରୀୟ ବହୁ ଅଧ୍ୟାପକ, କର୍ମଚାରୀ ଯୋଗଦାନ କରି ସ୍ୱର୍ଗତ ବର୍ମାଙ୍କର ସ୍ମୃତିଚାରଣ କରିଥିଲେ । ଶେଷରେ ଶିକ୍ଷକ, କର୍ମଚାରୀ ସଂଘର ଉପଦେଷ୍ଟା ତଥା ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ ଏବଂ ଶିକ୍ଷକ ପ୍ରତିନିଧି ମଣ୍ଡଳୀ ସ୍ୱର୍ଗତ ବର୍ମାଙ୍କ ନେତୃତ୍ୱରେ କୁଞ୍ଜକାନ୍ତସ୍ଥିତ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ କ୍ଷିତିଶ ଚନ୍ଦ୍ର ଜେନାମଣୀ, ରତ୍ନାକର ଦାସ, ପ୍ରଶାନ୍ତ କୁମାର ବେହେରା, ଡଃ ଶମ୍ଭୁ ପ୍ରସାଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରତାରଣା ସହି ନପାରି ଯୁବତୀଙ୍କ ଆତ୍ମହତ୍ୟା

ଢେଙ୍କାନାଳ,୨୧ା୫(ରତନ ନାୟାର)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମାନପୁର ଗ୍ରାମରେ ଜଣେ ଯୁବତୀଙ୍କୁ ଅନ୍ୟ ଜଣେ ଯୁବକ ଭଲପାଇ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ପରେ ଯୁବତୀ ଜଣକ ଘର ଫ୍ୟାନରେ ଲୁଗାଦେଇ ଗତ ୧୮ ତାରିଖ ରାତି ୮ଟାରେ ଆତ୍ମହତ୍ୟା କରିଥିଲେ । ଯୁବତୀ ଜଣଙ୍କୁ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବକ ଭଲ ପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଯୁବତୀ ଜଣଙ୍କଠାରୁ ସେ ବହୁ ଟଙ୍କା ନେଇ ଯାଇଥିବା ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏପରିକି ବ୍ଲାକମେଲିଂ କରି ଯୁବତୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଯୁବତୀ ଜଣକ ଫ୍ୟାନରେ ଝୁଲୁଥିବା ସମ୍ପର୍କରେ କିପରି ଯୁବକ ଜଣକ ଜାଣିପାରି ଫୋନ ମାଧ୍ୟମରେ ଝିଅର ମା'ଙ୍କୁ ଫୋନ କରି ଜଣାଇଲେ, ତାହା ତଦନ୍ତ ସାପେକ୍ଷ । ଫୋନ ପାଇ ମା' ଘର ଭିତରକୁ ଯାଇ ଦେଖନ୍ତି ତାଙ୍କ ଝିଅ ଫ୍ୟାନରେ ଲୁଗାଦେଇ ଝୁଲୁଛି । ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ପ୍ରଥମେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଥିଲେ । କଟକଠାରେ ଚିକିତ୍ସିତ ଅବସ୍ଥାରେ ୧୯ ତାରିଖ ଭୋର ସମୟରେ ଯୁବତୀଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବା ପାଇ ଯୁବତୀଙ୍କ ପରିବାର ଲୋକ କଣ୍ଟାବଣିଆ ଥାନାରେ ଏକ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ କଣ୍ଟାବଣିଆ ଥାନା ଅଧିକାରୀ ତୁଳସୀ ମଞ୍ଜରୀ ଭୂୟାଁ କୁହନ୍ତି ଯେ, ଅଭିଯୋଗ ପାଇଛୁ । ଏହାର ତଦନ୍ତ କରାଯାଉଛି ।

# ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

ଢେଙ୍କାନାଳ,୨୧ା୫(ରତନ ନାୟାର)

ଢେଙ୍କାନାଳ ମହର୍ଷି ଦୟାନନ୍ଦ ସରସ୍ୱତୀ ସର୍ଭିସ ମିଶନ ଠାରେ ୧୭ ତାରିଖ ଦିନ ଜିଲାସ୍ତରୀୟ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ ହେବା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିଳମଣୀ ଦିଲୀପଚାନ୍ଦ ବେହେରା କାର୍ଯ୍ୟକ୍ରମରେ ଅଧକ୍ଷତା କରି ନିଜ ନିଜର ରକ୍ତଚାପକୁ ନିୟନ୍ତ୍ରଣ ରଖିବା, ସଠିକ୍ ଭାବେ ମାପିବା ଓ ଦୀର୍ଘଜୀବୀ ହେବା ଉପରେ ପରାମର୍ଶ ଦେଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶାଙ୍କ ଦ୍ୱାରା ୧୦୦ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପୂର୍ବକ ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ ଯାଞ୍ଚ କରାଯାଇଥିଲା । ୫୦ଜଣ ସ୍କୁଲ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ୩୦ଜଣ ମହିଳା ଓ ବୃଦ୍ଧାଙ୍କ ମଧ୍ୟରେ ଝୋଟି ଓ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏନ୍‌ସିଡି କାଉନସିଲର ସଂଗ୍ରାମ କୁମାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୂତନ ବିଇଓଙ୍କ ଯୋଗଦାନ

ମୋରଡ଼ା,୨୧ା୫ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ବିଜୟ କୁମାର ପାଣିଗ୍ରାହୀ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଶୁକ୍ଳି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ବିଇଓ ପାଣିଗ୍ରାହୀଙ୍କୁ ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ନୂଆ ବିଇଓଙ୍କ ଯୋଗଦାନ ପରେ ଆଗାମୀ ଦିନରେ ମୋରଡା ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଅଞ୍ଚଳବାସୀ ଆଶାବାଦୀ ଅଛନ୍ତି।

# ଖୋଲିଲା ଧାନମଣ୍ଡି

ବୈଶିଙ୍ଗା,୨୧ା୫(ରତନ ଦାଶ)

ବୈଶିଙ୍ଗା ଲ୍ୟାମ୍ପସ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ରବି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସରକାରୀ ଦର କୁଇଣ୍ଟାଲ ପିଛା ୨୩୦୦ଟଙ୍କା ଥିବା ବେଳେ ଇନପୁଟ ସହାୟତା ରାଶି ୮୦୦ ଟଙ୍କା ମଧ୍ୟ ପ୍ରତି ଚାଷୀଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରଥମ ଦିନରେ ୧୧୧ କୁଇଣ୍ଟାଲ ୮୪ କେଜି ଧାନ କ୍ରୟ କରାଯାଇଥିବା ସୂଚନା ମିଳିଛି। ଉଦ୍‌ଘାଟନୀ ସମାରୋହରେ ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧିକରୁ ଅଧିକ ଚାଷୀ ନାମ ପଞ୍ଜୀକରଣ କରାଇ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସମସ୍ତ ସୁବିଧାର ଭାଗିଦାର ହେବାପାଇଁ ଆହ୍ୱାନ ଦେଇଥିଲେ। ସମାବେଶରେ ସମସ୍ତ ନିର୍ଦ୍ଦେଶକମାନେ ଉପସ୍ଥିତ ଥିବାବେଳେ ଲ୍ୟାମ୍ପସ କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଟ୍ୟାଙ୍କର ଧକ୍କାରେ ପଥଚାରୀଙ୍କ ମୃତ୍ୟୁ



ମୃତକଙ୍କ ସମ୍ପର୍କୀୟଙ୍କୁ ଅତିରିକ୍ତ ତହସିଲଦାର ସହାୟତା ରାଶି ପ୍ରଦାନ କରୁଛନ୍ତି।

ପରଜଙ୍ଗ,୨୧ା୫(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ ନଂ ଜାତୀୟ ରାଜପଥର ପିଟିରି ଗ୍ରାମ ପୋଖରୀ ନିକଟରେ ମଙ୍ଗଳବାର ରାତି ୧୧ଟା ବେଳେ ଟ୍ୟାଙ୍କର ଧକ୍କାରେ ଜଣେ ପଥଚାରୀଙ୍କ ମୃତ ଘଟିଛି। ମୃତକ ଜଣକ ପିଟିରି ଗ୍ରାମର ରହି କାମଧନ୍ଦା କରି ଚଳୁଥିବା ଚକର ତିରିଆ (୬୦) ବୋଲି ଜଣାପଡିଛି। ସେ ମଙ୍ଗଳବାର ରାତିରେ ଶୌଚ ହୋଇ ଘରକୁ ଫେରୁଥିବା ବେଳେ ଏକ ଟ୍ୟାଙ୍କର ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଗାଡ଼ିକୁ ପିଛା କରିଥିଲେ। ଫଳରେ ଚାଳକ କିଛି ବାଟ ଯିବା ପରେ ଗାଡ଼ିଟିକୁ ବିପରୀତ ଦିଗକୁ ମୁହଁକରି ଛାଡ଼ି ପଳାଇଥିଲେ। କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରଜଙ୍ଗ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଟ୍ୟାଙ୍କରଟିକୁ ଜବତ କରି ସରାଙ୍ଗ ଫାଣ୍ଡିରେ ରଖାଯାଇଛି। ପରଜଙ୍ଗ ଥାନାରେ କେଶ ନଂ ୨୪୩/୨୫ ରେ ଏକ ମାମଲା ରୁଜୁ ହୋଇଛି। ରେଡକ୍ରସ ପକ୍ଷରୁ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ମୃତକଙ୍କ ସମ୍ପର୍କୀୟଙ୍କୁ ବୁଧବାର ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

# ଆରମ୍ଭ ହେଲା ରବି ଧାନ କିଣା

ମୋରଡ଼ା,୨୧ା୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡ଼ା ଲ୍ୟାମ୍ପରେ ବୁଧବାର ରବି ଧାନ କିଣାର ଶୁଭାରମ୍ଭ ହୋଇଛି। ସକାଳ ୮ଟାରେ ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସାଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡେପୁଟି ରେଜିଷ୍ଟ୍ରାର କୃଷ୍ଣଚନ୍ଦ୍ର ଦାସ, ଆରଏମ୍‌ସି ସେକ୍ରେଟାରୀ ସଦାନନ୍ଦ ମାର୍ଣ୍ଡି, ମୋରଡା ବିଡିଓ ଅଣାକର ନାଏକ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମୋରଡା ଏମଆଇ ପ୍ରବୀର କୁମାର ପାତ୍ର, ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ରଡ଼ା ଲ୍ୟାମ୍ପସ ଏମ୍‌ଡି ବୀର ପ୍ରତାପ ଶମ୍ଭୁ ନାରାୟଣ ରାଠୋରଙ୍କ ସୂଚନା ମୁତାବକ, ଚଳିତ ଥର ୩୩୯ କୁଇଣ୍ଟାଲ ଧାନ କିଣା ଯିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ଚାଷୀ ଭାବେ ଘୋଳମୁହାଁର ଆନନ୍ଦ କୁମାର ମୋଦି ୩୬ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ପ୍ରଥମ ଦିନରେ ୪ ଜଣ ଚାଷୀଙ୍କଠାରୁ ୧୦୦ କୁଇଣ୍ଟାଲ ଧାନ କିଣାଯାଇଛି।

**Tender Notice**

BAIF Institute for Sustainable Livelihoods and Development

Invites sealed quotations from reputed vendors for "Roof water harvesting" work in Kujang block, Jagatsinghpur district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra PO. Dhanupali, Sambalpur Odisha-768005 Telephone: +91-7894418530

**UTKAL UNIVERSITY**
VANI VIHAR
BHUBANESWAR-751004

No.DRS/RUSA-1041-2016 (PDF)/696/2025 Date: 21.05.2025

The University announces 8 Nos. of RUSA Post-Doctoral Fellowship @ Rs.80,000/- per month depending on academic qualifications, research competencies and publications in high impact factor journals for maximum period of three years. Interested candidates may apply in the prescribed format to the Coordinator RUSA 2.0, Utkal University, Vani Vihar, Bhubaneswar-751004, India latest by **9th June 2025** with a soft copy to **rusa.utkal@gmail.com**. The details of it is available at **www.utkaluniversity.ac.in**. For any queries, candidate may contact at **rusa.utkal@gmail.com**.

University reserves the right to cancel the advertisement without assigning any reason.

Sd/- REGISTRAR

# ରାସ୍ତା କଡ଼ରେ ଶୁଖିଲା ଗଛକୁ ନେଇ ଲୋକେ ଆତଙ୍କିତ

ଢେଙ୍କାନାଳ,୨୧ା୫(ରତନ ନାୟାର)



ଢେଙ୍କାନାଳ ଜିଲା ଦେଓଗାଁ-ମନ୍ଦାର ପୂର୍ତ୍ତବିଭାଗ ରାସ୍ତାର ଶ୍ରୀରାମଚନ୍ଦ୍ରପୁର ଓ ଷଡଙ୍ଗୀ-ନିହଲପ୍ରସାଦ ରାସ୍ତାର କାଶିପୁରଠାରେ ରାସ୍ତା କଡ଼ରେ ଶୁଖିଲା ଓ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଗଛକୁ ନେଇ ଲୋକେ ଆତଙ୍କିତ ହୋଇପଡୁଛନ୍ତି। ବର୍ତ୍ତମାନ ଅଧିକାଂଶ ସମୟରେ କାଳ ବୈଶାଖୀ ହେଉଥିବାରୁ କେଉଁ ମୁହୂର୍ତ୍ତରେ ପରିତ୍ୟକ୍ତ ହୋଇ ରହିଥିବା ଏହି ଗଛଗୁଡିକ ରାସ୍ତା ଉପରେ ଖସିପଡି ଧନଜୀବନ ଘଟାଇବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲା ବନବିଭାଗ ଓ ପୂର୍ତ୍ତବିଭାଗ ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏପରିକି କେତେକ ଜାଗାରେ ଏହି ପରିତ୍ୟକ୍ତ ଗଛକୁ ଲାଗି ଚାଳଛପର କୁଡିଆଘର ଓ ଛୋଟ କୋଦାନ ସବୁ ରହିଥିବାରୁ କେଉଁ ମୁହୂର୍ତ୍ତରେ କାଳ ବୈଶାଖୀ ସମୟରେ ବିପଦର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀଙ୍କ ସୂତ୍ରରୁ ପ୍ରକାଶ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଉଦଳା,୨୧ା୫ (ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳା ବ୍ଲକ ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂଆ ରୂପ ନେବ। ୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ ୩୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂ। ଏଥି ସହିତ ଡାକ୍ତରଖାନା କ୍ୟାମ୍ପସରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ସମସ୍ତ ବ୍ୟବସ୍ଥା ଉପଲବ୍ଧ ହେବ। ବୁଧବାର ପୂର୍ବାହ୍ନ ସାଢେ ୧୦ଟା ବେଳେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ତ୍ତ ବିଭାଗ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ଉଦଳା ବିଡିଓ ସମରଜିତ କର, ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଣବ ପ୍ରିୟଦର୍ଶୀ ବେହେରାଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଭୂମିପୂଜନ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ୨ ବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ହେବ ବୋଲି ବିଧାୟକ ମଢେଇ ସୂଚନା ଦେଇଛନ୍ତି। ଉଦଳା ବ୍ଲକ ଅଧୀନରେ ଥିବା ଶ୍ରୀଦାମଚନ୍ଦ୍ରପୁର,ପାଟଶାଣୀପୁର, କୁଣ୍ଡାବାଇ, ନୂଆଗାଁ ପଞ୍ଚାୟତର ପ୍ରାୟ ୪୦ ହଜାରରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଦେବକୁଣ୍ଡ ମଣ୍ଡଳର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ବିଭୂତି ମହାନ୍ତ, ପ୍ରଭାତ ପରିଡା, ବିଜୟ ସେନାପତି ଏବଂ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

**कार्यालय अधीक्षण अभियंता, लोक निर्माण विभाग, बिलासपुर मंडल, बिलासपुर**

**ई-प्रोक्यारमेंट निविदा सूचना**

**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु सरल क्र. 1 हेतु 02.06.2025 तक एवं सरल क्र. 2 से 10 हेतु दिनांक 09.06.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 26 | जिला मुंगेली विकासखण्ड पथरिया के कंचनपुर में हाईस्कूल भवन निर्माण कार्य। द्वितीय आमंत्रण। मुंगेली संभाग, मुंगेली। मद संख्या -67-4202-3490 माध्यमिक शाला भवन | 66.77 |
| 2 | 27 | जिला जांजगीर चांपा के पकरिया से रिवापार तक मार्ग लंबाई 1.019 कि.मी. निर्माण कार्य। प्रथम आमंत्रण। चांपा संभाग, चांपा। मद संख्या -64-5054-9002 सड़क निर्माण (अनु.बाहु.क्षेत्र) | 112.08 |
| 3 | 28 | उपसंभाग कोनी, बिलासपुर के विभिन्न मार्गों में डब्ल्यू.एम.एम. एवं बी.टी. पेच रिपेयर कार्य। प्रथम आमंत्रण। संभाग क्र 1 बिलासपुर। मद संख्या -24-3054 वार्षिक संधारण | 65.00 |
| 4 | 29 | उपसंभाग क्र 2. बिलासपुर के अंतर्गत विभिन्न मार्गों में डब्ल्यू.एम.एम. एवं बी.टी पेच रिपेयर कार्य। प्रथम आमंत्रण। संभाग क्र 1. बिलासपुर। मद संख्या -24-3054 वार्षिक संधारण | 65.00 |
| 5 | 30 | उपसंभाग क्र 1. बिलासपुर के अंतर्गत विभिन्न मार्गों में बी.टी. पेच रिपेयर कार्य। प्रथम आमंत्रण। संभाग क्र 1. बिलासपुर। मद संख्या -24-3054 बार्षिक संधारण | 69.94 |
| 6 | 31 | सारगपुर से सावंतपुर तक पहुंच मार्ग लंबाई 1.77 कि.मी का निर्माण कार्य। प्रथम आंमत्रण। मुंगेली संभाग, मुंगेली। मद संख्या -24-5054-1222 ग्रामीण सड़क | 189.34 |
| 7 | 32 | कुम्रोली भटली मार्ग पर पुल का निर्माण एप्रोच सहित लंबाई 0.20 कि.मी.। प्रथम आमंत्रण। मुंगेली संभाग, मुंगेली। मद संख्या -24-5054-1222 ग्रामीण सड़क | 87.64 |
| 8 | 33 | मुंगेली सभाग अंतर्गत विभिन्न मार्गों में रोड मार्किंग, साईन बोर्ड एवं रोड सेफ्टी का कार्य। प्रथम आंमत्रण। मुंगेली संभाग, मुंगेली। मद संख्या -24-3054-0134 वार्षिक संधारण। | 60.00 |
| 9 | 34 | लोरमी उपशंभाग अंतर्गत खुडिया सेक्शन के कोटा लोरमी पण्डरिया मार्ग के कि.मी. 46/2 से 68/10=21.00 कि.मि. अन्य मार्गों में डब्ल्यु.एम.एम. एवं बी.टी. पेच रिपेयर कार्य। प्रथम आमंत्रण। मुंगेली संभाग, मुंगेली। मद संख्या -24-3054 वार्षिक संधारण | 50.00 |
| 10 | 35 | लोरमी उपशंभाग अंतर्गत लोरमी सेक्शन के वोडतरा पथर्रा राम्हेपुर मार्ग के कि.मी. 1/2 से 13/10 = 13.00 कि.मी. अन्य मार्गों में डब्ल्य.एम.एम. एवं बी.टी पेच रिपेयर कार्य। प्रथम आमंत्रण। मुंगेली संभाग, मुंगेली। मद संख्या -24-3054 वार्षिक संधारण | 50.00 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सके है।

स्वा./- अधीक्षण अभियंता
लो.नि.वि. बिलासपुर मण्डल, बिलासपुर

G-252601009/4

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୧୭, ତାରିଖ: ୨୧।୦୫।୨୦୨୫, "ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂଆ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପ୍‌ଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ କରିଦିଆଯିବ । **କ୍ର.ସଂ., ଟେଣ୍ଡର ନଂ. ଧାର୍ଯ୍ୟ ତାରିଖ, ସଂକ୍ଷିପ୍ତ ବର୍ଣ୍ଣନା, ପରିମାଣ ଓ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:** **୧. ୮୦୨୫୧୮୬୧**, ୧୩।୦୬।୨୦୨୫, ଇଲେକ୍ଟ୍ରିକ୍ ଲୋକୋ ପାଇଁ ମୁଖ୍ୟ ଟ୍ରାନ୍ସଫର୍ମର ନିମନ୍ତେ ଇନ୍‌ହିବିଟେଡ୍ ମିନେରାଲ୍ ଇନ୍‌ସୁଲେଟିଂ ଅଏଲ୍ । ୫୩୭୧୮୦ ଲିଟର, ₹୧୦,୦୪,୭୪୦/- । **୨. ୨୫୨୫୧୨୬୩**, ୦୨।୦୬।୨୦୨୫, ଇନ୍‌ଷ୍ଟାନିଅସ୍ ହାଇ ଭୋଲଟେଜ୍ ସର୍କିଟ୍ । ୧୭୨ ଗୋଟି, ₹୨,୭୩,୨୭୦/- । **୩. ୨୫୨୫୧୨୭୬**, ୦୬।୦୬।୨୦୨୫, ରେଜିଷ୍ଟର ଗ୍ରୀଡ୍ ଏଲିମେଣ୍ଟ ଆସେମ୍ବ୍ଲି । ୭୮୦ ଗୋଟି, ₹୪,୦୪,୯୮୦/- । **୪. ୨୫୨୫୧୧୭୯**, ୦୭।୦୬।୨୦୨୫, ଏକ୍ସିଲ ବକ୍ସ ଆସେମ୍ବ୍ଲି କମ୍ପ୍ଲିଟ୍ ବେରିଂ ସହିତ । ୫୧୭ ସେଟ୍, ₹୭,୪୮,୫୪୦/- । **୫. ୨୯୨୫୫୦୨୯**, ୧୬।୦୬।୨୦୨୫, ଅଏଲ୍ କୁଲର୍ ରେଡିଏଟର । ୧୦ ଗୋଟି, ₹୧,୧୧,୩୯୦/- । **୬. ୨୫୨୫୧୨୧୩**, ୧୮।୦୬।୨୦୨୫, ଇଣ୍ଡିପେଣ୍ଡେଣ୍ଟ ବ୍ରେକ୍ ଭାଲ୍‌ଭ ଏସ୍‌ଏ୯ । ୨୦୬ ଗୋଟି, ₹୧,୩୧,୨୬୦/- । **୭. ୨୫୨୫୧୨୦୬**, ୦୭।୦୭।୨୦୨୫, ବ୍ରେକ୍ ଶୁ' ମିଡିୟମ୍ ଫସ୍‌ଫରସ୍ । ୬୨୧୩୦ ଗୋଟି, ₹୧୨,୬୭,୪୫୦/- । **୮. ୨୫୨୫୧୩୧୮**, ୧୦।୦୭।୨୦୨୫, ସସପେନ୍ସନ୍ ଟ୍ୟୁବ୍ ଆସେମ୍ବ୍ଲିର ଓଭରହଲିଂ ପାଇଁ ସ୍ପେୟାର୍‌ଗୁଡ଼ିକର ସେଟ୍ । ୪୪୧ ସେଟ୍, ₹୬,୭୮,୦୩୦/- । **୯. ୨୯୨୫୦୦୨୮ଏ**, ୦୮।୦୮।୨୦୨୫, ୩ ଫେଜ୍ ଟିଏମ୍ ଟାଇପ୍ ୬ଏଫ୍‌ଆର୍‌ଏ ୬୦୬୮ ପାଇଁ ରୋଲର୍ ବେରିଂ ସେଟ୍ । ୮୧୭ ସେଟ୍, ₹୧୪,୦୮,୪୯୦/- । **୧୦. ୨୫୨୫୧୨୭୦**, ୧୧।୦୮।୨୦୨୫, ଭାକ୍ୟୁମ୍ ସର୍କିଟ୍ ବ୍ରେକର୍ (ସିଙ୍ଗଲ୍ ବଟଲ୍) । ୭୧ ଗୋଟି, ₹୫,୧୨,୪୦୦/- । **୧୧. ୫୬୨୫୧୬୮୯**, ୧୮।୦୬।୨୦୨୫, ଗ୍ରୀନ୍ ଆସପେକ୍ଟ ମେନ୍ ଏଲ୍‌ଇଡି ସିଗ୍ନାଲ ଲାଇଟିଂ ୟୁନିଟ୍ । ୮୨୧ ଗୋଟି, ₹୧,୬୫,୯୬୦/- । **୧୨. ଆଇଏଫ୍୨୫୫୨୬୯**, ୧୯।୦୬।୨୦୨୫, ଶାଙ୍କ୍ ୱେର୍ ପ୍ଲେସ୍ ସହ କପଲର୍ ବଡ଼ି । ୬୭୫ ଗୋଟି, ₹୪,୭୩,୧୨୦/-। ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ସେମାନଙ୍କର ବିଡ୍ ଅନଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଏବଂ ତତ୍‌ପଶ୍ଚାତ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।

(PR-185) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଗାର୍ଡେନ ରିଚ୍

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, धनबाद।**
**ई–प्रोक्योरमेंट सूचना**
ई–निविदा प्रसंग संख्या - **RCD/DHANBAD/793/2025-26 (1st Call)**
दिनांक – **20.05.2025**

| | | |
|---|---|---|
| 1. | कार्य का नाम | "पथ प्रमण्डल, धनबाद अन्तर्गत जामताड़ा से निरसा भाया बीरग्राम पथ (कुल लंबाई– 8.70 कि0मी0) का राईडिंग क्वालिटी में सुधार ( Improvement of Riding Quality ) कार्य, वर्ष 2025–26" |
| 2. | प्राक्कलित राशि (रुपये में) | रुपये 6,31,96,633/– रूपये मात्र |
| 3. | कार्य समाप्ति की अवधि | 75 दिन |
| 4. | निविदा प्राप्ति की अंतिम तिथि एवं समय | 28.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 27.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता, पथ निर्माण विभाग, पथ प्रमण्डल,धनबाद। |
| 7. | प्रोक्युरमेंट अधिकारी का सम्पर्क नम्बर | **06432-275640** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

अतिरिक्त जानकारी के लिए वेबसाईट **http://jharkhandtenders.gov.in** पर देखें।

कार्यपालक अभियंता,
पथ निर्माण विभाग, पथ प्रमण्डल, धनबाद।

PR 353124 Road(25-26)D

# କଳାରେ ଓମ୍ ପ୍ରସାଦ, ବାଣିଜ୍ୟରେ ସ୍ନେହ ଓ ବିଜ୍ଞାନରେ ସୌମ୍ୟକାନ୍ତ ଟପ୍ପର

■ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ
■କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ୍ ହାର ୮୯.୭୧ ପ୍ରତିଶତ

ଢେଙ୍କାନାଳ,୨୧।୫(ରତନ ନାୟାର)


ଓମ୍ ପ୍ରସାଦ ସ୍ୱାଇଁ


ସ୍ନେହ ମୁଦୁଲି


ସୌମ୍ୟକାନ୍ତ ରଣା

ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇଛି। ଚଳିତବର୍ଷ ବିଦ୍ୟାଳୟରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ମୋଟ ୬୪୨ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୫୭୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ମୋଟ ପାସ୍ ହାର ୮୯.୭୮ ପ୍ରତିଶତ ହୋଇଛି । ମୋଟ ଉପରେ ୩୬୬ଜଣ ପ୍ରଥମ ଶ୍ରେଣୀ, ୮୯ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୨୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୫୦ଜଣ ଫେଲ ହୋଇଛନ୍ତି । ୮ଜଣ ପରୀକ୍ଷା ଦେଇନାହାନ୍ତି । ବିଜ୍ଞାନରେ ଛାତ୍ର ସୌମ୍ୟକାନ୍ତ ରଣା ମୋଟ ୬୦୦ରୁ ୫୭୨ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ସେ ୯୫.୩୩ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି ବାଣିଜ୍ୟରେ ସ୍ନେହ ମୁଦୁଲି ମୋଟ ୬୦୦ରୁ ୫୬୨ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ସେ ୯୩.୬୬ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି କଳାରେ ଓମ୍ ପ୍ରସାଦ ସ୍ୱାଇଁ ମୋଟ ୬୦୦ରୁ ୫୪୧ନଂ ରଖି କଲେଜ ଟପ୍ପର ହୋଇଛନ୍ତି। ସେ ମୋଟ ୯୦.୧୬ ପ୍ରତିଶତ ନମ୍ବର ରଖିଛନ୍ତି । ଚଳିତବର୍ଷ କଳାରେ ମୋଟ ୨୬୧ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୨୨୭ଜଣ ପାସ୍ କରିଛନ୍ତି। ୯୯ଜଣ ପ୍ରଥମ ଶ୍ରେଣୀରେ, ୩୭ଜଣ ଦ୍ୱିତୀୟ ଶ୍ରେଣୀରେ, ୯୧ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୨୯ଜଣ ଫେଲ ହୋଇଛନ୍ତି। ୫ଜଣ ଅନୁପସ୍ଥିତ ଥିଲେ । କଳାରେ ପାସହାର ୮୬.୯୭ ପ୍ରତିଶତ ହୋଇଛି । ସେହିପରି ବିଜ୍ଞାନରେ ମୋଟ ୨୭୧ଜଣ ପରୀକ୍ଷା ଦେଇଥିଲେ । ସେଥିରୁ ୨୪୯ଜଣ ପାସ୍ କରିଛନ୍ତି। ୨୦୯ଜଣ ପ୍ରଥମ ଶ୍ରେଣୀରେ, ୩୦ଜଣ ଦ୍ୱିତୀୟ ଶ୍ରେଣୀରେ, ୧୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୩ଜଣ ଫେଲ ହୋଇଛନ୍ତି । ୨ଜଣ ଅନୁପସ୍ଥିତ ଥିଲେ । ବିଜ୍ଞାନରେ ପାସ୍‌ହାର ୯୧.୮୮ ପ୍ରତିଶତ ହୋଇଛି । ବାଣିଜ୍ୟରେ ମୋଟ ୧୧୦ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୧୦୦ଜଣ ପାସ୍ କରିଥିବା ବେଳେ ୫୮ଜଣ ପ୍ରଥମ ଶ୍ରେଣୀରେ, ୨୨ଜଣ ଦ୍ୱିତୀୟ ଶ୍ରେଣୀରେ, ୨୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୮ଜଣ ଫେଲ ହୋଇଛନ୍ତି। ଜଣେ ଅନୁପସ୍ଥିତ ଥିଲେ ବୋଲି କଲେଜ ସୂତ୍ରରୁ ସୂଚନା ଦିଆଯାଇଛି ।

# ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଜ୍ଞାନ ପରୀକ୍ଷାଫଳ

ଢେଙ୍କାନାଳ,୨୧।୫(ରତନ ନାୟାର)


ମୁଖ୍ୟ ରଞ୍ଜନ ସାହୁ


ଓମ୍ ପ୍ରକାଶ ସାହୁ


ଓମ୍‌ଶ୍ରୀ ବେହେରା

ଚଳିତବର୍ଷ ଢେଙ୍କାନାଳ ଜିଲାର ଆବାସିକ ବିଦ୍ୟାର୍ଥୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ମୋଟ ୨୨୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ମୁଖ୍ୟ ରଞ୍ଜନ ସାହୁ ସର୍ବାଧିକ ୫୭୨ନଂ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ଓମ୍ ପ୍ରକାଶ ସାହୁ ୫୫୬, ଓମ୍‌ଶ୍ରୀ ବେହେରା ୫୫୫, ଶିବମ ସାମଲ ୫୫୩, ଶ୍ରଦ୍ଧା ସୁମନ ଦେହୁରୀ ୫୪୨, ଯଶରାଜ ବେହେରା ୫୪୦, ପ୍ରତ୍ୟୁଷ ବେହେରା ୫୩୯, ଆଲଫା ପ୍ରିୟଦର୍ଶିନୀ ୫୩୮, ସମ୍ବିତ କୁମାର ରଣା ୫୩୭, ଗୋଲଡି ମୁଦୁଲି ୫୩୧ନଂ ରଖି ବିଦ୍ୟାଳୟକୁ ଗର୍ବିତ କରିଛନ୍ତି । ଅନୁଷ୍ଠାନର ଚେୟାରମ୍ୟାନ ଜ୍ଞାନ ରଞ୍ଜନ ସାହୁ, ଭାଇସ ଚେୟାରମ୍ୟାନ ଧର୍ମେନ୍ଦ୍ର ପ୍ରସାଦ ସିଂହ, ଅଧ୍ୟକ୍ଷ ଚତୁର୍ଭୁଜ ପତି, ଉପାଧ୍ୟକ୍ଷ ଶ୍ରୀବତ୍ସ ବେହେରାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଶିକ୍ଷକ କର୍ମଚାରୀ ଓ ଜନସମ୍ପର୍କ ଅଧିକାରୀମାନେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ସାଧୁବାଦ ଅର୍ପଣ କରିଛନ୍ତି ।

# ଆଶିଷ ସାହୁ ଅବିଭକ୍ତ ଢେଙ୍କାନାଳ ଜିଲା ଟପ୍ପର

## ଇଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଢେଙ୍କାନାଳ,୨୧।୫(ରତନ ନାୟାର)


ଆଶିଷ କୁମାର ସାହୁ


ଏସ୍. ରାମେଶ୍ୱରୀ ନନ୍ଦ


ଦର୍ଶନ ରାଉତ

ବୁଧବାର ପ୍ରକାଶିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଢେଙ୍କାନାଳର ଇଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତବର୍ଷ ବିଦ୍ୟାଳୟର ୨୮୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ରେକର୍ଡ ସଂଖ୍ୟକ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ୧୪୩ଜଣ ଛାତ୍ରୀଛାତ୍ର ଶତକଡା ୮୫ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୨୧୫ଜଣ ଛାତ୍ରୀଛାତ୍ର ଶତକଡା ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଏହି ବିରଳ ସଫଳତା ପାଇଁ ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକମାନଙ୍କର ଉଚ୍ଚମାନର ଶିକ୍ଷାଦାନ, ସମୟୋପଯୋଗୀ ଶିକ୍ଷା ପ୍ରଣାଳୀ, ଶୃଙ୍ଖଳିତ ଓ ଶୈକ୍ଷିକ ବାତାବରଣ ସହ ଛାତ୍ରୀଛାତ୍ରମାନଙ୍କର କଠିନ ପରିଶ୍ରମରେ ଇଟେକ୍ ସଫଳତା ହାସଲ କରିଛି ବୋଲି ଅନୁଷ୍ଠାନର ସମ୍ପାଦିକା ସାଗରବାଳା ହୋତା ପ୍ରକାଶ କରିଛନ୍ତି। ଛାତ୍ର ଆଶିଷ କୁମାର ସାହୁ ୫୮୪ନଂ ରଖି ଅବିଭକ୍ତ ଢେଙ୍କାନାଳ ଜିଲାର ଟପ୍ପର ହୋଇଥିବା ବେଳେ ଗତ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଶ୍ରେଣୀ ଗୃହ ଶିକ୍ଷାରୁ ୫୪୩ନଂ ରଖିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ଏସ୍ ରାମେଶ୍ୱରୀ ନନ୍ଦ ୫୮୦ନଂ ରଖି ଦ୍ୱିତୀୟ, ଦର୍ଶନ ରାଉତ ୫୭୫ନଂ ରଖି ତୃତୀୟ, ଅମ୍ବିକା ପ୍ରସାଦ ଦାସ ଓ ଇତିଶ୍ରୀ ମାଝୀ ଉଭୟେ ୫୭୩ନଂ ରଖି ଯୁଗ୍ମ ଭାବେ ୪ର୍ଥ ସ୍ଥାନରେ ରହିଛନ୍ତି । ସ୍ୱୟଂପ୍ରଭା ପଣ୍ଡା ୫୭୧, ଶୁଭସ୍ମିତା ସାହୁ ୫୭୦ ଓ ତେଜସ୍ୱିନୀ ପ୍ରିୟଦର୍ଶିନୀ ୫୭୦ନଂ ରଖି ଅନୁଷ୍ଠାନକୁ ଗୌରାବାନ୍ୱିତ କରିଛନ୍ତି । ଇଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨୨ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୫ଜଣ ଛାତ୍ରୀ ଶତକଡା ୯୦ପ୍ରତିଶତ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ୧୧୧ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତିର୍ନ୍ନ ହୋଇଛନ୍ତି । ବିଦ୍ୟୁସ୍ମିତା ରାଉତ ୫୬୧, ରିତା ପ୍ରିୟଦର୍ଶିନୀ ସାହୁ ୫୫୦ ଓ ରୁପାଲି ପରିଡା ୫୪୮ନଂ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଦ୍ୟାଳୟର ଏହି ଅଭୂତପୂର୍ବ ସଫଳତା ପାଇଁ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ, ଅଭିଭାବକ ଓ ସମସ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଆଇସି ଟ୍ୟୁଟୋରିଆଲର ସଫଳତା

ଢେଙ୍କାନାଳ,୨୧।୫(ରତନ ନାୟାର)

ବୁଧବାର ପ୍ରକାଶିତ ଯୁକ୍ତ୨ ବାଣିଜ୍ୟ ପରୀକ୍ଷା ଫଳରେ ଢେଙ୍କାନାଳ ସହର କୁଞ୍ଜକାନ୍ତ ଟ୍ୟୁଟିରିଆଲ ସଫଳତା ହାସଲ କରିଛନ୍ତି । ବାଣିଜ୍ୟରେ ମୋଟ ୪୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୩ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ୬ଜଣ ଛାତ୍ରୀଛାତ୍ର ୫୪୦ରୁ ଅଧକ ନମ୍ବର ରଖିଛନ୍ତ। ସ୍ନେହା ମୁଦୁଲି ମୋଟ ୬୦୦ରୁ ୫୬୨ନଂ ରଖି ଜିଲାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ରୂପେଶ କୁମାର ମହାନ୍ତି ଜଣାଇଛନ୍ତି ।

# ସାଇକୃପା କଲେଜର ଫଳାଫଳ ଶତ ପ୍ରତିଶତ

ଢେଙ୍କାନାଳ,୨୧।୫(ରତନ ନାୟାର)


ଶୁଭଶ୍ରୀ ବିଶ୍ୱାଳ

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ସାଇକୃପା ଯୁକ୍ତ୨ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ରହିଛି । ପ୍ରଥମରେ ୧୦୯ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭ଜଣ ଓ ତୃତୀୟ ଶ୍ରେଣୀରେ ୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୮ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ ଗ୍ରେଡରେ ରହିଛନ୍ତି। ୨୭ଜଣ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଭୁବନ ବ୍ଲକ ମହୁଲପାଳ ଗ୍ରାମର ମୁକେଶ ଓଝା ୯୧ ପ୍ରତିଶତ ନମ୍ବର ରଖିଥିବା ବେଳେ ହିନ୍ଦୋଳ ବ୍ଲକ ବାବନ୍ଧ ଗ୍ରାମର ଶୁଭଶ୍ରୀ ବିଶ୍ୱାଳ ୯୫.୧୭ ପ୍ରତିଶତ ନମ୍ବର ରଖି କଲେଜର ଶ୍ରେଷ୍ଠ ଛାତ୍ରୀ ବିବେଚିତ ହୋଇଛନ୍ତି। ଏତଦବ୍ୟତିତ ଗଁଦିଆ ସନ୍ଥସରା ଗ୍ରାମର ପ୍ରିୟଙ୍କା ବିଶ୍ୱାଳ ୯୪ ପ୍ରତିଶତ, ଭୁବନ ବ୍ଲକ ମୁରଗା ଗ୍ରାମର ପଦ୍ମିନୀ ମହାରଣା ୯୨ ପ୍ରତିଶତ, କଟକ ଜିଲା ଆଠଗଡ଼ ଅଟଳକୋଟ ଗ୍ରାମର ଅମୃତାଂଶୁ ରାଉତ ୯୨ ପ୍ରତିଶତ, ପରଜଙ୍ଗ ବ୍ଲକ କୁରୁଡ଼ିଆ ଗ୍ରାମର ଆକାଶ ସାହୁ ୯୧ ପ୍ରତିଶତ ଓ ଅଂଶୁମାନ ସାହୁ ୯୦ ପ୍ରତିଶତ, ବଣସିଂହ ଗ୍ରାମର ଶୁଭମ ହାତୀ ସାହୁ ୯୦ ପ୍ରତିଶତ ନମ୍ବର ରଖିଛନ୍ତି । ଦଶମ ଶ୍ରେଣୀରେ ୯୦ପ୍ରତିଶତ ନମ୍ବର ରଖିନଥିବା ଛାତ୍ରୀଛାତ୍ର ଯୁକ୍ତ୨ରେ ୮ଜଣ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସାଇକୃପା କଲେଜର ଚେୟାରମ୍ୟାନ ଅନ୍ନଦା କୁମାର ମହାନ୍ତି ଓ ଅଧ୍ୟକ୍ଷ ଡ. ତୁଷାର କୁମାର ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶିଶୁଙ୍କ ପାଇଁ କାର୍ଯ୍ୟକାରୀ ହେବ ସ୍ନେହଛାୟା

ଢେଙ୍କାନାଳ,୨୧।୫(ରତନ ନାୟାର)

ଢେଙ୍କାନାଳ ଜିଲାର ପିତୃମାତୃହୀନ ଶିଶୁମାନଙ୍କର ପୋଷଣ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଦୂରଦୃଷ୍ଟି ସଂପର୍ଣ୍ଣ ଯୋଜନା ସ୍ନେହଛାୟା କାର୍ଯ୍ୟକାରୀ ହେବ । ଏ ସଂକ୍ରାନ୍ତରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ଅନୁଯାୟୀ ଜିଲାରେ ଯେଉଁ ଶିଶୁମାନେ ବାପା ଓ ମା' ଛେଉଣ୍ଡ ହେଇଥିବେ ଏବଂ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ହେଇଥିବେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନଙ୍କୁ ଉନ୍ନତ ପୋଷଣ ତଥା ଶିକ୍ଷା ଯୋଗାଇ ଦିଆଯିବ । ଯାହାଦ୍ୱାରା ସେମାନେ ନିଜର ଭବିଷ୍ୟତ ପାଇଁ କାହା ଉପରେ ନିର୍ଭରଶୀଳ ନହୋଇ କାର୍ଯ୍ୟ କରିପାରିବେ । ବୈଠକର ନିଷ୍ପତି ଅନୁଯାୟୀ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ତଥା ଯେଉଁମାନେ ବାପା, ମା ଛେଉଣ୍ଡ ହେଇଥିବେ ସେମାନଙ୍କୁ ସ୍ନେହଛାୟା ଯୋଜନା ଅନୁଯାୟୀ ଶିକ୍ଷା ଓ ପୋଷଣ ପ୍ରଦାନ କରାଯିବ। ଏଥିପାଇଁ ଜିଲାର କେତେଜଣ ଏହି ବର୍ଗରେ ଅଛନ୍ତି ସେମାନଙ୍କ ତଥ୍ୟ ସଂଗ୍ରହ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯଥାଶୀଘ୍ର ଏହି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଜିଲାପାଳ କହିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ ) ରମେଶ ଚନ୍ଦ୍ର ସେଠି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସମସ୍ତ ତହସିଲଦାର, ଜିଲାସ୍ତରୀୟ ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଗାଡ଼ି ଧକ୍କାରେ ୫ ମଇଁଷି ମୃତ, ୩ ଗୁରୁତର

ଭୁବନ, ୨୧।୫ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ କାଇସିରି ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କାରେ ୫ଟି ମଇଁଷିଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଟି ମଇଁଷି ଗୁରୁତର ଆହତ ହୋଇଛନ୍ତି। ଭୁବନ ପୋଲିସ ଓ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ମଇଁଷିର ମୃତଦେହକୁ ରାସ୍ତାରୁ ହଟାଇବା ସହିତ ଗୁରୁତର ମଇଁଷିଗୁଡ଼ିକର ଚିକିତ୍ସା ପାଇଁ ଭୁବନ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଛି। ମଇଁଷିଗୁଡିକ କାହାର ବୋଲି ଜଣାପଡ଼ିନାହିଁ।

# ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

ସାତମାଇଲ, ୨୧।୫ (ସୁଶାନ୍ତ ପତି)


ଜନାର୍ଦ୍ଦନ ନାୟକ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ଼ ବଜାରର ପୂର୍ବତନ ସମ୍ପାଦକ ତଥା 'ଧରିତ୍ରୀ'ର ଓଡ଼ାପଡ଼ା ଖବରଦାତା ରଣଜିତ ନାୟକଙ୍କ ପିତା ଜନାର୍ଦ୍ଦନ ନାୟକଙ୍କ ୮୫ ବର୍ଷ ବୟସରେ ବୁଧବାର ସକାଳ ପ୍ରାୟ ୮ଟା ସମୟରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଶୋକବ୍ୟକ୍ତ କରିଛନ୍ତି। ହିନ୍ଦୋଳ ରୋଡ ବଜାରର ବ୍ୟବସାୟୀମାନେ ଶୋକ ପାଳନ କରିବା ସହିତ ଦୋକାନ ବଜାର ବନ୍ଦ ରଖିଛନ୍ତି। ସ୍ୱର୍ଗତ ନାୟକ ଓଡ଼ାପଡ଼ା ଅଞ୍ଚଳର ପ୍ରଥମ ଇଞ୍ଜିନିୟର ଭାବରେ ଚାକିରି ଆରମ୍ଭ କରି ନିର୍ବାହୀ ଯନ୍ତ୍ରୀ ଭାବରେ ୧୯୯୮ରେ ଅବସର ନେଇଥିଲେ। ପରେ ହିନ୍ଦୋଳ ରୋଡ ବଜାରରେ ବ୍ୟବସାୟ ଆରମ୍ଭ କରିବା ସହିତ ବଜାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ସେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଓଡ଼ାପଡ଼ା ଉଚ୍ଚ ବିଦ୍ୟାଳୟର ସଭାପତି ଭାବରେ କାର୍ଯ୍ୟ କରି ଲୋକମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ଓଡ଼ାପଡ଼ା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଛନ୍ତି।

# ପୁରୀ ରଥର ଚାରମାଳ ନିର୍ମାଣ ପାଇଁ ଢେଙ୍କାନାଳରେ ତାଳଗଛ ଚିହ୍ନଟ


ତାଳ ଗଛକୁ ପୂଜାର୍ଚ୍ଚନା କରାଯାଉଛି।


ତାଳଗଛ ଯାଉଥିବା ଖଡ଼ଗପ୍ରସାଦ ଗ୍ରାମର ବ୍ୟକ୍ତିବିଶେଷ।

ଢେଙ୍କାନାଳ,୨୧।୫(ରତନ ନାୟାର)

ପୁରୀରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ତିନି ରଥର ଚାରମାଳ ନିର୍ମାଣ ନିମନ୍ତେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ଖଡଗପ୍ରସାଦ ଗ୍ରାମରୁ ୩୫ଟି ବଡ଼ବଡ଼ ତାଳଗଛ ଯିବା ପାଇଁ ମଙ୍ଗଳବାର ଚିହ୍ନଟ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର କମିଟିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ରଥ ନିର୍ମାଣ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକା, ଭୋଇ ସର୍ଦ୍ଦାର ଓ କିଛି ଭୋଇ ସେବକ ପୁରୀରୁ ଖଡ଼ଗପ୍ରସାଦ ଗ୍ରାମକୁ ଆସି ତାଳଗଛଗୁଡିକୁ ଚିହ୍ନଟ କରିଛନ୍ତି । ଖଡ଼ଗ ପ୍ରସାଦ ଗ୍ରାମର ସୁଧୀର କୁମାର ସାମଲ, ଗଙ୍ଗାଧର ସାମଲ ଓ ନରୋତ୍ତମ ରାଉତଙ୍କ ସମେତ ଅନ୍ୟ କିଛି ବ୍ୟକ୍ତି ବିଶେଷକଙ୍କର ତାଳଗଛ ପୁରୀ ଯିବା ପାଇଁ ଚିହ୍ନଟ କରାଯାଇଛି । ଚିହ୍ନଟ ତାଳଗଛଗୁଡିକୁ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରି ଅନୁକୂଳ କରିବା ପରେ ଗଛକଟା ଆରମ୍ଭ ହୋଇଥିଲା । ମୋଟ ୩୫ଟି ତାଳଗଛ ମଧ୍ୟରୁ ୨୦ଟି ସିଧାସଳଖ ପୁରୀ ଯିବ । ବାକି ୧୫ଟି କଟକ ଖପୁରିଆସ୍ଥିତ କରତ କଳକୁ ଚାରମାଳ ପଟା ତିଆରି ପାଇଁ ଯିବା ପାଇଁ ସ୍ଥିର ହୋଇଛି । ପୂର୍ବରୁ ପୁରୀ ରଥ ନିର୍ମାଣ ପାଇଁ ଖଡଗ ପ୍ରସାଦ ଗ୍ରାମରୁ ୧୩ଟି ଫାସି ଗଛର କାଠକୁ ପୁରୀ ନିଆଯାଇଥିଲା । ତେଣୁ ପୁଣିଥରେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥକାମ ନିମନ୍ତେ ଗ୍ରାମରୁ ତାଳଗଛ ଯାଉଥିବାରୁ ଗ୍ରାମବାସୀ ନିଜକୁ ଗୌରବ ମନେ କରିଛନ୍ତି ।

# ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଚିକିତ୍ସା, ସଚେତନତା ଶିବିର

ଢେଙ୍କାନାଳ,୨୧।୫(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଠାରେ ଏସ୍‌ବିଆଇଏଫ୍ କ୍ଲିନିକ୍ ଅନ୍ ହ୍ୱିଲ୍‌ସ ପ୍ରକଳ୍ପ ଓ ପିପୁଲ୍ ଟୁ ପିପୁଲ ହେଲ୍‌ଥ ଫାଉଣ୍ଡେସନ୍ ତରଫରୁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଚିକିତ୍ସା ଓ ସଚେତନତା ଶିବିର ବୁଧବାର ଆୟୋଜିତ ହୋଇଥିଲା । ଅଭିଯାନରେ ବାଳକ, ବାଳିକା, ବୃଦ୍ଧ, ବୃଦ୍ଧା ଓ ମା'ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ତଥା ହେମୋଗ୍ଲୋବିନ୍, ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା, ଓଜନ ମାପ ଆଦି ପରୀକ୍ଷା କରାଯାଇଥିଲା । ଏଥିରେ ପିପିଏଚ୍‌ଏଫ୍‌ର ମେଡିକାଲ୍ ଅଫିସର ଡା. ସୁଧାଂଶୁବାଳା ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରତାପ କୁମାର ଶୁକ୍ଳା, ଏଲ୍‌ଟି ସନ୍ତୋଷ ସେଠୀ, ଏଏନ୍‌ଏମ୍ ସୁଭଦ୍ରା ବେହେରା ଓ ଭ୍ୟାନ୍ ଚାଳକ ବିନୋଦ ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିସହିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ୍‌ର କର୍ମକର୍ତା ବବିତା ଖଣ୍ଟିଆ, ଅଲିଭା ବେହେରା, ସଞ୍ଜୟ କୁମାର ବେହେରା, ପପୁନ୍ ସାହୁ, କଳ୍ପନା ବେହେରା ଓ ବନିତା ମହାପାତ୍ର ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ସହଯୋଗ କରିଥିଲେ । ପିପିଏଚ୍‌ଏଫ୍ ଦ୍ୱାରା ଚାଳିତ ମୋବାଇଲ୍ ମେଡିକାଲ୍ ୟୁନିଟ୍ ଏସ୍‌ବିଆଇଏଫ୍ ସଞ୍ଜିବନୀ କ୍ଲିନିକ୍ ଅନ୍ ହ୍ୱିଲସ୍ ପ୍ରକଳ୍ପଟିର ମୁଖ୍ୟ ଉଦ୍ଦେଶ୍ୟ ହେଲା ନିମ୍ନ ଆଦିବାସୀ ଜନଜାତିଙ୍କୁ ସ୍ୱାସ୍ଥ୍ୟ ସୁବିଧା ଓ ସଚେତନତା ବୃଦ୍ଧି କରାଇବା । ଏହି ପ୍ରକଳ୍ପଟି ଏସ୍‌ବିଆଇ ଫାଉଣ୍ଡେସନ୍ ତରଫରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱରେ ଢେଙ୍କାନାଳ ସହରରେ ସଞ୍ଚାଳିତ ହେଉଛି ।



ଶିବିରରେ ନର୍ସମାନେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ଢେଙ୍କାନାଳ,୨୧।୫(ରତନ ନାୟାର)



ଢେଙ୍କାନାଳ ଜିଲା ଯୁବ କଂଗ୍ରେସ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସରେ ବୁଧବାର ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତଭଣ୍ଡାରଠାରେ ଯୁବ କଂଗ୍ରେସ୍ ସଭାପତି ଶୁଭମ୍ ଦାଶଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଜିତ୍ ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶ, ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ବରିଷ୍ଠ ନେତା ପ୍ରେମଶଙ୍କର ମିଶ୍ର, ସମରେନ୍ଦ୍ର ନନ୍ଦ ଓ ସରୋଜ ଶତପଥୀ ପ୍ରମୁଖଙ୍କ ସମେତ ଜିଲା ଯୁବ କଂଗ୍ରେସର ଉପସଭାପତି ଦୁର୍ଗାଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ସୁଶାନ୍ତ ସାମଲ, ଓମ୍ ପ୍ରକାଶ ବେହେରା, ଜ୍ୟୋତି ପ୍ରକାଶ ଭୋଳ ଓ ସୁଜିତ୍ ମଲ୍ଲିକ ପ୍ରମୁଖ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# ୯ ଜିଲାର ଇତିହାସ ପୁସ୍ତକ ସମର୍ପଣ ଉତ୍ସବ

ଢେଙ୍କାନାଳ,୨୧।୫(ରତନ ନାୟାର)



ପୁସ୍ତକ ସମର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା ଲେଖକ ସଂସଦ ଶାଣ୍ଡିଲ୍ୟ ବସନ୍ତ ଭବନ ପରିସରରେ ଢେଙ୍କାନାଳ ଜିଲା ଭୁବନ ବ୍ଲକର ସୁସାହିତ୍ୟିକ, ସଂସ୍କୃତି ଗବେଷକ, ବାଗ୍ମୀ, ଆର୍ଯ୍ୟକବି ଡ. ପ୍ରମୋଦ କୁମାର ମିଶ୍ର ସଂସଦର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ କବି ଚକ୍ରବର୍ତ୍ତୀ ବ୍ରଜନାଥ ବଡ଼ଜେନା ପାଠାଗାର ପାଇଁ ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ ଓ ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀଙ୍କୁ ସ୍ୱରଚିତ ପୁସ୍ତକ ଅବିଭକ୍ତ ଢେଙ୍କାନାଳ ଜିଲାର ଇତିହାସ, ବାଲେଶ୍ୱର ଜିଲାର ଇତିହାସ, ଅବିଭକ୍ତ ପୁରୀ ଜିଲାର ଇତିହାସ, ମୟୂରଭଞ୍ଜ ଜିଲାର ଇତିହାସ, ଯାଜପୁର ଜିଲାର ଇତିହାସ, କେନ୍ଦୁଝର ଜିଲାର ଇତିହାସ ସମେତ ତୀର୍ଥରାଜ ଶୈବକ୍ଷେତ୍ର କପିଳାସ ପୁସ୍ତକ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ସମର୍ପଣ କରିଛନ୍ତି। ଯାହା ଦଶନ୍ଧି ଦଶନ୍ଧି ଧାରି ଜିଲା ସାହିତ୍ୟିକମାନଙ୍କ ବ୍ୟବହାରରେ ଉପଯୋଗ ହୋଇପାରିବ। ଡ. ରବୀନ୍ଦ୍ର କୁମାର ସାହୁ ପୁସ୍ତକଗୁଡିକ ପ୍ରସ୍ତୁତିରେ ଡ଼. ମିଶ୍ରଙ୍କୁ ସହଯୋଗ କରିଥିବାରୁ ତାଙ୍କୁ ଧନ୍ୟବାଦ୍ ପ୍ରଦାନ କରିବା ସହିତ ରାଜ୍ୟର ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ ରାଜା ପ୍ରବୀଣ ଭଞ୍ଜଦେଓ, ପୂର୍ବତନ ବିଧାୟକ ଢେଙ୍କାନାଳ ସୁଧୀର କୁମାର ସାମଲ, ବରିଷ୍ଠ ପ୍ରଶାସନିକ ଅଧିକାରୀ ସରୋଜ କୁମାର ସେଠୀ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟନ ଦାସ ପୁସ୍ତକ ଗୁଡିକ ପ୍ରକାଶନରେ ସହଯୋଗ କରି ଲୋକଲୋଚନକୁ ଆଣିଥିବାରୁ ଜିଲା ଲେଖକ ସଂସଦ ସେମାନଙ୍କୁ କୃତଜ୍ଞତା ଜଣାଇବା ସହ ଡ. ପ୍ରମୋଦ କୁମାର ମିଶ୍ରଙ୍କୁ ସାଧୁବାଦ ଜଣାଇଛନ୍ତି ବୋଲି ସଂସଦର ସଂପାଦକ ହୃଦାନନ୍ଦ ଦ୍ୱିବେଦୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ସଂକ୍ଷେପରେ

### ବେଲୁଚିସ୍ତାନ ସ୍କୁଲବସ୍‌ରେ ବିସ୍ଫୋରଣ: ୫ ମୃତ

**ଭାରତର ସମ୍ପୃକ୍ତି ଅଭିଯୋଗକୁ ନୂଆଦିଲ୍ଲୀର ଖଣ୍ଡନ**

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୨୧।୫

ପାକିସ୍ତାନର ବେଲୁଚିସ୍ତାନରେ ଏକ ସ୍କୁଲ୍‌ବସ୍‌ରେ ବୁଧବାର ଆତ୍ମଘାତୀ ବିସ୍ଫୋରଣ ଘଟି ୩ ପିଲାଙ୍କ ସମେତ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୮ ଜଣ ଆହତ ହୋଇଛନ୍ତି। ଖୁଜଦାର ଜିଲାରେ ବସ୍‌ଟି ସ୍କୁଲ୍ ପିଲାଙ୍କୁ ନେଇ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ଗାଡ଼ିରେ ଲଗାଯାଇଥିବା ଶକ୍ତିଶାଳୀ ବିସ୍ଫୋରକ ଉପକରଣରୁ ଏହି ବିସ୍ଫୋରଣ ହୋଇଥିବା ପାକିସ୍ତାନ ଗୃହ ମନ୍ତ୍ରଣାଳୟ କହିଛି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆକ୍ରମଣକୁ ନିନ୍ଦା କରିବା ସହ ନିରୀହ ପିଲା ଓ ସେମାନଙ୍କ ଶିକ୍ଷକଙ୍କ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଆକ୍ରମଣରେ ଭାରତର ସମ୍ପୃକ୍ତି ଥିବା ପାକିସ୍ତାନ ଅଭିଯୋଗ କରିଥିବାବେଳେ ନୂଆଦିଲ୍ଲୀ ଏହାକୁ ଦୃଢ଼ ଭାବେ ଖଣ୍ଡନ କରିଛି। ପାକିସ୍ତାନର ଏଭଳି ଅଭିଯୋଗକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ନିନ୍ଦା କରିଛନ୍ତି। ଇସ୍‌ଲାମାବାଦ ନିଜସ୍ୱ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏଭଳି କୌଶଳ ଆପଣାଉଥିବା ସେ କହିଛନ୍ତି।

### ଗୋଲ୍ଡେନ୍ ଡୋମ୍ ମିଶାଇଲ ଡିଫେନ୍ସ ସିଷ୍ଟମ୍ ଘୋଷଣାକଲେ ଟ୍ରମ୍ପ୍

ୱାଶିଂଟନ,୨୧।୫

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆମେରିକାକୁ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ବହୁସ୍ତରୀୟ ଗୋଲ୍ଡେନ୍ ଡୋମ୍ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ଡିଜାଇନ୍ ସମ୍ପର୍କରେ ଘୋଷଣା କରିଛନ୍ତି। ଏଥିପାଇଁ ୧୭୫ ବିଲିୟନ ଡଲାର ବ୍ୟୟ ହେବ। ହାଇପରସୋନିକ୍ ମିଶାଇଲ୍, ଡ୍ରୋନ୍ ଏବଂ ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ଏହି ଡିଫେନ୍ସ ସିଷ୍ଟମ୍‌ର ଲକ୍ଷ୍ୟ। ପ୍ରତିରକ୍ଷା କମ୍ପାନୀ ଲକ୍‌ହିଡ୍ ମାର୍ଟିନ ଏହି ପ୍ରସ୍ତାବ ଦେଇଥିଲା। ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଲଞ୍ଚ୍ ହେବାଠାରୁ ପ୍ରତ୍ୟେକ ସ୍ତରରେ ଏହାକୁ ଟ୍ରାକ୍ ଓ ପ୍ରତିହତ ପାଇଁ ଡିଫେନ୍ସ ସିଷ୍ଟମ୍‌ରେ ସ୍ଥଳ ଓ ମହାକାଶ ଆଧାରିତ ପ୍ରଯୁକ୍ତିର ସମନ୍ୱୟ କରାଯିବ।



ଏକ ମିଡିଆ ଟୁର୍ ବେଳେ ଯବାନମାନେ ଜମ୍ମୁ ଉପକଣ୍ଠ ଅନ୍ତର୍ଜାତୀୟ ସୀମା ନିକଟରେ ପ୍ରସ୍ତୁତି ପ୍ରଦର୍ଶନ କରୁଛନ୍ତି।

## ସରକାରୀ ଜମିରେ କାହା ଅଧିକାର ନାହିଁ

**ୱାକ୍‌ଫ ମାମଲାରେ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

ନୂଆଦିଲ୍ଲୀ,୨୧।୫(ପି.ଟି.)

ସରକାରୀ ଜମି ଉପରେ କେହି ଅଧିକାର ଦାବି କରିପାରିବେ ନାହିଁ। ୱାକ୍‌ଫ ବାଏ ୟୁଜର ସିଦ୍ଧାନ୍ତ ବ୍ୟବହାର ଦ୍ୱାରା ୱାକ୍‌ଫ ଘୋଷିତ ଜମି ଉପରେ ପୁନର୍ବାର ଦାବି କରିବା କ୍ଷମତା ସରକାରଙ୍କ ପାଖରେ ରହିଥିବା ବୁଧବାର କେନ୍ଦ୍ର ପକ୍ଷରୁ ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଛି। ୱାକ୍‌ଫ ଏକ ଇସ୍‌ଲାମୀୟ ଧାରଣା, କିନ୍ତୁ ଏହା ଇସ୍‌ଲାମର ଅତ୍ୟାବଶ୍ୟକ ଅଂଶ ନୁହେଁ। ଏହା କେବଳ ଏକ ଚ୍ୟାରିଟି। ପ୍ରତ୍ୟେକ ଧର୍ମରେ ଚ୍ୟାରିଟିକୁ ସ୍ୱୀକୃତି ଦିଆଯାଇଥିବାରୁ ଏହାକୁ କୌଣସି ଧର୍ମର ଅତ୍ୟାବଶ୍ୟକ ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି।

ୱାକ୍‌ଫ ବାଏ ୟୁଜର ଏକ ଧାରଣା, ଯେଉଁଠି ଧର୍ମୀୟ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ଦୀର୍ଘଦିନ ଧରି ବ୍ୟବହୃତ ସମ୍ପତ୍ତିକୁ ୱାକ୍‌ଫ ଭାବେ ସ୍ୱୀକୃତି ଦିଆଯାଇଥାଏ। ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପରୋକ୍ତ ଯୁକ୍ତି ଉପସ୍ଥାପନ କରାଯାଇଛି। ସମ୍ପତ୍ତି ସରକାରଙ୍କର ଥାଇ ଏହା ୱାକ୍‌ଫ ଘୋଷିତ ହୋଇଥିଲେ ମଧ୍ୟ ସରକାର ଏହାକୁ ସଂରକ୍ଷଣ କରିପାରିବେ ବୋଲି ସୁପ୍ରିମକୋର୍ଟ ଏକ ରାୟରେ କହିଥିବା ସଲିସିଟର ଜେନେରାଲ ଜଣାଇଛନ୍ତି। ପ୍ରଭାବିତ ହୋଇଥିବା କୌଣସି ପକ୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇନାହାନ୍ତି। ମିଳିତ ସଂସଦୀୟ କମିଟିରେ ରିପୋର୍ଟ ଉପସ୍ଥାପନ କରିବା ସହ ମେହେଟ୍ଟା କହିଛନ୍ତି, ଆଇନ ଅଣାଯିବା ପୂର୍ବରୁ ଅନେକ ରାଜ୍ୟ ସରକାର ଓ ରାଜ୍ୟ ୱାକ୍‌ଫ ବୋର୍ଡ ସହ ପରାମର୍ଶ କରାଯାଇଥିଲା।

# ଆଫଗାନିସ୍ତାନକୁ ଲମ୍ବିବ ସିପିଇସି



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି, ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇଶାକ୍ ଡାର ଏବଂ ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକ।

ବେଜିଂ/ଇସ୍‌ଲାମାବାଦ,୨୧।୫


ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଆଫଗାନିସ୍ତାନକୁ ଲମ୍ବିବ। ଚାଇନା, ପାକିସ୍ତାନ ଓ ଆଫଗାନିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକରେ ଏନେଇ ସହମତି ପ୍ରକାଶ ପାଇଥିବା ବୁଧବାର ସୂଚନା ମିଳିଛି।

ଇସ୍‌ଲାମାବାଦ ସୂତ୍ରରୁ ଜଣାପଡ଼ିଛି ଯେ, ବେଜିଂରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି, ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇଶାକ୍ ଡାର ଏବଂ ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ଯୋଗଦେଇଥିଲେ। ସିପିଇସି ପାକ୍-ଅଧିକୃତ କଶ୍ମୀର (ପିଓକେ) ଦେଇ ଗତିଶୀଳ ହେଉଥିବାରୁ ଭାରତ ଏହି ବୃହତ୍ ପ୍ରକଳ୍ପକୁ ମୂଳରୁ ବିରୋଧ କରିଆସୁଛି। ସିପିଇସି ଅନ୍ତର୍ଭୁକ୍ତ ଥିବା ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍ ଇନିଶିଏଟିଭ୍ ପ୍ରୋଜେକ୍ଟକୁ ମଧ୍ୟ ନୂଆଦିଲ୍ଲୀ ବିରୋଧ କରୁଛି। ନିକଟରେ ତାଲିବାନ୍ ସରକାର ଭାରତକୁ ପ୍ରଶଂସା କରିଥିବାବେଳେ ଚାଇନା ଏପରି ବୈଠକର ଆୟୋଜନ କରିଛି। ଆଫଗାନିସ୍ତାନ ମାଟିରୁ ପାକିସ୍ତାନ ବିରୋଧରେ ଲଢୁଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ କାବୁଲ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦର୍ଶାଇ ଇସ୍‌ଲାମାବାଦ ସମାଲୋଚନା କରିଆସୁଥିବାବେଳେ ସଦ୍ୟ ଘଟଣାକ୍ରମ ଭାରତ ପାଇଁ ଚିନ୍ତାଜନକ ହୋଇପାରେ। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଏକ ମିଡିଆ ବ୍ରିଫିଙ୍ଗ୍ ବେଳେ ଏହି ବୈଠକକୁ ଅଣାନୁଷ୍ଠାନିକ ବୋଲି ଦର୍ଶାଇଛନ୍ତି। ତେବେ ପାକିସ୍ତାନ ଓ ଆଫଗାନିସ୍ତାନର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସୁରକ୍ଷା ପ୍ରଦାନ କରିବାକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

## ପାକ୍‌ରେ ନଦୀବନ୍ଧ ନିର୍ମାଣ ଜୋର୍‌ଦାର କରିଛି ଚାଇନା

**ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହେଲା**


ନୂଆଦିଲ୍ଲୀ,୨୧।୫




ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ ରଖିଥିବାରୁ ପାକିସ୍ତାନ ବିଚଳିତ ହୋଇଯାଇଛି। ଏହାର ଜଳ ସୁରକ୍ଷା ବଢ଼ାଇବା ପାଇଁ ସ୍ୱାତ୍ ନଦୀରେ ମହମନ୍ଦ ଡ୍ୟାମ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପାକିସ୍ତାନ ଚାଇନାକୁ ଅନୁରୋଧ କରିବାକୁ ବାଧ୍ୟ ହୋଇଛି। ଭାରତ ଜଳଯୋଗାଣ ବନ୍ଦ କରିଦେବାର ଧମକ ଦେବା ପରେ ପାକିସ୍ତାନରେ ମହତ୍ତ୍ୱାକାଂକ୍ଷୀ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଜୋର୍‌ଦାର କରାଯାଇଥିବା ଚାଇନା ସରକାରୀ ଖବର ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଛି। ଭାରତ ସିନ୍ଧୁନଦୀ ଜଳ ଚୁକ୍ତି ସ୍ଥଗିତ ରଖିବାର କିଛି ମାସ ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍ ପ୍ରୋଜେକ୍ଟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ୟୁରୋପୀୟ ସ୍ପେସ୍ ଏଜେନ୍ସିର ହସ୍ତଗତ ହୋଇଥିବା ସାଟେଲାଇଟ୍ ଚିତ୍ରରେ ଗତ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍‌ର ମୁଖ୍ୟ ବନ୍ଧ କାର୍ଯ୍ୟ ଦେଖିବାକୁ ମିଳିଛି। ଗତ ୧୭ ତାରିଖର ସାଟେଲାଇଟ୍ ଚିତ୍ରରେ ପଥର ବନ୍ଧ ନିକଟରେ ବିପୁଳ ପରିମାଣର ସିମେଣ୍ଟ ଓ ଅନ୍ୟ ସାମଗ୍ରୀରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖାଯାଇଥିବାରୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରିମ ପର୍ଯ୍ୟାୟରେ ପହଞ୍ଚିଥିବାର ସୂଚନା ମିଳୁଛି।

## ବୈଶ୍ୱିକ ସଂଘର୍ଷ: ୫୦ ଦେଶର ୪୨୩ କୋଟି ପ୍ରଭାବିତ

ନୂଆଦିଲ୍ଲୀ,୨୧।୫




ରୁଷିଆ-ୟୁକ୍ରେନ୍ ଯୁଦ୍ଧଠାରୁ ନେଇ ଇସ୍ରାଏଲ୍‌ର ଗାଜା ଆକ୍ରମଣ, ହେଜ୍‌ବୋଲ୍ଲାର ଟାର୍ଗେଟରୁ ଜଳଭାଗରେ ଜାହାଜଗୁଡ଼ିକୁ ହୁତିଙ୍କ ଘନ ଘନ ରକେଟ ମାଡ଼। ବିଶ୍ୱର ବିଭିନ୍ନ ଭାଗରେ ଏପରି ସାମରିକ ସଂଘର୍ଷ ଲାଗିରହିଛି। ନିକଟରେ ଭାରତ-ପାକିସ୍ତାନ ସାମ୍ନାସାମ୍ନି ହେବାରୁ ବୈଶ୍ୱିକ ଯୁଦ୍ଧର ପରିସୀମା ବଢ଼ିଯାଇଥିଲା। ଏଭଳି ସ୍ଥିତିରେ ବିଶ୍ୱର ପ୍ରାୟ ଅଧା ଜନସଂଖ୍ୟା ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆର୍ମ୍ଡ କନ୍‌ଫ୍ଲିକ୍ଟ ଲୋକେଶନ୍ ଆଣ୍ଡ୍ ଇଭେଣ୍ଟ ଡେଟା (ଏସିଏଲ୍‌ଇଡି) ରିପୋର୍ଟ ଅନୁସାରେ ୫୦ ଦେଶରେ ଯୁଦ୍ଧ ଓ ସଂଘର୍ଷ ଯୋଗୁ ବର୍ଷକ ଭିତରେ ୪୨୩ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଅନ୍ୟୂନ ୧୦ ଦେଶରେ ଅତ୍ୟଧିକ ସଂଘର୍ଷ ସ୍ଥିତି ରହିଥିବାବେଳେ ୨୦ରେ ଉଚ୍ଚ ସଂଘର୍ଷ ଓ ଅସୁବିଧା ଲାଗି ରହିଛି। ୨୦୨୪ରେ ଗାଜା ସବୁଠୁ ବିପଜ୍ଜନକ ଥିବାବେଳେ ମ୍ୟାନ୍‌ମାରରେ ପ୍ରତି ସପ୍ତାହରେ ୧୭୦ ସଶସ୍ତ୍ର ସଂଘର୍ଷ ଚାଲିଥିଲା। ୟୁକ୍ରେନ୍ ଯୁଦ୍ଧକୁ ସବୁଠୁ ଘାତକ ସଂଘର୍ଷ ରୂପେ ଦର୍ଶାଯାଇଛି। ୨୦୨୫ ମେ' ୭ରୁ ୧୦ ପର୍ଯ୍ୟନ୍ତ ଭାରତ ପାକିସ୍ତାନର ଅନେକ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦେଇଛି। ଶୀତଳଯୁଦ୍ଧ ପରେ ବିଶ୍ୱରେ ହିଂସା ସର୍ବାଧିକ ସ୍ତରରେ ରହିଥିବା ଜଣେ ବିଶ୍ଳେଷକ କହିଛନ୍ତି।

## ଭାରତର ୭୬% ଲୋକଙ୍କୁ ଅତ୍ୟଧିକ ବିପଦ

**ପ୍ରଚଣ୍ଡ ତାତି**

ନୂଆଦିଲ୍ଲୀ, ୨୧।୫





ଭାରତର ୫୭% ଜିଲାକୁ ପ୍ରଚଣ୍ଡ ଗରମ ଏବଂ ତାତିର ଅଧିକରୁ ଅତି ଅଧିକ ବିପଦ ରହିଛି। ଏହି ଜିଲାଗୁଡ଼ିକରେ ଦେଶର ପ୍ରାୟ ୭୬% ଜନସଂଖ୍ୟା ରହୁଛନ୍ତି। ରାତି ତାପମାତ୍ରା ବୃଦ୍ଧି ଏବଂ ବର୍ଦ୍ଧିତ ଆର୍ଦ୍ରତା ଯୋଗୁ ତାତିର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଅଧିକ ବିପଦପୂର୍ଣ୍ଣ କରୁଥିବା ନେଇ ନୂଆଦିଲ୍ଲୀସ୍ଥିତ ରିସର୍ଚ୍ଚ ଥିଙ୍କ୍‌ଟାଙ୍କ କାଉନ୍‌ସିଲ ଆଣ୍ଡ୍ ଏନର୍ଜି, ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ୱାଟର୍ (ସିଇଇଡବ୍ଲ୍ୟୁ) ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି। 'ହାଓ ଏକ୍ସଟ୍ରିମ୍ ହିଟ୍ ଇଜ୍ ଇମ୍ପାକ୍ଟିଂ ଇଣ୍ଡିଆ: ଆସେସିଂ ଡିଷ୍ଟ୍ରିକ୍ଟ-ଲେଭଲ ହିଟ୍ ରିସ୍କ' ଶୀର୍ଷକ ଏହି ଅଧ୍ୟୟନକୁ ବୁଧବାର ଜାରି କରାଯାଇଛି। ଉକ୍ତ ଅଧ୍ୟୟନରେ ଭାରତର ୭୩୪ ଜିଲାର ଜଳବାୟୁ, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଆଦି ୩୫ଟି ବିଭିନ୍ନ କ୍ଷେତ୍ରକୁ ବିଶ୍ଳେଷଣ କରାଯାଇ ପ୍ରତ୍ୟେକ ଜିଲା ପାଇଁ ଏକ ହିଟ୍-ରିସ୍କ ସ୍କୋର୍ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ, ପ୍ରଚଣ୍ଡ ଗରମ ପାଇଁ ଦେଶର ୪୧୭ଟି ଜିଲାର ହିଟ୍-ରିସ୍କ ସ୍କୋର୍ ଅଧିକ ଏବଂ ଅତି ଅଧିକ ବିପଦ ବର୍ଗରେ ଆସୁଥିବା ବେଳେ ୨୦୧ଟି ଜିଲା ମଧ୍ୟମ ବିପଦ ବର୍ଗରେ ଆସୁଛି। ସେହିପରି ଦେଶର ୧୧୬ଟି ଜିଲା ତୁଳନାତ୍ମକ ଭାବେ ପ୍ରଚଣ୍ଡ ତାତିରେ କମ୍ ପ୍ରଭାବିତ ହେବ ବୋଲି ଏହି ରିପୋର୍ଟ କହିଛି।

**ଫୁରସତ୍**

# ୩୬ ଡିଜିଟ୍‌ର ବ୍ୟାଙ୍କ ବାଲାନ୍ସ

ହାଥରସ୍




ଗତ ମାସରେ ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲାର ଏକ ଦୂରବର୍ତ୍ତୀ ଗ୍ରାମରେ ରହୁଥିବା ଅଜିତ ନାମକ ଜଣେ ବ୍ୟକ୍ତି ନିଜ ବ୍ୟାଙ୍କ ବାଲାନ୍ସ ଚେକ୍ କରି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ତାଙ୍କ ବ୍ୟାଙ୍କ ବାଲାନ୍ସରେ ୩୬ ଡିଜିଟ୍‌ର ସଂଖ୍ୟା ଦେଖିବାକୁ ପାଇଥିଲେ। ଅଜିତ କହିଛନ୍ତି, ଗତ ମାସ ୨୫ ତାରିଖରେ ସେ ତାଙ୍କ ଘରର କିଛି କାର୍ଯ୍ୟ ପାଇଁ ୧,୮୦୦ ଟଙ୍କା ଏବଂ ୧,୪୦୦ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ଖର୍ଚ୍ଚ କରିଥିଲେ। ଏହାପରେ ସେ ତାଙ୍କ ବ୍ୟାଙ୍କ ବ୍ୟାଲାନ୍ସ ଚେକ୍ କରିଥିଲେ। ବ୍ୟାଙ୍କ ବାଲାନ୍ସରେ ଭାରତୀୟ ଟଙ୍କାର ଚିହ୍ନ ସହ ଏକ ୩୬ ଡିଜିଟ୍‌ର ସଂଖ୍ୟା ସେ ଦେଖିବାକୁ ପାଇଥିଲେ। ଏହା ତାଙ୍କ ହୋସ୍ ଉଡ଼ାଇ ଦେଇଥିବା ଅଜିତ କହିଛନ୍ତି। ଘଟଣା ସମ୍ପର୍କରେ ସେ ପ୍ରଥମେ ତାଙ୍କ ପରିବାରକୁ ଜଣାଇଥିଲେ। ଅଜିତଙ୍କ ବ୍ୟାଙ୍କ ବାଲାନ୍ସ ଏତେ ସଂଖ୍ୟାରେ ବୃଦ୍ଧି ପାଇଥିବା ଜାଣି ପ୍ରଥମେ ତାଙ୍କ ସ୍ତ୍ରୀ ଏବଂ ପୂରା ପରିବାର ଖୁସି ହୋଇଯାଇଥିଲେ। ତେବେ ସାଇବର ଠକମାନେ ଅଜିତଙ୍କ ଆକାଉଣ୍ଟକୁ ଟାର୍ଗେଟ କରିଥାଇପାରନ୍ତି ବୋଲି ସନ୍ଦେହ କରି ସେମାନେ ପରେ ଚିନ୍ତାରେ ପଡ଼ିଥିଲେ। ଘଟଣାକୁ ନେଇ ଅଜିତ ବ୍ୟାଙ୍କ୍ ସହ ଯୋଗାଯୋଗ କରିଥିଲେ। ବୈଷୟିକ ତ୍ରୁଟି ଯୋଗୁ ଏପରି ହୋଇଥିବା ନେଇ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ବ୍ୟାଙ୍କ ଅଜିତଙ୍କ ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବାରେ ବିଫଳ ହୋଇଥିଲା। ତେଣୁ ଅଜିତ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ପରାମର୍ଶରେ ସେ ଉତ୍ତରପ୍ରଦେଶ ସାଇବର କ୍ରାଇମ ଡିଭିଜନକୁ ଘଟଣା ସମ୍ପର୍କରେ ଏକ ପତ୍ର ଲେଖିଥିଲେ। ୟୁପି ସାଇବର କ୍ରାଇମ ଡିଭିଜନ ସମ୍ପ୍ରତି ଏହି ଘଟଣାର ତଦନ୍ତ କରୁଥିବା ସହ ଅଜିତଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସାମୟିକ ଭାବେ ଫ୍ରିଜ୍ କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କର ସମୁଦାୟ ସମ୍ପତ୍ତି ୧୪ ଡିଜିଟ୍‌ର ହୋଇଥିବାବେଳେ ୩୬ ଡିଜିଟ୍ ବ୍ୟାଙ୍କ ବାଲାନ୍ସ ସହ ଅଜିତ କିଛି ସମୟ ପାଇଁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଯାଇଥିଲେ ବୋଲି କହି ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ବିଭିନ୍ନ ମଜାଳିଆ ପୋଷ୍ଟ କରୁଛନ୍ତି।

# ବିବାଦରେ 'ହେରାଫେରି ୩'

ମୁମ୍ବାଇ



୨୦୦୦ରେ ରିଲିଜ୍ ହୋଇଥିବା ପ୍ରସିଦ୍ଧ କମେଡି ଫିଲ୍ମ 'ହେରାଫେରି'ର ତୃତୀୟ ସିକ୍ୱେଲ 'ହେରାଫେରି ୩'ରେ ଭେଟେରାନ୍ ଅଭିନେତା ପରେଶ ରାୱଲ ସାମିଲ ହେବେ ନାହିଁ। ଏନେଇ ସେ ଗତ ୧୮ ତାରିଖରେ ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଥିଲେ। ବିଭିନ୍ନ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, 'ହେରାଫେରି ୩'ର ନିର୍ମାତା ତଥା ଅଭିନେତା ଅକ୍ଷୟ କୁମାର ମଙ୍ଗଳବାର ପରେଶଙ୍କୁ ଏକ ଲିଗାଲ ନୋଟିସ୍ ପଠାଇଛନ୍ତି। ପରେଶ ହଠାତ୍ ଫିଲ୍ମରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରି ଫିଲ୍ମ ନିର୍ମାତାଙ୍କ ସହ କରିଥିବା କଣ୍ଟ୍ରାକ୍ଟକୁ ଉଲ୍ଲଂଘନ କରିଛନ୍ତି ଏବଂ ଫିଲ୍ମକୁ କ୍ଷତି ପହଞ୍ଚାଇଛନ୍ତି। ପରେଶଙ୍କ ଉକ୍ତ ଆଚରଣ ଅଣପେସାଦାର ହୋଇଥିବା ଦର୍ଶାଇ ଅକ୍ଷୟ ତାଙ୍କୁ ୨୫ କୋଟି ଟଙ୍କାର କ୍ଷତିପୂରଣ ନୋଟିସ୍ ପଠାଇଛନ୍ତି। ବୁଧବାର ଏନେଇ 'ହେରାଫେରି' ସିରିଜ୍‌ର ଅନ୍ୟତମ ଷ୍ଟାର୍ ଅଭିନେତା ସୁନୀଲ ଶେଟ୍ଟିଙ୍କର ପ୍ରତିକ୍ରିୟା ସାମ୍ନାକୁ ଆସିଛି। 'ହେରାଫେରି ୩'ରେ ସାମିଲ ନ ହେବା ନେଇ ପରେଶଙ୍କ ନିଷ୍ପତ୍ତି ତାଙ୍କୁ ବ୍ୟକ୍ତିଗତ ଭାବେ ଝଟକା ଦେଇଛି ବୋଲି ସୁନୀଲ କହିଛନ୍ତି। ସେ କହିଛନ୍ତି, ପରେଶଙ୍କ ବିନା 'ହେରାଫେରି ୩'ର କଳ୍ପନା ଅସମ୍ଭବ। ତାଙ୍କ କିମ୍ବା ଅକ୍ଷୟଙ୍କ ବିନା ଏହି ଫିଲ୍ମର ନିର୍ମାଣ ସମ୍ଭବ, କିନ୍ତୁ ପରେଶଙ୍କ ବିନା ଏହା ହୋଇପାରିବ ନାହିଁ। ପରେଶଙ୍କ ବିନା 'ହେରାଫେରି ୩'କୁ ଦର୍ଶକ ପସନ୍ଦ କରିବେ ନାହିଁ।

# ମହିଳା ଏସ୍‌ଆଇଙ୍କ ମୁଣ୍ଡ ଫଟାଇ ଯୁବକ ଗିରଫ



ଗିରଫ ହୋଇଥିବା ଅଭିଯୁକ୍ତ ବାଟୁ ଗର୍ଡ଼ିଆ।

**ଛେଣ୍ଡିପଦା,୨୧।୫ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦାଠାରେ ଆୟୋଜିତ ଚନ୍ଦନ ଯାତ୍ରାରେ ସୁରକ୍ଷା ଦାୟିତ୍ୱରେ ଥିବା ଛେଣ୍ଡିପଦା ଥାନାର ମହିଳା ଏସ୍‌ଆଇ ଶୁଭଲକ୍ଷ୍ମୀ ସିଂଙ୍କୁ ମଙ୍ଗଳବାର ରାତିରେ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଯୁବକଙ୍କ ମାଡ଼ରେ ମହିଳା ଏସ୍‌ଆଇଙ୍କ ମୁଣ୍ଡ ଫାଟିଯାଇଛି। ପରେ ତାଙ୍କ ଏତଲା ଆଧାରରେ ପୋଲିସ ଅଭିଯୁକ୍ତ ଯୁବକ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଖଇରିପାଲି ଗାଁର ବାଟୁ ଗର୍ଡ଼ିଆଙ୍କୁ ବୁଧବାର ଗିରଫ କରିଛି।

ପୋଲିସ କହିଛି, ଛେଣ୍ଡିପଦାଠାରେ ଚନ୍ଦନ ଯାତ୍ରା ଚାଲୁଥିବା ବେଳେ ଖଇରପାଲି ଗାଁର ବାଟୁ ମନ୍ଦିର ବେଢ଼ାରେ ମଦ୍ୟପାନ କରି ଉତ୍ପାତ କରୁଥିଲେ। ପରେ ବାଟୁ ଜଣେ ମହିଳାଙ୍କ ପିଛା କରୁଥିବା ଦେଖି ସେଠାରେ ଡ୍ୟୁଟିରେ ଥିବା ଛେଣ୍ଡିପଦା ଥାନା ଏସ୍‌ଆଇ ଶୁଭଲକ୍ଷ୍ମୀ ତାଙ୍କୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷୀପ୍ତ ବାଟୁ ଶୁଭଲକ୍ଷ୍ମୀଙ୍କୁ ଦୁର୍ବ୍ୟବହାର କରିବା ସହିତ ପିନ୍ଧିଥିବା ବଳାରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଶୁଭଲକ୍ଷ୍ମୀଙ୍କ ମୁଣ୍ଡ ଫାଟି ଯାଇଥିଲା। ସାଥୀ ପୋଲିସ କର୍ମୀମାନେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିସହ ମାଡ଼ ମାରିଥିବା ବାଟୁଙ୍କୁ କାବୁ କରି ଥାନାକୁ ନେଇ ଅଟକ ରଖିଥିଲେ। ଚିକିତ୍ସା ପରେ ମହିଳା ଏସ୍‌ଆଇ ମଧ୍ୟାହ୍ନରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪୦/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

**ମହିଳାଙ୍କ ପିଛା କରୁଥିବା ବେଳେ ରୋକିବାରୁ ଆକ୍ରମଣ**

## ମଦଦୋକାନ କର୍ମଚାରୀଙ୍କଠାରୁ ୨ଲକ୍ଷ ୫ ହଜାର ଲୁଟ୍

**ଚମ୍ପୁଆ,୨୧।୫(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆଠାରେ ଥିବା ବିଦେଶୀ ମଦଦୋକାନର ୨ କର୍ମଚାରୀଙ୍କଠାରୁ ମଙ୍ଗଳବାର ରାତି ୧୦ଟାରେ ଦୁର୍ବୃତ୍ତ ବୋମା ଫୁଟାଇ ୨ ଲକ୍ଷ ୫୦ ହଜାର ଲୁଟି ନେଇଛନ୍ତି। ଏ ନେଇ ମାଲିକ ବିଦ୍ୟୁଭୂଷଣ ପତି ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, କରଞ୍ଜିଆଠାରେ ଥିବା ମଦଦୋକାନର କର୍ମଚାରୀ ଦିନେଶ ପ୍ରସାଦ ଓ ଅଶ୍ୱିନୀ କର ରାତି ୧୦ ଘଟିକା ସମୟରେ ଦୋକାନ ବନ୍ଦ କରିଥିଲେ। ବିକ୍ରି ଅର୍ଥ ୨ ଲକ୍ଷ ୫ ହଜାର ଟଙ୍କା ମାଲିକଙ୍କୁ ଜିମାଦେବାକୁ ତାଙ୍କ ଘରକୁ ଯାଉଥିଲେ। ଘରଠାରୁ ଅଳ୍ପ ଦୂରରେ ଥିବା ସରେଇ ଆମ୍ବବଗିଚା ନିକଟରେ ପଛରୁ ଆସୁଥିବା ଦୁର୍ବୃତ୍ତମାନେ ଗାଡି ଅଟକାଇଥିଲେ। ଏଥିସହ ସାଥିରେ ଆଣିଥିବା ୨ ଗୋଟି ବୋମା ଫିଙ୍ଗି କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ପରେ ତାଙ୍କ ପାଖରେ ଥିବା ଟଙ୍କା ନେଇ ପଳାଇଥିଲେ। ଦୋକାନୀଙ୍କ ଅଭିଯୋଗ ଆଧାରରେ ଚମ୍ପୁଆ ଥାନାରେ ଏକ ମାମଲା (ନଂ. ୧୨୭/୨୫) ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କେନ୍ଦୁଝର,୨୧।୫(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ଥାନା ପଳାସପଙ୍ଗା ଫାଣ୍ଡି ପୋଲିସ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାମେବାରୀ ଥାନା ଅନ୍ତର୍ଗତ କୁଟୁଗାଁ ଗ୍ରାମର ଦୁଷ୍ମନ୍ତ ବେହେରା(୨୧)। ସେ ସ୍ଥାନୀୟ ସତିକୁଦର ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ପରେ ପଳାସପଙ୍ଗା ଫାଣ୍ଡି ଏସ୍‌ଆଇ ସୂର୍ଯ୍ୟନାରାୟଣ ରାଉତରାୟ ଏକ ମାମଲା(ନଂ.୧୪୮/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଦୁଷ୍ମନ୍ତଙ୍କୁ ଗିରଫକରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣକରି ତଦନ୍ତ ଜାରି ରଖିଛି।

## ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା ଅଭିଯୋଗ

**ଭୋଗରାଇ, ୨୧।୫(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ସନ୍ଧ୍ୟାରେ ଭୋଗରାଇ ଥାନାରେ ମୃତା ଛାତ୍ରୀଙ୍କ ଭାଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୋଲିସ ପହଞ୍ଚି ନାବାଳିକାଙ୍କ ମୃତଦେହ ଘର ଭିତରୁ ଜବତ କରି ଏକ ମାମଲା(ନଂ. ୧୭୪/୨୫) ରୁଜୁ କରିଛି। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହରେ ବସନ୍ତ ମାଝି ନାମକ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ମୃତା ଛାତ୍ରୀଙ୍କ ଭାଇଙ୍କ ଏତଲା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଘରେ କେହି ନ ଥିବାର ସୁଯୋଗ ନେଇ ଭୋଗରାଇ ବ୍ଲକ ଲକ୍ଷ୍ମୀପାଟଣା ଗ୍ରାମର ଯୁବକ ବସନ୍ତ ଓ ତାଙ୍କର କିଛି ସହଯୋଗୀ ବଳାତ୍କାର କରିବା ସହିତ ଜୀବନରୁ ମାରି ଦେଇ ଆତ୍ମହତ୍ୟାର ରୂପ ଦେବା ପାଇଁ ଘର ଭିତରେ ବେକରେ ରଶି ଦେଇ ଝୁଲାଇ ଦେଇଛନ୍ତି। ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ନେତୃତ୍ୱରେ ଭୋଗରାଇ ପୋଲିସ ଛାତ୍ରୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ସହକାରୀ ନିର୍ବାହୀ ଯନ୍ତ୍ରୀ ଚାକିରିରୁ ବହିଷ୍କୃତ

**ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଥିଲେ**

**କଟକ,୨୧।୫(କାର୍ତ୍ତିକ ସାହୁ)**

ଭଦ୍ରକ ଜିଲା ବାସୁଦେବପୁର ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ପଟ୍ଟାମୁଣ୍ଡାଇ ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ପୂର୍ବତନ ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ମାହୁନ୍ତ ସରକାରୀ ଚାକିରିରୁ ବୁଧବାର ବହିଷ୍କୃତ ହୋଇଛନ୍ତି। ୨୦୨୪ ସେପ୍ଟେମ୍ବର ୨୪ରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କୁ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନାରେ ଦଣ୍ଡିତ କରିଥିଲେ। ସେ ଏବେ ଜେଲରେ ସଜା କାଟୁଛନ୍ତି।

ଓଡ଼ିଶା ଭିଜିଲାନ୍ସର ସୂଚନା ଅନୁଯାୟୀ, ଶ୍ରୀକାନ୍ତ ପଟ୍ଟାମୁଣ୍ଡାଇ ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ଥିବା ବେଳେ ୨୦୧୧ ମେ ୩୦ରେ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିଲେ। ଜଣେ ଠିକାଦାରଠାରୁ ନିର୍ମାଣ କାର୍ଯ୍ୟର ମାପ କରିବା ନିମନ୍ତେ ସେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରି ନେଇଥିଲେ। ସେ ଅଦାଲତରେ ଦଣ୍ଡିତ ହେବା ପରେ ତାଙ୍କୁ ଚାକିରିରୁ ବହିଷ୍କାର ନିମନ୍ତେ ଭିଜିଲାନ୍ସ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଥିଲା। ସରକାରୀ ଭାବେ ତାହା ଅନୁମୋଦନ ହୋଇଥିବା ସୂଚନା ଦିଆଯାଇଛି।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

**File No. COL/JAJ/VIIL-38/2023 15905 /(LA/(Civil) dated 21.12.2024**

**No.XXIV-:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ୟୁନିଟ୍ ନଂ.-୬, ଗୋବିନ୍ଦଜୀଉ ନଗର, ଥାନା-ଯାଜପୁର ନଂ.୨୧୧, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୮୧୪ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୧୨୪୭/୧୧.୦୯.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍ ନଂ-୬ ଗୋବିନ୍ଦଜୀଉ ନଗର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୨.୨୦୧ | ଏ.୧.୮୧୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ)**

**ମୌଜା-ୟୁନିଟ୍-୬ ଗୋବିନ୍ଦଜୀଉ ନଗର, ଥାନା ନଂ.୨୧୧-ଥାନା/ତହସିଲ/ଜିଲ୍ଲା-ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୫୪/୨୧୭ | ୨୬ | ୦.୦୮ | ୦.୦୧୫ | ଘରବାରି-୧ | ପ୍ରମୋଦ କୁମାର ଦାସ, ପି:ନରସିଂହ ଚରଣ ଦାସ, ଜା:କରଣ, ବା:ପଣସା |
| ୨ | ୩୫୪/୧ | ୨୬/ ୧୩୪୬ | ୦.୦୬୩ | ୦.୦୧ | ଘରବାରି | କୃଷ୍ଣଚନ୍ଦ୍ର ମହାନ୍ତି, ପି:ଦୀନବନ୍ଧୁ ମହାନ୍ତି, ଜା:କରଣ, ବା:ମାଳଦା,ଥା: ଭଣ୍ଡାରୀପୋଖରୀ,ହା.ସା.ନିଜଗାଁ |
| ୩ | ୧୧୬ | ୨୭ | ୦.୧ | ୦.୦୧୮ | ଘରବାରି-୨ | ନବ କୁମାର ମହାନ୍ତି, ପି:ରାମଚନ୍ଦ୍ର ମହାନ୍ତି, ଜା:କରଣ, ବା:ନବାଙ୍ଗ, ଥାନା:ବାଲିକୁଦା |
| ୪ | ୩୫୪/୩୫୮ | ୩୩ | ୦.୧୫ | ୦.୦୦୮ | ଘରବାରି-୧ | ନାରାୟଣ ଚନ୍ଦ୍ର ଧଳ, ପି:ରଘୁନାଥ ଧଳ, ଜା:ଖଣ୍ଡାୟତ, ବା:ବାଣପୁର, ଥା:ବିଂଝାରପୁର |
| ୫ | ୨୫ | ୧୧୯ | ୦.୧୨ | ୦.୧୨ | ଶାରଦ-୨ | ଶ୍ରୀ ହରପାର୍ବତୀ ଠାକୁରାଣୀ ବିଜେ ନିଜଗାଁ ମାରଫତ କହ୍ନେଇ ଚରଣ ପୃଷ୍ଟି, ପି:ମଧୁସୂଦନ ପୃଷ୍ଟି, ଜା:ତନ୍ତି, ବା:ନିଜଗାଁ |
| ୬ | ୩୫୪/୫୪୦ | ୧୫୦ | ୦.୯୩୩ | ୦.୯୩୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଲାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଲାଚାନ୍ଦ ଦାସ, ବା:ନିଜଗାଁ, ଗଣେଶ ଚନ୍ଦ୍ର ନାୟକ, ପି: ଦୁର୍ଯ୍ୟୋଧନ ନାୟକ କିସ୍ମତ ଟ.୦. ଏଗାରଅଣା ନଅପାହି, ଜା:ଖଣ୍ଡାୟତ, ବା:କୁମ୍ଭାରିଆ, ଥା:ଭଣ୍ଡାରୀପୋଖରୀ, ଜି:ଭଦ୍ରକ, ହା.ବା. ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଚାରିଅଣା ତିନିପାହି, ଜା:ମୁସଲମାନ, ବା:ନହରାପୁର |
| ୭ | ୩୨ | ୧୫୧ | ୦.୦୩ | ୦.୦୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଲାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଲାଚାନ୍ଦ ଦାସ କିସ୍ମତ ଟ.୦. ଚଉଦଅଣା ଛ ପାହି, ଜା:ଖଣ୍ଡାୟତ, ବା:ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଏକ ଅଣା ଛ ପାହି, ଜା:ମୁସଲମାନ, ବା:ନହରାପୁର |
| ୮ | ୩୫୪/୪୩୦ | ୧୫୨ | ୦.୦୩ | ୦.୦୩ | ଜଳାଶୟ-୨ | ସୁକାନ୍ତି ପୃଷ୍ଟି, ସ୍ୱା: ଅଜୟ କୁମାର ସାହୁ, ଜା:ବୈଶ୍ୟ ବଣିଆ, ବା: ଯଯାତିନଗର, ୟୁନିଟ ନଂ.-୫ |
| ୯ | ୫୫ | ୧୫୩ | ୦.୦୩ | ୦.୦୩ | ଜଳାଶୟ-୨ | ନିଳମଣୀ ବେଦୀ, କୁଳମଣି ବେଦୀ, ସୂର୍ଯ୍ୟମଣି ବେଦୀ, ପି: ଗଣେଷ ବେଦୀ, ଜା: ବ୍ରାହ୍ମଣ, ବା: ୟୁନିଟ୍ ନଂ.- 7, ଶିତଳେଶ୍ୱର |
| ୧୦ | ୩୫୪/ ୨୮୮ | ୧୫୪ | ୦.୦୬ | ୦.୦୬ | ଶାରଦ-୨ | ଶରତ ଚନ୍ଦ୍ର ରାଉତ, ପି: ନିତ୍ୟାନନ୍ଦ ରାଉତ, ଜା: ଖଣ୍ଡାୟତ, ବା: ବାସୁପୁର |
| ୧୧ | ୩୫୪/ ୨୧ | ୧୫୫ | ୦.୦୫୫ | ୦.୦୫୫ | ଜଳାଶୟ-୨ | କୁଳପ୍ରଭା ସାହୁ, ସ୍ୱା: କାଳନ୍ଦୀ ଚରଣ ସାହୁ, ଜା: ତେଲି, ବା: ଛତିସ ରତନପାଳ |
| ୧୨ | ୩୫୪/ ୬୧୮ | ୧୫୬/ ୧୭୫୪ | ୦.୦୨ | ୦.୦୨ | ଶାରଦ-୨ | ସୁକାନ୍ତି ସାମଲ, ସ୍ୱା: ଶ୍ରୀକାନ୍ତ ସାମଲ, ବା: ଡିହବଳରାମପୁର, ଥା. ପାଟକୁରା, ଜି. କେନ୍ଦ୍ରାପଡ଼ା, |
| ୧୩ | ୩୫୪/ ୬୧୮ | ୧୫୭ | ୦.୦୬ | ୦.୦୬ | ଜଳାଶୟ-୨ | ଅଦ୍ୱୈତ ପ୍ରସାଦ ସାମଲ, ପି: କରୁଣାସିନ୍ଧୁ ସାମଲ, ବା: ଗଣେଶ୍ୱରପୁର, ଥା: ଆଳି, ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ବା: ନପଙ୍ଗ, ଥା. ଭଣ୍ଡାରି ପୋଖରୀ, ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତରା ସିଂହ ମହାପାତ୍ର, ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନନଗର, ଥା. ଆଳି, ଜି. କେନ୍ଦ୍ରାପଡ଼ା, ରତ୍ନ ମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହାଲାୟକ, ବା: ତାରାମଦନ |
| ୧୪ | ୩୫୪/୮୯ | ୧୫୬/ ୧୪୨୨ | ୦.୦୪ | ୦.୦୪ | ଘରବାରି-୨ | ତାରାକାନ୍ତ ଦାସ, ପି: ହରେକୃଷ୍ଣ ଦାସ, ଜା: କରଣ, ବା: ବରୁଆଡି |
| ୧୫ | ୩୫୪/ ୬୧୯ | ୧୫୭/ ୧୭୫୫ | ୦.୧ | ୦.୧ | ଜଳାଶୟ-୨ | ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତ ସିଂହ ମହାପାତ୍ର, ଜା: ଖଣ୍ଡାୟତ, ବା: ମହାପୁର |
| ୧୬ | ୩୫୪/ ୬୨୦ | ୧୫୭/ ୧୭୫୬ | ୦.୦୮ | ୦.୦୮ | ଜଳାଶୟ-୨ | ରତ୍ନମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହାଲାୟକ, ବା: ତାରାମଦନ |
| ୧୭ | ୩୫୪/ ୬୨୧ | ୧୫୭/ ୧୭୫୭ | ୦.୧ | ୦.୧ | ଜଳାଶୟ-୨ | ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନପୁର, ଥା. ଆଳି |
| ୧୮ | ୩୫୪/ ୬୨୨ | ୧୫୭/ ୧୭୫୮ | ୦.୧ | ୦.୧ | ଜଳାଶୟ-୨ | ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ଜା: ଖଣ୍ଡାୟତ, ବା: ନପଙ୍ଗ, ଥା. ଭଣ୍ଡାରି ପୋଖରୀ |
| ୧୯ | ୭୮ | ୭ | ୦.୦୫ | ୦.୦୦୫ | ଘରବାରି-୨ | ଜନାର୍ଦ୍ଦନ ମିଶ୍ର, ପି: ଶଙ୍କର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ଭୀମକରପୁର |
| | | ମୋଟ | | ୧.୮୧୪ | | |

OIPR-24163/14/0074/2526

ସ୍ୱା./-ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଘୋଷଣା

**File No.COL/JAJ/XII/1/22/30 / LA (Rly) dated 25.2.25**

**No.XXIV-03**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗୋବରଘାଟି, ଥାନା-ସୁକିନ୍ଦା, ନଂ.-୧୪୧**, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗୋବରଘାଟି,** ଥାନା-ସୁକିନ୍ଦା, ନଂ.୧୪୧, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ ଜିଲ୍ଲା ୱେବସାଇଟ https://jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋବରଘାଟି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୨୩.୬୦୦ ଡି. | ଏକର ୧୧.୪୦୦ ଡି | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ବ୍ୟକ୍ତିଗତ ଜମି**
**ମୌଜା-ଗୋବରଘାଟି,ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର-୧୪୧, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୫୭ | ୧୦୯ | ଡାଳି ଜଙ୍ଗଲ | ଚୈତନ୍ୟ ଦକ୍ଷିଣ ରାଏ, ଓ ବନମାଳି ସୁନ୍ଦରରାଏ ଓ ସୁରେନ୍ଦ୍ର ଦେଓ, ପି:ଭରତ ଦେଓ, ଜା: କ୍ଷେତ୍ରିୟ, ବା:ବାରାଗଡିଆ | ୧୨୩.୬୦୦ | ୧୧.୪୦୦ |
| TOTAL | | | | | 123.600 | 11.400 |

OIPR-24163/14/0073/2526

ସ୍ୱା./-ଜିଲ୍ଲାପାଳ, ଯାଜପୁର

ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୋଳ-ଡୁବୁରୀ-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ, ଯାଜପୁର

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଘୋଷଣା

**File No.COL/JAJ/XII/1/22/24 / LA (Rly) dated 25.2.25**

**No.XXIV-01**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଡୁବୁରି, ଥାନା-ସୁକିନ୍ଦା, ନଂ.-୮୬**, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୮/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଡୁବୁରି,** ଥାନା-ସୁକିନ୍ଦା, ନଂ.୮୬, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ ଜିଲ୍ଲା ୱେବସାଇଟ https://jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡୁବୁରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୯୬.୦୦୦ ଡି. | ଏକର ୪.୦୩୦ ଡି | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ଜଙ୍ଗଲ ଜମି**
**ମୌଜା-ଡୁବୁରୀ, ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର-୮୬, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୧୦୫ | ୧୧୬ | ଜଙ୍ଗଲ | ଦେଓ ନବାହର ଶ୍ରୀକୃଷ୍ଣ ମହାପାତ୍ର, ପି:ବୃନ୍ଦାବନ ଚନ୍ଦ୍ର ମହାପାତ୍ର, ଜା:କରଣ, ବା:ଚାଟରା, ଥାନା:ଜଗତସିଂହପୁର | ୯୬.୦୦୦ | ୪.୦୩୦ |
| TOTAL | | | | | 96.000 | 4.030 |

OIPR-24163/14/0072/2526

ସ୍ୱା./-
ଜିଲ୍ଲାପାଳ, ଯାଜପୁର

ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୁଳ-ଡୁବୁରି-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ,ଯାଜପୁର


See Career Appointment on every Wednesday & Saturday

# ଅଜଣା ଗାଡ଼ି ଧକ୍କାରେ ୩ ଯୁବକଙ୍କ ମୃତ୍ୟୁ

## ଠାକୁରାଣୀ ଯାତ୍ରା ଦେଖିବାକୁ ଯିବା ସମୟରେ ଦୁର୍ଘଟଣା

ପଦ୍ମପୁର,୨୧ା୫ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲ୍ଲା ପଦ୍ମପୁର ନିକଟସ୍ଥ ଗୁମୁଡ଼ା ବ୍ରିଜ୍ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ଏକ ବାଇକ୍ ଯୋଗେ କାରେଣୀ ଗାଁକୁ ଠାକୁରାଣୀ ଯାତ୍ରା ଦେଖିବାକୁ ଯିବା ସମୟରେ ଏକ ଅଜଣା ଗାଡ଼ି ଧକ୍କାଦେବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଥିବା ଅନ୍ୟ ଜଣେ ଯୁବକଙ୍କ ଗୁଣପୁର ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ମୃତ୍ୟୁ ଘଟିଛି। ମୃତକମାନେ ଗୁଡାରି ବ୍ଲକ ଅନ୍ତର୍ଗତ କଇଠପଦର ଗ୍ରାମର ବୁଲୁ ଶବର (୧୯), ସୁବ୍ରତ ଶବର(୧୭)ଓ ଆରକା ବାଳକ୍ରିଷ୍ଣ (୧୮)।

ସୂଚନା ଅନୁଯାୟୀ, କଇଠପଦର ଗ୍ରାମର ୩ ଯୁବକ କାରେଣୀ ଗାଁକୁ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ଏକ ବାଇକ୍ ଯୋଗେ ବାହାରିଥିଲେ। ପଦ୍ମପୁର ନିକଟସ୍ଥ ଗୁମୁଡ଼ା ବ୍ରିଜ୍ ଉପରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାରକରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ବୁଲୁ ଶବର ଏବଂ ସୁବ୍ରତଙ୍କୁ ମୃତ ଘୋଷଣା କରିଥିଲେ।ଅତି ଗୁରୁତର ଥିବା ଆରକା ବାଳକ୍ରିଷ୍ଣଙ୍କୁ ଗୁଣପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଗୁମୁଡ଼ା ପୋଲିସ ୩ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଗୁଣପୁର ପଠାଇ ଘଟଣାର ତଦନ୍ତ କରୁଛି।

# ୧୪ ଜିଲାର ଦୁର୍ଗମ ଅଞ୍ଚଳ ଗସ୍ତ କରିବାକୁ ସବୁ ସଚିବଙ୍କୁ ନିର୍ଦ୍ଦେଶ

## ପିଏମ୍ ଜନମନ ଯୋଜନାର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧ା୫(ବୁଲିନ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଥିବା ପିଏମ୍ ଜନମନ ଯୋଜନାର ପ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ସଚିବଙ୍କୁ ରାଜ୍ୟର ୧୪ଟି ଜିଲାରେ କାର୍ଯ୍ୟକାରୀ ହେଉଥିବା ଉକ୍ତ ଯୋଜନାର ପ୍ରତ୍ୟେକ ଦୁର୍ଗମ ଅଞ୍ଚଳକୁ ପରିଦର୍ଶନରେ ଯାଇ ସେଠାକାର ପରିସ୍ଥିତି ପରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଓ ଜିଲାସ୍ତରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀମାନେ ମଧ୍ୟ ଚିହ୍ନଟ ହୋଇଥିବା ପ୍ରତ୍ୟେକ ଗ୍ରାମ ଓ ଜନବସତିକୁ ଯାଇ ସେଠାର ସ୍ଥିତି ଅନୁଧ୍ୟାନକରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପିଏମ୍ ଜନମନ ଯୋଜନାରେ ଓଡ଼ିଶାର ୧୪ଟି ଜିଲାର ୫୫ଟି ବ୍ଲକ୍, ୧୬୫୧ ଗ୍ରାମ/ ଜନବସତି, ୨୮୯ ଗ୍ରାମପଞ୍ଚାୟତ ଏବଂ ୨ଟି ପୌର ପ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିବାବେଳେ ସମୁଦାୟ ୬୮,୬୦୫ ପରିବାରର ୩,୧୪,୫୧୪ ଲୋକ ଏହି ଯୋଜନାର ସୁଫଳ ପାଇବେ। ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୬ ଶେଷ ସୁଦ୍ଧା ୪୫,୪୦୮ ଘର, ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରୁ ପ୍ରାୟ ୨୧୦ କି.ମି. ପକ୍କା ସଡ଼କ, ୧୬୨୦ଟି ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ, ୩୫୧ ଅଞ୍ଚଳରେ ମୋବାଇଲ ଟାୱାର ସଂଯୋଗୀକରଣ, ୪୦୫ ଅଞ୍ଚଳର ଛାତ୍ରାଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣ, ୭୪ ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ୧୪ ଜିଲାର ଯେଉଁ ଜନବସତିର ୫ କି.ମି. ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ, ସେହିପରି ସମସ୍ତ ଅଞ୍ଚଳରେ ମୋବାଇଲ ମେଡ଼ିକାଲ ୟୁନିଟ୍ର ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହିପରି ସମସ୍ତ ୧,୦୫୫ ଜନବସତିକୁ ମୋବାଇଲ ମେଡ଼ିକାଲ ୟୁନିଟ୍ ଯୋଗାଇ ଦିଆଯାଇଛି ଏବଂ ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ ହୋଇଛି ବୋଲି ବୈଠକରୁ ଜଣାପଡ଼ିଛି।

ବିଶେଷତଃ ପିଭିଟିଜି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ନିମନ୍ତେ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ମୋବାଇଲ ସଂଯୋଗ ଆଦି କାର୍ଯ୍ୟ ଯଥାଶୀଘ୍ର ସମାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଯୋଗ ହୋଇପାରୁ ନ ଥିବା କିମ୍ବା ଦୁର୍ଗମ ଅଞ୍ଚଳଗୁଡ଼ିକୁ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ସଚିବମାନେ ପରିଦର୍ଶନରେ ଯାଇ ସେଠାକାର କାମ କେଉଁଠି ନିର୍ଦ୍ଧାରିତ ସମୟରେ ସମାପ୍ତହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।

# କୋଏଲ ନଦୀରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ଜବତ

ରାଉରକେଲା,୨୧ା୫(ସଞ୍ଜିତା ଜେନା)

ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ କୋଏଲନଦୀର କେର୍କେଟା ଘାଟରେ ବୁଡ଼ି ନିଖୋଜ ହୋଇଥିବା ବିଜୟ ନାଗ(୨୫) ନାମକ ଜଣେ ଯୁବକଙ୍କ ମୃତଦେହ ବୁଧବାର ସକାଳ ୮ଟାରେ ମିଳିଛି। ବନ୍ଧମୁଣ୍ଡା ଥାନା ଜଗସେରା ଘାଟରୁ ପୋଲିସ ଉଦ୍ଧାର କରିଛି। ବିଜୟଙ୍କ ଘର ରାଉରକେଲା ଉଦିତନଗର ଥାନା ଶୀତଳପଡ଼ାରେ। ସେ କରାଟେ ଓ ଆତ୍ମପ୍ରତିରକ୍ଷା ତାଲିମଦାତା ଭାବେ କାର୍ଯ୍ୟ କରୁଥିଲେ। ବନ୍ଧମୁଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୦୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ଅପରାହ୍ନ ୫ଟାରେ ବିଜୟ ଓ ତାଙ୍କ ସାଙ୍ଗ କେର୍କେଟା ଘାଟକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ବିଜୟଙ୍କ ସାଙ୍ଗ ଉଦ୍ଧାର ହୋଇଥିଲେ ମଧ୍ୟ ବିଜୟ ନିଖୋଜ ହୋଇଯାଇଥିଲେ। ଘଟଣାସ୍ଥଳରେ ବିଶ୍ରା ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ବୁଧବାର ସକାଳେ ଖୋଜାଖୋଜି ସମୟରେ ମୃତଦେହ ମିଳିଥିଲା।

# ମହାରାଷ୍ଟ୍ରରେ ଭୁଶୁଡ଼ିଲା ବିଲ୍ଡିଂ ସ୍ଲାବ୍: ମୃତକଙ୍କ ମଧ୍ୟରେ ପୁରୁଷୋତ୍ତମପୁରର ୩ ମହିଳା

ପୁରୁଷୋତ୍ତମପୁର,୨୧ା୫(ସୀମାଞ୍ଚଳ ମିଶ୍ର)

ମହାରାଷ୍ଟ୍ର ରାଜ୍ୟ ଠାଣେର କଲ୍ୟାଣ ଅଞ୍ଚଳରେ ମଙ୍ଗଳବାର ତିନି ମହଲା କୋଠାର ଉପର ମହଲା ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ସିଏଚ୍ ନୂଆଗାଁ ଗ୍ରାମର ୩ ଜଣ ମହିଳା ଅଛନ୍ତି। ସେମାନେ ହେଲେ ପ୍ରମିଳା ସାହୁ (୫୬) ଓ ତାଙ୍କର ୨ଝିଅ ସୁନିତା ସାହୁ(୪୦) ଏବଂ ସୁଜାତା ପାଢୀ (୩୫)। ସୁଜାତାଙ୍କ ୪ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛନ୍ତି।

ସୁଜାତାଙ୍କ ଶାଶୁଘର ହିଞ୍ଜିଳିକାଟୁ ହୋଇଥିବା ବେଳେ ସୁନିତାଙ୍କ ଶାଶୁଘର ହିଞ୍ଜିଳି ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମରେ। ଉଭୟଙ୍କ ପରିବାର ମୁମ୍ବାଇରେ ରହି କାମ କରୁଥିଲେ। କଲ୍ୟାଣ ଅଞ୍ଚଳରେ ଭଡାଘରେ ରହୁଥିବା ଝିଅମାନଙ୍କୁ ଦେଖିବା ଲାଗି ମା' ପ୍ରମିଳା ସେଠାକୁ ଯାଇଥିଲେ। ଘରେ ବସି କଥାବାର୍ତ୍ତା ହେଉଥିବା ବେଳେ ଅଚାନକ ଘରର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଛାତ ତଳେ ଚାପିହୋଇ ମା' ଓ ୨ ଝିଅଙ୍କ ମୃତ୍ୟୁ ଘଟିଛି। ସୁଜାତାଙ୍କ ୪ବର୍ଷର ଶିଶୁପୁତ୍ର କାର୍ତ୍ତିକ ମୃତ୍ୟୁମୁଖରୁ ବର୍ତ୍ତିଯାଇ ଗୁରୁତର ହୋଇଥିବାରୁ ସେଠାରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରାତ୍ରରେ ୩ ମୃତଦେହକୁ ସେଠାରେ ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।


**ବିଜ୍ଞାପନ ସଂ. ୪୫/୨୦୨୫**

**ଭାରତ ସରକାର**

**ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ**

**ଭାରତୀୟ ବିମାନବନ୍ଦର ପ୍ରାଧିକରଣରେ ସଦସ୍ୟ (ଏଚ୍ଆର୍)**

**ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛି**

ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି

**ତା୦୯।୦୬।୨୦୨୫ରିଖ (୧୫.୦୦ ଘଣ୍ଟିକା ସୁଦ୍ଧା) ।**

ନୋଡାଲ ଅଧିକାରୀମାନଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ପଠାଯିବାର ଶେଷ ତାରିଖ ହେଉଛି

**ତା୧୮।୦୬।୨୦୨୫ରିଖ (୧୭.୦୦ ଘଣ୍ଟିକା ସୁଦ୍ଧା) ।**

ବିବରଣୀ ପାଇଁ ନିମ୍ନ ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରନ୍ତୁ

**https://pesb.gov.in**

CBC-03111/12/0003/2526


## ODISHA PUBLIC SERVICE COMMISSION CUTTACK

### NOTICE

**No. 3408 / P.S.C., Dt. 20.05.2025**
**(1R-02-2025/26)(DR-V)**

**No.D-** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Electrical Engineering,** pursuant to Advertisement No.31 of 2023-24 shall be held on **30.05.2025 & 31.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 30.05.2025 | 10.30 A.M. | P240312226, P240305825, P240301991, P230234395, P240305939, P240309216, P240303526 & P240302749 = **08 Candidates** |
| 31.05.2025 | 10.30 A.M. | P240304621, P240298953, P240308591, P240309991, P240237361 & P230185093 = **06 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University / Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0218/2526 **Sd./- Secretary**

## NOTICE INVITING TENDER
## OFFICE OF THE NOTIFIED AREA COUNCIL, RANPUR

No.C-353

NAYAGARH (ODISHA), PIN-752026
e-Mail : eoranpurnac.ranpur@gmail.com

**Tender Call Notice No. 1091** **Dt. 19.05.2025**
**E-Procurement Notice No. : RNP NAC - 03 / 2025-26**

| | | |
|---|---|---|
| 1 | Name of the Work | Individual Civil Construction as per DTCN |
| 2 | No. of Works | 04 Nos |
| 3 | Value of Work | Rs.69,57,200/- to Rs.1,63,65,700/- |
| 4 | Class of Contractor | As per DTCN |
| 5 | Period of Completion | As per DTCN |
| 6 | Date of Publication | **20.05.2025** |
| 7 | Date and Time of availability of document in the portal | From **Dt. 21.05.2025 at 11 A.M.** to **Dt. 05.06.2025** up to **5 P.M.** |
| 8 | Last Date, Time for receipt of bids in portal | **Dt. 05.06.2025 upto 5 P.M.** |
| 9 | Date and Time of opening Bid | **Dt. 06.06.2025 at 10.00 A.M.** |
| 10 | Name and address of the officer inviting bid | Sd./- Executive Officer, NAC, Ranpur |

Further details can be seen from e-Procurement portal **https://tendersodisha.gov.in**

OIPR-13196/11/0014/2526 **Sd./- Executive Officer, NAC, Ranpur**

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR

No.B-144

E-mail : eeroads.khr@rediffmail.com
No. 2315 Date : 19.05.2025

**Invitation For Bids**
**Bid Identification No. SER&BKHR-02/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division. Khariar on behalf of Governor of Odisha, invites percentage rate composite bids (Civil+EI+PH) in Double cover system in ONLINE MODE only. | |
| 2 | Nature of work | Construction of Office-cum-Residence of the Junior Engineer, Komna (R&B) Section, Nuapada in the premises of Nuapada (R&B) Sub-Division in the district of Nuapada for the year 2025-26. |
| 3 | No. of work | 01 Nos. work |
| 4 | Tender Paper cost | As specified in the notice for the respective Work, to be remit online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 29.05.2025 to 17.00 hours of 10.06.2025 |
| 7 | Date of opening of Technical Bid | Dt. 11.06.2025 at 11:30 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

**Sd./- Superintending Engineer, Khariar (R&B) Division, Khariar**

OIPR-34062/11/0021/2526

## OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR

E-Mail : eebbsrrwss@gmail.com

**Quotation Call Notice No. 04 of 2025-26**

**No.O-181** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (MILLI-Q, ION-Meter, BOD Shaker Incubater) |
| 2 | No. of Item | 09 (nine) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.23.05.2025 (10.00 A.M.) to Dt.03.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.03.06.2025 up to 4.00 P.M. |
| 7 | Date & time of opening of Quotation | Dt.04.06.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

OIPR-25011/11/0014/2526 **Sd./- Executive Engineer, RWS&S Division, Bhubaneswar**

No.CAD-462

GOVERNMENT OF ODISHA
## OFFICE OF THE CHIEF DEVELOPMENT OFFICER CUM EXECUTIVE OFFICER ZILLA PARISAD, SAMBALPUR

**BID IDENTIFICATION NO. : ZP/SBP/CIVIL/01/2025-26**
E-mail : ori-dsambalpur@nic.in
**No.1877/Engg/Dated. 17.05.2025**

1. The Chief Development Officer-cum-Executive Officer, Zilla Parishad, Sambalpur on behalf of Governor of Odisha, invites **Percentage Rate** bids in **Single cover system** in **ONLINE MODE** for construction of **Buildings**, as detailed in the **DTCN** from the eligible Class of Contractors.
2. No. of works : **01 (ONE)**
3. Tender Cost : Rs.10,000/-
4. Class of Contractor : **"A" Class & "B" Class**
5. Date and time Available in Website & receipt of Bids : **12:00 Hrs of 17.05.2025 to 17:00 Hrs of 31.05.2025**
6. Date of Opening of Tender : **03.06.2025 at 11:00 Hrs**
7. The Bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only
8. Any Corrigendum / Addendum will be displayed in the website **www. tendersodisha.gov.in** only.

OIPR-19241/11/0006/2526 **Sd./- CDO-Cum-Eo, Zilla Parishad, Sambalpur**

## GOVERNMENT OF ODISHA
## Sports & Youth Services Department
### Request for Proposal (RFP)

**No.TT-02:** Sports & Youth Services Department, Government of Odisha invites bids from leading agencies to the RFP on "Engagement of Event Management Agency for conducting International Yoga Day at Kalinga Stadium Bhubaneswar". The details of the bid document are available at the website **https:// tendersodisha.gov.in/.**
Interested firms/agencies are advised to study the RFP document carefully before submitting the Bid.

**Important Dates and Information**

| | |
|---|---|
| Date of Publication of the RFP | -19.05.2025 |
| Submission of pre-bid Queries | -23.05.2025 |
| Pre-Bid Meeting | -27.05.2025 |
| Response to Pre-Bid queries | -29.05.2025 |
| Last date and time of submission of proposal | -05.06.2025 |
| Opening of the Technical Bid | -07.06.2025 |
| Opening of the Financial Bid | -09.06.2025 |

OIPR-29001/11/0080/2526 **Sd./- Director, Sports**

## GOVERNMENT OF ODISHA
## Sports & Youth Services Department
### Request for Proposal (RFP)

**No.TT-03:** Sports & Youth Services Department, Government of Odisha invites bids from leading agencies to the RFP on "Supply of T-Shirts for Sports & Youth Services Department, Government of Odisha". The details of the bid document are available at the website https://tendersodisha.gov.in/.
Interested firms/ manufacturers/ agencies are advised to study the RFP document carefully before submitting the Bid.

**Important Dates and Information**

| | |
|---|---|
| Date of Publication of the RFP | -19.05.2025 |
| Submission of pre-bid Queries | -23.05.2025 |
| Pre-Bid Meeting | -27.05.2025 |
| Response to Pre-Bid queries | -29.05.2025 |
| Last date and time of submission of proposal | -05.06.2025 |
| Opening of the Technical Bid | -07.06.2025 |
| Opening of the Financial Bid | -09.06.2025 |

OIPR-29001/11/0081/2526 **Sd./- Director, Sports**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-09/25, Letter No.1575, Date: 19.05.25

**e-Procurement Notice**

**No.O-179:**Name of the Work: Tender for the road projects of Building Work in the Dist. of Kendrapara. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-8 of the Annexure. 4. Detail Projects: As per Annexure attached. 5. Other details.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-09/25 | 28.05.2025 at 11.00 A.M. | 11.06.2025 to 5.00 P.M. | 11.06.2025 upto 2.00 P.M. | 12.06.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

OIPR-25129/11/0042/2526 **Sd./- Chief Construction Engineer Rural Works Circle, Kendrapara-Jajpur**

## ODISHA TOURISM DEVELOPMENT CORPORATION LIMITED

(A Govt. of Odisha Undertaking)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No. **Date : 19.05.2025**

No.CAD-482

**NOTICE INVITATION FOR BIDS (NIFB)**
**E-Procurement Notice No. BP-I/08/2025-26 dt.19.05.2025**

1. Nature of Work : External Power Supply to Sound & Light Multimedia Show at Khandagiri-Udayagiri Caves.
2. Total No. of Works : 01 No.
3. Value of Works : Item Rate
4. Bid Security : As per NIT
5. Class of Contractor : As per NIT
6. Period of Completion : 02 (Two) Months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/08/2025-26 dt.19.05.2025 | From 23.05.2025 | To 02.06.2025 | **11.30** Hours **of dt.03.06.2025** in the office of the Superintending Engineer, OTDC Ltd, Bhubaneswar |

Further details can be seen from the Govt. Website **www.etenderodisha.gov.in**

OIPR-37002/11/0070/2526 **Sd./- Superintending Engineer O.T.D.C. Ltd., BBSR**

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
## ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିର

Email ID: lsrrcbdbgr@gmail.com

**ବିଜ୍ଞାପନ– ବିସ୍ଥାପିତଙ୍କ ପାଇଁ ଷ୍ଟଲ ଆବଣ୍ଟନ**

No.A–203:ଏତଦ୍ୱାରା ଲୋୟର ସୁକତେଲ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଗ୍ରାମଗୁଡିକ ମଧ୍ୟରୁ ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, କଖାଲ, ସାନତେଲେନପାଲି, ବଡତେଲେନପାଲି, କୁଟେନସିଲେଟ, ଚୁଡାପାଲି, ବରପିଟା, ପୋଡମୁଣ୍ଡ, କଙ୍କରା, ଢୁଲୁସର ଏବଂ ଖଗସାବାହାଲର ବିସ୍ଥାପିତ କଲୋନୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନଙ୍କୁ ଲର୍କିପାଲି, ସଦେଇପାଲିସ୍ଥିତ ପୁନର୍ବାସ ଓ ଥଇଥାନ କଲୋନୀରେ ନିର୍ମାଣ କରାଯାଇଥିବା ମାର୍କେଟ କଂପ୍ଲେକ୍ସ ଭଡା ଆକାରରେ ଆବଣ୍ଟନ ପାଇଁ ସେମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣ ପ୍ରକ୍ରିୟା ଅଫଲାଇନ ମାଧ୍ୟମରେ ଆସନ୍ତା ତା.୨୩.୦୫.୨୦୨୫ ପୂର୍ବାହ୍ନ ୮.୦୦ ଘଣ୍ଟାରୁ ତା.୦୨.୦୬.୨୦୨୫ ମଧ୍ୟାହ୍ନ ୧୨.୦୦ ଘଣ୍ଟା ମଧ୍ୟରେ ଶେଷ ହେବ । ଆବେଦନକାରୀ ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଲୋୟର ସୁକତେଲ, ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସ ଓ ନିର୍ଘଣ୍ଟ ସମୟରେ ଟ.୫୦୦/– (ପାଞ୍ଚ ଶହ) ମାତ୍ର ଫର୍ମ ବାବଦକୁ ଦେୟ ପ୍ରଦାନ କରି ଫର୍ମ କିଣିପାରିବେ । ଉକ୍ତ ଦେୟ ଫେରସ୍ତ ହେବ ନାହିଁ । ଇଚ୍ଛୁକ ଆବେଦନକାରୀ ଉପରୋକ୍ତ ସମୟସୀମା ମଧ୍ୟରେ ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି, ଆବେଦନ ଫର୍ମଟି ବନ୍ଦ ଲଫାପାରେ ଭର୍ତ୍ତି କରି ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବେ । ଏହା ତା.୦୩.୦୬.୨୦୨୫ ପୂର୍ବାହ୍ନ ଘ.୧୦.୦୦ ମିନିଟରେ ଲୋୟର ସୁକତେଲ ସମ୍ମିଳନୀ ଗୃହ (Conference Hall)ରେ ଆବେଦନକାରୀ କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଖୋଲାଯିବ । ମାର୍କେଟ କଂପ୍ଲେକ୍ସ ପାଇଁ ଆବଶ୍ୟକ ହେଉଥିବା ରାଶି ଓ ମାସିକ ଭଡାର ତାଲିକା ସହିତ ଷ୍ଟଲର ପ୍ରକାର ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ସଂଖ୍ୟା | ଉପସ୍ଥିତି | ଷ୍ଟଲର ପ୍ରକାର | ଉପଲବ୍ଧ ଷ୍ଟଲ ସଂଖ୍ୟା | ସୁରକ୍ଷା ରାଶି (ଟଙ୍କାରେ) | ମାସିକ ଭଡା | ମନ୍ତବ୍ୟ |
|---|---|---|---|---|---|---|
| ୧ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି, ସଦେଇପାଲି | ମାର୍କେଟ କଂପ୍ଲେକ୍ସ, ତଳ ମହଲା | ୩ | ୫୦,୦୦୦/– | ୧୫୦୦/– | |
| | | ମାର୍କେଟ କଂପ୍ଲେକ୍ସ, ପ୍ରଥମ ମହଲା | ୯ | ୫୦,୦୦୦/– | ୧୫୦୦/– | |
| ୨ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି, ସଦେଇପାଲି | ମାର୍କେଟ କଂପ୍ଲେକ୍ସ, ତଳ ମହଲା | ୮ | ୫୦,୦୦୦/– | ୧୫୦୦/– | |
| ୩ | 'ଡି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି, ସଦେଇପାଲି | ମାର୍କେଟ କଂପ୍ଲେକ୍ସ, ତଳ ମହଲା | ୬ | ୫୦,୦୦୦/– | ୧୫୦୦/– | |

**ଦୋକାନ ଆବଣ୍ଟନ ପାଇଁ ନିୟମ ଏବଂ ସର୍ତ୍ତାବଳୀ:** ୧. ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, କଖାଲ, ସାନତେଲେନପାଲି, ବଡତେଲେନପାଲି, କୁଟେନସିଲେଟ, ଚୁଡାପାଲି, ବରପିଟା, ପୋଡମୁଣ୍ଡ, କଙ୍କରା, ଢୁଲୁସର ଏବଂ ଖଗସାବାହାଲ ବିସ୍ଥାପିତ ପରିବାର ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । ୨. ପରିବାର ପିଛା ମାତ୍ର ଗୋଟିଏ ଷ୍ଟଲ ପାଇଁ ଦରଖାସ୍ତ ଦେଇପାରିବେ । ଯଦି ଗୋଟିଏ ପରିବାର ଷ୍ଟଲ ପାଇ ସାରିଥିବେ ତେବେ ସେ ଆଉଥରେ ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ । ଏକରୁ ଅଧିକ ଦରଖାସ୍ତ ଗୋଟିଏ ପରିବାର ପାଇଁ ବିଚାରକୁ ନିଆଯିବ ନାହିଁ । ୩. ଯେଉଁ ପରିବାରମାନେ ଷ୍ଟଲ ଆବଣ୍ଟନ ନୋଟିସ ୩୦୪୪ ତା.୦୩.୦୭.୨୦୨୩ ରେ ଅଂଶଗ୍ରହଣ କରି ଚୁକ୍ତିନାମା କରିଛନ୍ତି କିମ୍ବା ଚୁକ୍ତିନାମା ପ୍ରକ୍ରିୟାରେ ଅଂଶଗ୍ରହଣ କରିନଥିଲେ ସେମାନଙ୍କୁ ଏହି ଷ୍ଟଲ ଆବଣ୍ଟନ ପ୍ରକ୍ରିୟାରେ ବିଚାରକୁ ନିଆଯିବ ନାହିଁ । ୪. ଯୋଗ୍ୟ ବିବେଚିତ ହୋଇ ଷ୍ଟଲ ପାଇଥିବା ଆବେଦନକାରୀ ସାତଦିନ ମଧ୍ୟରେ ଟ.୫୦,୦୦୦/– (ପଚାଶ ହଜାର) ଟଙ୍କାର N.S.C./Post Office Savings Bank Account/ Post Office Time Deposit Account/ Kishan Vikash Patra/ Bank Guarantee/ Fixed Deposit From any Nationalized/ Scheduled Bank in India Pledged in favour of Superintending Engineer, Lower Suktel R.R.C&B Division, Balangir ରେ ଦେବେ । ୫. ଯୋଗ୍ୟ ବିବେଚିତ ବ୍ୟକ୍ତି ଅଧିକାରୀଙ୍କ ସହିତ ଏକ ଚୁକ୍ତିନାମା ସାତ ଦିନ ମଧ୍ୟରେ କରିବେ । ୬. ପୂରଣ କରାଯାଇଥିବା ଦରଖାସ୍ତ ଏବଂ ଘୋଷଣାନାମାରେ ସ୍ୱାକ୍ଷର କରି ଆବଶ୍ୟକ ନଥିପତ୍ର ସହିତ ଲଫାପା ଭିତରେ ଭର୍ତ୍ତିକରି ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ୭. ଆବେଦନ କରିଥିବା ଦରଖାସ୍ତ ଓ ଦସ୍ତାବିଜ ପ୍ରକଳ୍ପର ଯାଞ୍ଚ କମିଟି ଦ୍ୱାରା କରାଯିବ ଓ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ଦରଖାସ୍ତକାରୀମାନଙ୍କ ଉପସ୍ଥିତିରେ ଲଟେରୀ ମାଧ୍ୟମରେ ଷ୍ଟଲ ଯୋଗାଇ ଦିଆଯିବ । ୮. କୌଣସି କାରଣ ନ ଦର୍ଶାଇ ଷ୍ଟଲ ଆବଣ୍ଟନ ପ୍ରକ୍ରିୟା ଏବଂ ଆବେଦନ କରିଥିବା ଦରଖାସ୍ତ ଗୁଡିକ ରଦ୍ଦ କରିବାର ଅଧିକାର ଅଧିକାରୀଙ୍କ ପାଖରେ ଅଛି । ୯. ଦରଖାସ୍ତକାରୀ ତାଙ୍କର ବ୍ୟକ୍ତିଗତ ସୂଚନାର ଏକ ଘୋଷଣାନାମା ଦାଖଲ କରିବେ । ୧୦. ଯଦି କୌଣସି ବ୍ୟକ୍ତି ଭୁଲ ତଥ୍ୟ ଯୋଗାଇ କିମ୍ବା ଅନ୍ୟ କାରଣରୁ ଷ୍ଟଲ ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି, ତେବେ ଅଧିକାରୀ ତାଙ୍କର ଅଧିକାର ବଳରେ ଉକ୍ତ ବ୍ୟକ୍ତିଙ୍କର ଷ୍ଟଲ ଆବଣ୍ଟନକୁ ରଦ୍ଦ କରିପାରିବେ । ୧୧. ଦରଖାସ୍ତକାରୀ ଅଧିକ ବିବରଣୀ ଅଧୀକ୍ଷଣଯନ୍ତ୍ରୀ, ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟାଳୟ ସମୟରେ ପାଇପାରିବେ । **୧୨. ଦୋକାନ ଆବଣ୍ଟନ ପ୍ରକ୍ରିୟା ପାଇଁ ଆହ୍ୱାନ କରିଥିବା ଅଧିକାରୀଙ୍କ ନାମ ଓ ଠିକଣା:–** ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିର, ଓଡ଼ିଶା, ପିନକୋଡ–୭୬୭୦୦୨, Email ID:lsrrcbdbgr@gmail.com.

OIPR-32182/11/0001/2526 **ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିର**

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବିସ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାଲ୍‌କୋ ଆର୍ଥିକ ଫଳାଫଳରେ ସର୍ବବୃହତ୍ ରେକର୍ଡ

**ଭୁବନେଶ୍ୱର,୨୧।୫: (ଅଭୟ ଦାଶ)**

- ୨୦୨୪-୨୫ ଆର୍ଥିକ ବର୍ଷରେ ୫,୩୨୫ କୋଟିର ନେଟ୍ ଲାଭ
- ୧୬,୭୮୮ କୋଟିର ବ୍ୟବସାୟ
- ୪ର୍ଥ ତ୍ରୈମାସିକରେ ୨,୦୭୮ କୋଟିର ନେଟ୍ ଲାଭ

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଏବଂ ଚତୁର୍ଥ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏହି ଫଳାଫଳରେ କମ୍ପାନୀ ସର୍ବକାଳୀନ ସର୍ବାଧିକ ନେଟ୍ ଲାଭ ଅର୍ଜନ କରିବାର ରେକର୍ଡ ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ ନାଲ୍‌କୋ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନେଟ୍ ଲାଭକରି ଏକ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ନେଟ୍ ଲାଭ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୫୮%ବୃଦ୍ଧି ପାଇଛି। ଏଥି ସହ ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ସର୍ବକାଳୀନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି। ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନେଟ୍ ଲାଭରେ ୧୦୫% ଅଭିବୃଦ୍ଧି ଘଟି ସର୍ବକାଳୀନ ସର୍ବାଧିକ ୨,୦୭୮ କୋଟି ଟଙ୍କା ହୋଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ନେଟ୍ ଲାଭ ୧୦୧୬ କୋଟି ଟଙ୍କା ଥିଲା। ସେହିପରି ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୫,୨୬୮ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ ବିଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଏହି ପରିମାଣ ୩,୫୭୯ କୋଟି ଟଙ୍କା ଥିଲା।



ବ୍ରିଜେନ୍ଦ୍ର ପ୍ରତାପ ସିଂହ

ଆଲୁମିନା ଓ ଆଲୁମିନିୟମ ଦରରେ ବୃଦ୍ଧି ତଥା କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ବିଭିନ୍ନ ସଂପ୍ରସାରଣ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଦ୍ୱାରା ନାଲ୍‌କୋ ଏହାର ସମସ୍ତ ବ୍ୟବସାୟିକ ୟୁନିଟ୍‌ରେ ତଥା ଲାଭ ଅର୍ଜନ କ୍ଷେତ୍ରରେ ଆଶାତୀତ ଅଭିବୃଦ୍ଧି ହାସଲ କରିଛି।

ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ନାଲ୍‌କୋ ସର୍ବକାଳୀନ ସର୍ବାଧିକ ୭୬.୪୮ ଲକ୍ଷ ଟନ ବକ୍ସାଇଟ୍ ଉତ୍ତୋଳନ କରିବା ସହ ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ୪.୫୫ ଲକ୍ଷ ଟନ ଧାତୁ ବିକ୍ରୟ କରିଛି।

ଏ ସମ୍ପର୍କରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ଏବଂ ଚତୁର୍ଥ ତ୍ରୈମାସିକରେ କମ୍ପାନୀର ଉଲ୍ଲେଖନୀୟ ପ୍ରଦର୍ଶନ କର୍ମଚାରୀଙ୍କ ପ୍ରତିବଦ୍ଧତାର ପ୍ରତିଫଳନ । ନାଲ୍‌କୋ ଏହାର ଦୃଢ଼ ଆର୍ଥିକ ପ୍ରଦର୍ଶନ ଏବଂ ବ୍ୟବସାୟିକ ଅଭିବୃଦ୍ଧି ବଳରେ ଆଜିର ପ୍ରଭାବଶୀଳ ବଜାର ପରିବେଶରେ ପ୍ରତିଯୋଗିତାମୂଳକ ମୂଲ୍ୟ ବଜାୟ ରଖିବାରେ ସଫଳ ହୋଇପାରିଛି।

ସୁଦକ୍ଷ କର୍ମଚାରୀ ତଥା କାର୍ଯ୍ୟାନ୍ୱୟନ ଶୈଳୀରେ ଉନ୍ନତି ଫଳରେ କମ୍ପାନୀ ଆଗକୁ ବଢ଼ି ପାରିଛି,ଆଲୁମିନିୟମର ମୂଲ୍ୟ ତଥା ନିରନ୍ତର ଚାହିଦା ବୃଦ୍ଧି ସହ ନାଲ୍‌କୋ ଏହାର ଅଭିବୃଦ୍ଧି ବଜାୟ ରଖିବା ନିମନ୍ତେ ପ୍ରସ୍ତୁତ ରହିଛି।

ଆଲୁମିନା ରିଫାଇନେରିର ପଞ୍ଚମ ଷ୍ଟ୍ରିମ ସମ୍ପ୍ରସାରଣ, ପୋଟାଙ୍ଗି ବକ୍ସାଇଟ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍ଟର ପ୍ଲାଣ୍ଟ ଏବଂ କ୍ୟାପଟିଭ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ମାଧମରେ କମ୍ପାନୀର ଦୀର୍ଘକାଳୀନ ଅଭିବୃଦ୍ଧି ନିମନ୍ତେ ପ୍ରତିବଦ୍ଧତାକୁ ସିଂହ ଗୁରୁତ୍ୱାରୋପ କରିଥିଲେ।

# ଗୁଗଲ ସହ ଭାରତୀ ଏୟାରଟେଲ୍‌ର ସହଭାଗିତା

**ଭୁବନେଶ୍ୱର,୨୧।୫**

ବୈଶ୍ୱିକ କମ୍ପାନୀ ତଥା ସର୍ଚ୍ଚ ପ୍ଲାଟ୍‌ଫର୍ମ ଗୁଗଲ ଏବଂ ଭାରତୀ ଏୟାରଟେଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା (ବୁଝାମଣା) ସ୍ଥାପନ ହୋଇଛି। ଏହି ସହଭାଗିତା ଏୟାରଟେଲ୍ ଗ୍ରାହକଙ୍କୁ ଏକ ଆକର୍ଷଣୀୟ ଗୁଗଲ୍ ୱାନ୍ କ୍ଲାଉଡ୍ ଷ୍ଟୋରେଜ୍ ସେବା ପ୍ରଦାନ କରିବ। ଏହା ଫଳରେ ଡିଭାଇସ୍ ଷ୍ଟୋରେଜ୍‌ରେ ସୀମିତ ରହିଯିବାର ଯେଉଁ ଆହ୍ୱାନ ରହିଛି, ତା'ର ଏହା ସମାଧାନ କରିବ। ସମସ୍ତ ପୋଷ୍ଟପେଡ୍ ଏବଂ ୱାଇ-ଫାଇ ଗ୍ରାହକଙ୍କୁ ୬ମାସ ପାଇଁ ୧୦୦ ଜିବି ଗୁଗଲ୍ ୱାନ୍ କ୍ଲାଉଡ୍ ଷ୍ଟୋରେଜ୍ ଅତିରିକ୍ତ ଖର୍ଚ୍ଚ ବିନା ମିଳିବ। ଏପରିକି ସେମାନେ ଏହି ଷ୍ଟୋରେଜ୍‌କୁ ଅନ୍ୟ ୫ଜଣଙ୍କ ସହିତ ବାଣ୍ଟିପାରିବେ। ଏହି ସହଭାଗିତା ଫଳରେ ଗ୍ରାହକମାନେ ସାମ୍ନା କରୁଥିବା ବର୍ଦ୍ଧିତ ଡାଟା ଷ୍ଟୋରେଜ୍ ସମସ୍ୟାକୁ ସମାଧାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ମାର୍କେଟିଂ ନିର୍ଦ୍ଦେଶକ ଏବଂ ସିଇଓ (କନେକ୍ଟେଡ୍ ହୋମ୍ସ) ସିଦ୍ଧାର୍ଥ ଶର୍ମା କହିଛନ୍ତି, ସ୍ମାର୍ଟଫୋନ୍ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସୂଚନା ପରିଚାଳନା ପାଇଁ ମୁଖ୍ୟ ଡିଭାଇସ୍ ହୋଇଥିବାରୁ ଉପଭୋକ୍ତାମାନଙ୍କ ପାଇଁ ଷ୍ଟୋରେଜ୍ ଏକ ବଡ଼ ଚିନ୍ତାର ବିଷୟ ହୋଇଛି। ଏହି ସହଭାଗିତା ଆମର ପୋଷ୍ଟପେଡ୍ ଏବଂ ୱାଇ-ଫାଇ ଗ୍ରାହକଙ୍କୁ ଅତିରିକ୍ତ ୧୦୦ ଜିବି ଷ୍ଟୋରେଜ୍ ପ୍ରଦାନ କରିବ। ଗୁଗଲ୍‌ର ଭାଇସ୍ ପ୍ରେସିଡେଣ୍ଟ, ପ୍ଲାଟ୍‌ଫର୍ମସ ଏବଂ ଡିଭାଇସେସ୍ ପାର୍ଟନରଶିପ୍, ଏପିଏସି କାରେନ୍ ଟିଓ କହିଛନ୍ତି, ଆମେ ଭାରତର ଲକ୍ଷାଧିକ ଲୋକଙ୍କୁ ଗୁଗଲ୍ ୱାନ୍ ପ୍ରଦାନ କରିବା ପାଇଁ ଏୟାରଟେଲ୍ ସହ ସହଭାଗିତା କରି ଖୁସି ଅଛୁ।

# ସିରିଜ୍ ବି ଜରିଆରେ ପାଣ୍ଠି ସଂଗ୍ରହ

**ଭୁବନେଶ୍ୱର,୨୧।୫**

ଦେଶର ପ୍ରଥମ ହାଇବ୍ରିଡ୍ ହେଲ୍‌ଥ ପ୍ଲାଟ୍‌ଫର୍ମ କ୍ୟୁରୋବେ ନିକଟରେ ୨୧ନିୟୁତ ଡଲାର ପାଣ୍ଠି ସଂଗ୍ରହ କରିଛି। ଏପରିକି ବ୍ରେଟଲସମ୍ୟାନ ଇଣ୍ଡିଆ ଇନ୍‌ଭେଷ୍ଟମେଣ୍ଟ ନେତୃତ୍ୱାଧୀନ ଏହାର ସିରିଜ୍ ବି ପାଣ୍ଠି ରାଉଣ୍ଡରେ କମ୍ପାନୀ ୨୧ ନିୟୁତ ଡଲାର ହାସଲ କରିଛି। ବିଶେଷକରି ଏହା ଗ୍ରାମୀଣ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ସଂସ୍ଥା ଓ କ୍ୟୁରୋବେ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଲଟିଛି। ଏ ସମ୍ପର୍କରେ କ୍ୟୁରୋବେର ପ୍ରତିଷ୍ଠାତା ତଥା ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, କ୍ୟୁରୋବେରେ ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦେଉଛୁ। ଏହା କେବଳ ଏକ ପାଣ୍ଠି ସଂଗ୍ରହ ନୁହେଁ,ଏହା ଗ୍ରାମୀଣ ସ୍ୱାସ୍ଥ୍ୟସେବା ଲାଗି ଭାରତର ବିଶ୍ୱାସ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଏକ ଆଦେଶ ଭାବେ କାର୍ଯ୍ୟ କରୁଛି। ବର୍ତ୍ତମାନ ୧୫୦ରୁ ଅଧିକ ଇ କ୍ଲିନିକ ଓ ୧୦୦୦ ରୁ ଅଧିକ ସ୍ୱାସ୍ଥ୍ୟମିତ୍ରଙ୍କ ଏକ ସକ୍ରିୟ ନେଟ୍‌ୱର୍କ ସହ କାର୍ଯ୍ୟ କରୁଛି।


**Happy Birthday**






Bismaya Ranjan Mohanty
Padanipal, Kendrapara
Wishing you a day filled with joy, laughter, and unforgetable moments. May this year bring you all the happiness and success you deserve.
**Special wishes from:**
Jeje, Maa, Papa, Mama
D-650


# ଶାହରୁଖ କ୍ୟାଣ୍ଡିୟରର ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର,୨୧।୫**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା କଲ୍ୟାଣ ଜୁଏଲର୍ସର ଲାଇଫଷ୍ଟାଇଲ୍ ଗହଣା ବ୍ରାଣ୍ଡ୍ କ୍ୟାଣ୍ଡିୟରର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କୁ ନିଯୁକ୍ତ କରାଯାଇଛି। ବିଶେଷକରି ବିଶ୍ୱସ୍ତରରେ ପରିଚୟ ଓ ଅସୀମ ଆକର୍ଷଣ ପାଇଁ ପରିଚିତ ଶାହରୁଖ କ୍ୟାଣ୍ଡିୟରର ଲକ୍ଷ୍ୟ ସହ ଉପଯୁକ୍ତ ଭାବେ ଖାପଖାଉଛନ୍ତି। ଏପରିକି ଭାରତର ସବୁ ବୟସ ବର୍ଗର ଦର୍ଶକଙ୍କ ସହ ସେ ଗଭୀର ଭାବେ ଯୋଡ଼ିହୋଇ ରହିଥିବାବେଳେ ତାଙ୍କୁ କ୍ୟାଣ୍ଡିୟରର ମଲ୍ଟିମିଡିଆ ଅଭିଯାନ, ଡିଜିଟାଲ, ଟିଭି, ପ୍ରିଣ୍ଟ(ଛାପା) ଏବଂ ଷ୍ଟୋର ଭିତର ଅନୁଭୂତି ଆଦିରେ ସ୍ଥାନିତ କରାଯିବ। ଏ ସମ୍ପର୍କରେ କ୍ୟାଣ୍ଡିୟରର ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଭାରତୀୟ ଗହଣା ଶିଳ୍ପ ବିଭିନ୍ନ ବର୍ଗରେ ପରିବର୍ତ୍ତନ ଦେଇ ଗତି କରୁଥିବା ବେଳେ ଗ୍ରାହକମାନେ ଏଭଳି ଗହଣା ଚାହୁଁଛନ୍ତି, ଯାହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଥିବ ଏବଂ ସେମାନଙ୍କ ଜୀବନଶୈଳୀ





ଓ ସ୍ୱତନ୍ତ୍ର ଅବସରର ଆବଶ୍ୟକତା ସହ ଖାପଖାଉଥିବ। ସେହି ପରିବର୍ତ୍ତନକୁ ନଜରରେ ରଖି କ୍ୟାଣ୍ଡିୟରକୁ ପ୍ରସ୍ତୁତ କରାଯାଇଛି। ବିଶେଷକରି ଯେଉଁମାନେ ହୃଦୟରେ ଜେନ୍ ଜି ପିଢ଼ିର ଯଥା ନିଜକୁ ପରିପ୍ରକଶ କରୁଥିବା, ବ୍ୟକ୍ତିବିଶେଷ ଏବ ଡିଜିଟାଲରେ ଯୋଡ଼ି ହେଉଥିବା ପିଢ଼ି। ଶାହରୁଖଙ୍କଠାରେ ଆମେ ସେହିସବୁ ଗୁଣ ଯଥା ସାଂସ୍କୃତିକ ସମ୍ପର୍କ, ଅସୀମ ଆକର୍ଷଣ ଓ ଆବେଗିକ ସଂଯୋଗ ପାଇଛୁ, ଯେଉଁଥିପାଇଁ ଆମେ ପରିଚିତ। ସେ ପିଢ଼ି ପିଢ଼ି ଧରି ରହିଥିବା ଅନ୍ତରର ସେତୁ ହୋଇଥିବାବେଳେ ଆଜିର ଦର୍ଶକଙ୍କ ପାଇଁ ଶକ୍ତିଶାଳୀ ଭାବେ ପ୍ରାସଙ୍ଗିକ ରହିଛନ୍ତି। କ୍ୟାଣ୍ଡିୟରର ଗହଣାଗୁଡ଼ିକ କେବଳ ପରିଧାନ ନୁହେଁ- ତାହା ପରିଚୟ ଓ ଉଦ୍ଦେଶ୍ୟର ଅର୍ଥପୂର୍ଣ୍ଣ ଓ ବ୍ୟକ୍ତିଗତ ପରିପ୍ରକାଶକୁ ନେଇ ଆମର ଯେଉଁ ଚିନ୍ତାଧାରା ରହିଛି ତାହାକୁ ସାକାର କରିବାରେ ଶାହରୁଖଙ୍କ ଉପସ୍ଥିତି ସହାୟକ ହେବ। ସେହିଭଳି ଶାହରୁଖ ଖାନ୍ କହିଛନ୍ତି, ଗହଣା ସର୍ବଦା ଭଲ ପାଇବା, ସମୃଦ୍ଧି ଓ ପରିଚୟର ଏକ ଶକ୍ତିଶାଳୀ ପରିପ୍ରକାଶ ହୋଇ ରହିଆସିଛି। କଲ୍ୟାଣ ଜୁଏଲର୍ସର ବ୍ରାଣ୍ଡ୍ କ୍ୟାଣ୍ଡିୟର ସହିତ ସହଯୋଗିତା ସ୍ଥାପନ କରି ମୁଁ ବେଶ୍ ଉତ୍ସାହିତ ଅଛି, ଯାହା ଲୋକମାନେ ଆଜିର ଦିନରେ ଗହଣାକୁ କିଭଳି ପିନ୍ଧୁଛନ୍ତି ଓ ଉପହାର ଦେଉଛନ୍ତି, ତାହାକୁ ଏକ ଆଧୁନିକ ଓ ସତେଜ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି। ଏହା ହେଉଛି ଆକର୍ଷଣୀୟ, ପ୍ରାସଙ୍ଗିକ ଏବଂ ସେମାନଙ୍କ ସହ କଥା ହେଉଛି ଯେଉଁମାନେ ପ୍ରତି ମୁହୂର୍ତ୍ତର ଅର୍ଥକୁ ପାଳନ କରୁଛନ୍ତି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୧।୫**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୧୦ (୪୧୦.୧୯) ପଏଣ୍ଟ ବୃଦ୍ଧି ଘଟି ୮୧,୫୯୭ (୮୧,୫୯୬.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨୯(୧୨୯.୫୫) ପଏଣ୍ଟ ବଢ଼ି ୨୪,୮୧୩ (୨୪,୮୧୩.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## ମନେ ପଡ଼ନ୍ତି

**2nd Death Anniversary**



Late Raja Kishore Patnaik
DOB- 22.11.1928
DOD- 14.05.2023
*The part of our lives, when you were with us was like a tiger was there to lead us. The chair may be empty now, your voice is echoing in and around.*
*In remembrance- Family and relatives.*
D-648



# Classified Everyday

**0674-2580101, 9692975378**






## REAL ESTATE

### SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535





**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76914

## LOST

Sworn before the Executive Magistrate, Birmaharajpur, dt- 29.07.2024, by the affidavit I, Birakishor Karmi, S/o- Dasharatha Karmi, P.O.- S. Mahada, Dist.- Subarnapur, declared that the ROR of holding No.- 84 of Mouza Bhudobar of 5th settlement is stand recorded in my father name was lost. Inspitre of my several effort I am unable to trace out. D-651

## AFFIDAVIT

By virtue an of affidavit sworn before Notary Public, Bhubaneswar, dated 14 May 2025, I, Bireswar Sahoo, Address: Plot No.- 353, Brahmeswar Lane, Rasulgarh, P.O.- GGP, P.S.- Mancheswar, Bhubaneswar- 751025, Dist.- Khordha declare that I have changed my son's name from Bratindra Sahoo to Batindra Sahoo. Henceforth, he shall be known as Batindra Sahoo for all purposes.
Bireswar Sahoo
D-647

By virtue of an affidavit sworn before Executive Magistrate, Begunia, dtd. 15.5.2025, I, Alok Behera (42yrs.) new name, S/o- Pitabasa Behera, At- Radhakantapur, P.O.-Chakapada, PIN- 752062, P.S.- Begunia, Khordha declared that I have changed my name from Aloka Behera to Alok Behera. Henceforth, he shall be known as new name Alok Behera for all purposes. D-654

By virtue of an affidavit sworn before Notary Public, Bhubaneswar, dated- 21.05.2025, I, Deepak Ranjan Mishra,At- Balipatana, Budhangadeuli, P.O./ P.S.- Balipatana, District.- Khurda, PIN- 752102, Odisha declare that I have changed my daughter's name from Akanksha Mishra to Akankshya Mishra. Henceforth, she shall be known as Akankshya Mishra for all purposes.
Deepak Ranjan Mishra
D-652

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Kailash Rout, aged about 42 years, S/o- Late Kapila Rout, At- Nalakani, P.O.- Singhipur, Nalakani, P.S.- Kujang, Dist.- Jagatsinghpur, PIN- 754141, by virtue of affidavit before the Executive Magistrate, Erasama on dt- 27.11.24 declare that I was the natural son of Pradip Behera, S/o- Panchanan Behera, At- Arakhia, P.O.- Balia, P.S.- Kujang, Dist.- Jagatsinghpur and was adopted by Late Kapila Rout, At- Nalakani, P.O.- Singhipur, Nalakani, P.S.-Kujang, Dist.- Jagatsinghpur since my childhood. So in the aforesaid Address I Kailash Rout is one and there is no other person in my identity. My voter ID number is DCX1751742.
Kailsh Rout
D-653

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ
ଆଇ.ଏ. କେସ୍ ନଂ- ୨୭/୨୦୨୨
ରଜନୀ ପ୍ରଧାନ
.... ବାଦୀ
ବନାମ
ରମେଶ ପ୍ରଧାନ ଏବଂ ଅନ୍ୟମାନେ
.... ପ୍ରତିବାଦୀ
ପ୍ରାପ୍ତେଷୁ
କ୍ରମିକ ନଂ ୧. ପ୍ରଫୁଲ୍ଲ କୁମାର ସାହୁ, ବୟସ-୬୩ ବର୍ଷ, ସ୍ୱର୍ଗତ- ବିମ୍ବାଧର ସାହୁ, ବଗିଚା ସାହି (ବୌଦ୍ଧ ଟାଉନ୍), ବୌଦ୍ଧ, ଥାନା/ଜି- ବୌଦ୍ଧ, ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ କେସ୍ ନଂ- ୨୭/୨୦୨୨ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ୍ ପ୍ରେରଣ କରାଗଲେ ମଧ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. 19 ରିଖ June ମାସ ୨୦୨୫ଘ. 10.30 A.M. ମି. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ସ୍ୱାକ୍ଷର
ସିଭିଲ ଜଜ୍ (ସିନିୟର ଡିଭିଜନ)
ବୌଦ୍ଧ
ଧ-୬୪୪

I.R. No.- 634
Date- 23.04.2025
ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀ ପ୍ରଦୀପ କୁମାର ନାୟକ)ଙ୍କ ଅଦାଲତ ନଂ.-୨ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଆର୍. ପି. କେସ୍ ନଂ.- ୫୪୦/୨୦୧୪ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ନୋଟିସ
(ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମୁତାବକ)
ନନ୍ଦ କିଶୋର ନାୟକ, ପି- ୰ଧ୍ରୁବ ନାୟକ, ସା/ପୋ- ଅରଗୁଳ, ଥାନା- ଜଟଣୀ, ଜି- ଖୋର୍ଦ୍ଧା
....ବାଦୀ
ବନାମ
୨- ଟୁନି ନାୟକ, ପି- ୰ବୁଧି ଦିହୁଡ଼ି, ସ୍ୱାମୀ- ବୃନ୍ଦାବନ ନାୟକ, ସା/ପୋ- ଘାଟିକିଆ, ଥା- ଖଣ୍ଡଗିରି, ଭୁବନେଶ୍ୱର, ଜି- ଖୋର୍ଦ୍ଧା
....ପ୍ରତିବାଦୀ
ଏତ ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧମରେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦାଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଛନ୍ତି। ଉକ୍ତ ପ୍ରତିବାଦୀଙ୍କୁ ପୁଞ୍ଜୀକୃତ ଡାକଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ନୋଟିସ ଜାରି ନ ହୋଇ ଫେରିଆସିଛି। ଇତିମଧରେ ଉକ୍ତ କେସର ଶୁଣାଣି ଆସନ୍ତା ତା- ୦୩।୦୬।୨୦୨୫ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଛି। ଜମିର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା।
ଜମି ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଘାଟିକିଆ
ସାବିକ- ଖାତା ନଂ.- ୩୯୪, ପ୍ଲଟ୍ ନଂ.- ୧୦୧୨, ଏ୦.୧୧୦ଡି ସ୍ୱଧରୁ ଏ୦.୦୨୫ଡି, ସାବିକ ଖାତା ନଂ. ୧୨୨ ପ୍ଲଟ୍ ନଂ. ୧୦୧୩ ଏ୦.୦୪୭ଡି ସ୍ୱଧରୁ ଏ୦.୦୧୫ଡି., ସ୍ୱତ୍ୱ- ସ୍ଥିତିବାନ୍, ସ୍ଥିତିବାନ୍,
ହାଲ୍- ଖାତା ନଂ.- ୬୬୬, ପ୍ଲଟ୍ ନଂ.- ୪୭୮୩, ରକବା- ଏ୦.୦୩୦ ଡି., ସ୍ୱତ୍ୱ- ସ୍ଥିତିବାନ୍, ସ୍ଥିତିବାନ୍,
ଏଣୁ ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣକରି ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୬୪୯

## ୨ ଚାଳକ ଗିରଫ, ୨ ବାଇକ୍ ଜବତ

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ପୋଲିସ ପକ୍ଷରୁ ବଇଣ୍ଡାଠାରେ ମଙ୍ଗଳବାର ରାତିରେ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ରେଢ଼ାଖୋଲ ଥାନା ଶିମିଳିପଡା ଗ୍ରାମର କୁଲୁ ନାୟକଙ୍କୁ ଗିରଫ କରାଯିବା ସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ସେହିପରି ଅନୁଗୋଳ ଅଞ୍ଚଳର ବୁଲୁ ପ୍ରଧାନଙ୍କୁ ଗିରଫ କରାଯିବା ତାଙ୍କ ବାଇକ୍‌କୁ ଜବତ କରାଯାଇଛି।

# ବିଜ୍ଞାନରେ ଜିଲ୍ଲାକୁ ୮୬.୨୧% ସଫଳତା

**ଯୁକ୍ତ ୨ ପରୀକ୍ଷା ଫଳ**

■କଳାରେ ୭୯.୧୩%, ବାଣିଜ୍ୟରେ ୭୧.୬୩% ପ୍ରତିଶତ ପାସ୍

ଅନୁଗୋଳ,୨୧।୫(ମାନସ ବିଶ୍ୱାଳ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଅନୁଗୋଳ ଜିଲାରେ ଥିବା ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ, ଭୋକେଶନାଲ କଲେଜ, ଆଦର୍ଶ ବିଦ୍ୟାଳୟ ଆଦି ମୋଟ ୮୪ଟି ଯୁକ୍ତ ୨ କଲେଜର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବିଜ୍ଞାନରେ ସର୍ବାଧିକ ୮୬.୨୧% ଛାତ୍ରୀଛାତ୍ର ପାସ୍ କରିଛନ୍ତି। କଳାରେ ୭୯.୧୩%, ବାଣିଜ୍ୟରେ ୭୧.୬୩% ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ଭୋକେଶନାଲରେ ୭୧.୪୨ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

ଯୁକ୍ତ ୨ କଳାରେ ଜିଲାରୁ ମୋଟ ୬୧୮୨ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମଫିଲପ କରିଥିବା ବେଳେ ୬୦୯୧ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୬୬ ଜଣ ପ୍ରଥମ ଶ୍ରେଣୀରେ, ୮୨୫ ଦ୍ୱିତୀୟ ଓ ୩୧୨୮ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କମ୍ପାର୍ଟମେଣ୍ଟରେ ଜଣଙ୍କୁ ମିଶାଇ କଳାରେ ମୋଟ ୪୮୨୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞନ ପାଠ୍ୟକ୍ରମରେ ଜିଲାରୁ ମୋଟ ୩୭୩୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମଫିଲପ କରିଥିବା ବେଳେ ୩୭୧୪ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୭୪୯ ଜଣ ପ୍ରଥମ ଶ୍ରେଣୀରେ, ୮୯୩ ଦ୍ୱିତୀୟ ଶ୍ରେଣୀ, ୪୯୩ ଜଣ ତୃତୀୟ ଶ୍ରେଣୀ ଓ ୬୭ ଜଣ କମ୍ପାର୍ଟମେଣ୍ଟଙ୍କୁ ମିଶାଇ ମୋଟ ୩୨୦୨ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବାଣିଜ୍ୟ ପାଠ୍ୟକ୍ରମରେ ଜିଲାରୁ ମୋଟ ୪୯୩ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମଫିଲପ କରିଥିବାବେଳେ ୪୭୬ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୮ ଜଣ ପ୍ରଥମ ଶ୍ରେଣୀରେ, ୬୭ ଜଣ ଦ୍ୱିତୀୟ ଶ୍ରେଣୀ, ୧୯୪ ଜଣ ତୃତୀୟ ଶ୍ରେଣୀ ଓ କମ୍ପାର୍ଟମେଣ୍ଟରେ ୨ ଜଣଙ୍କୁ ମିଶାଇ ମୋଟ ୩୪୧ ଜଣ ପାସ୍ କରିଛନ୍ତି। ଭୋକେଶନାଲ ପାଠ୍ୟକ୍ରମରେ ଜିଲାରୁ ୫୬ ଜଣ ପରୀକ୍ଷା ଦେବା ପାଇଁ ଫର୍ମଫିଲପ କରିଥିବାବେଳେ ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୭ ଜଣ ଦ୍ୱିତୀୟ ଓ ୧୦ଜଣ ତୃତୀୟ ଶ୍ରେଣୀରେ ପାସ୍‌ଙ୍କୁ ମିଶାଇ ମୋଟ ୫୭ ଜଣ ସଫଳତା ହାସଲ କରିଛନ୍ତି।

## ମା' ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା

ପବିତ୍ରନଗର,୨୧।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ପଞ୍ଚାୟତ ବିଲିଣ୍ଡା ଗ୍ରାମରେ ରାଜରାଜେଶ୍ୱରୀ ମା' ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ରବିବାର କଳସ ଯାତ୍ରା ସହ ଯଜ୍ଞସ୍ଥଳରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ହୋମ ଯଜ୍ଞ, ନାମ ସଂକୀର୍ତ୍ତନ, ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ କୁମାର ପାଲ, ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଓ ସରପଞ୍ଚ ଜିତେନ୍ଦ୍ର ବେହେରା ସକ୍ରିୟ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର କମିଟି, ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ଭକ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

# ନାଲ୍‌କୋ ଏସ୍‌ଭିଏମ୍‌ରେ ଶତପ୍ରତିଶତ ପାସ୍



**ବିଜ୍ଞାନରେ ସୁନୀଲ, କଳାରେ ପ୍ରିୟଦର୍ଶିନୀ ପ୍ରଥମ**

ବଆଁରପାଳ,୨୧।୫ (ସୁବାସ ସାହୁ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାରେ ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରର ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଚଳିତବର୍ଷ ବିଜ୍ଞାନରେ ସମୁଦାୟ ୪୪ଜଣ ପରୀକ୍ଷା ଦେଇଥିବା ବେଳେ ୩୯ଜଣ ପ୍ରଥମ ଶ୍ରେଣୀରେ ଓ ୫ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁନୀଲ ଚନ୍ଦ୍ର ଦୀକ୍ଷିତ ୬୦୦ରୁ ୫୫୬ ନମ୍ବର ରଖି ସ୍କୁଲରେ ପ୍ରଥମ ହୋଇଛନ୍ତି। ପ୍ରୀତି ରଞ୍ଜନ ସାହୁ ୫୫୫ ନମ୍ବର ରଖି ଦ୍ୱିତୀୟ ଓ ଅଜିତ କୁମାର ସାହୁ ୫୪୯ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଳାରେ ସମସ୍ତ ୮୯ଜଣ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ୩୨ଜଣ ପ୍ରଥମ ଶ୍ରେଣୀରେ, ୩୩ ଜଣ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ୨୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରିୟଦର୍ଶିନୀ ଦାସ ୫୧୦ ନମ୍ବର ରଖି ପ୍ରଥମ, ମନସ୍ୱିନୀ ସାହୁ ୫୦୧ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ସୌମ୍ୟ ସୁଚରିତା ନାଥ ୪୭୯ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି ବୋଲି ସ୍କୁଲ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା ଓ ଶିକ୍ଷକ ସୁରେନ୍ଦ୍ର ପାଢ଼ୀ, ସତ୍ୟବାଦୀ ସାହୁ, ସୁଶାନ୍ତ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଚାରାରୋପଣ ପାଇଁ ଏସ୍‌ଏଚ୍‌ଜି ଚୟନ ବୈଠକ

ଆଠମଲ୍ଲିକ,୨୧।୫(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରର ବିଭିନ୍ନ ଅଞ୍ଚଳରେ ଚାରାରୋପଣର ଦାୟିତ୍ୱ ପ୍ରଦାନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ବୁଧବାର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅମୃତ ୨.୦ ଯୋଜନାରେ ସହର ମଧ୍ୟରେ ଖାଲିଥିବା ସରକାରୀ ଜାଗାରେ ବିଭିନ୍ନ ଦରକାରୀ ଚାରା ବ୍ୟାପକ ଭାବରେ ଲଗାଯାଇ ରକ୍ଷଣାବେକ୍ଷଣା କରାଯିବାର ବ୍ୟବସ୍ଥା ରହିଛି। ଏହି ବୈଠକରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିବା ବେଳେ ସେଥିମଧ୍ୟରୁ ୧୨ଟି ଗୋଷ୍ଠୀକୁ ଚୟନ କରାଯାଇଥିବା ବେଳେ ପ୍ରଥମ ଦଫାରେ ୫ଟି ଗୋଷ୍ଠୀକୁ ଦାୟିତ୍ୱ ଦିଆଯିବ। ଆସନ୍ତା ଜୁନ ୩ ତାରିଖ ମଧ୍ୟରେ ଜାଗା ଚିହ୍ନଟ କରାଯିବ ବୋଲି ନିର୍ବାହୀ ଅଧିକାରୀ ଚନ୍ଦ୍ର ଶେଖର ବେହେରା ସୂଚନା ଦେଇଛନ୍ତି। ଏହି ଚୟନ ବୈଠକରେ ନିର୍ବାହୀ ଅଧିକାରୀ ବେହେରା, କନିଷ୍ଠ ଯନ୍ତ୍ରୀ ଦୁର୍ଗା ପଟ୍ଟନାୟକ, ସିଇଓ ସଙ୍ଗୀତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଛେଣ୍ଡିପଦାରେ ଧୁମଧାମରେ ଚନ୍ଦନଯାତ୍ରା ପାଳିତ



ଛେଣ୍ଡିପଦା,୨୧।୫(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ମଙ୍ଗଳବାର ଚନ୍ଦନଯାତ୍ରା ପାଳିତ ହୋଇଯାଇଛି। ଛେଣ୍ଡିପଦା ଗ୍ରାମବାସୀଙ୍କ ସହଯୋଗରେ ଏହି ଯାତ୍ରାରେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ରାତ୍ରିରେ ମନ୍ଦିରରୁ ରାଧାକୃଷ୍ଣଙ୍କୁ ଦୋଳିରେ ସଂକୀର୍ତ୍ତନ ମଣ୍ଡଳୀ ଓ ପାଟପଟୁଆର ସହ ନିଆଯାଇ ଗ୍ରାମ ପରିକ୍ରମା ପରେ ଦେଉଳ ବନ୍ଧରେ ଚାପଖେଳ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ ବେହେରାବୃନ୍ଦ ଯାତ୍ରା ପରିଚାଳନା କରିଥିଲେ। ବଜାର ସମେତ ଯାତ୍ରା ପଡିଆ ରଙ୍ଗବେରଙ୍ଗର ଉଜ୍ଜ୍ୱଳ ଆଲୋକରେ ଝଲସୁଥିବାବେଳେ ବହୁ ରକମର ଅସ୍ଥାୟୀ ଦୋକାନ ଓ ମିନାବଜାର ଖୋଲାଯାଇଥିଲା। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯାଉଥଲା। ଯାତ୍ରା କମିଟି ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିବସରେ କଣ୍ଠଶିଳ୍ପୀ ରୁକୁ ସୁନାଙ୍କ ଗୀତରେ ଦର୍ଶକ ଝୁମିଉଠିଥିବା ଦେଖାଯାଇଥିଲା। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ଚାପ ଖେଳ, ମୀନା ବଜାର ଆଦି ବୁଲି ଦେଖିଥିଲେ।

# ଆଖୁପେଡ଼ା ମେଶିନ୍‌ରେ ହାତ ପଶି ବ୍ୟବସାୟୀ ଗୁରୁତର

ଛେଣ୍ଡିପଦା,୨୧।୫(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମଝିବଜାରରେ ବୁଧବାର ଆଖୁ ପେଡ଼ିବାବେଳେ ମେଶିନରେ ହାତ ପଶି ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀ ଜଣକ ହେଲେ ଜରପଡ଼ା ଥାନା କୋରଡ଼ା ଗାଁର ଅମୂଲ୍ୟ ସାହୁ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଦୀର୍ଘ ଏକ ଘଣ୍ଟାର ପରିଶ୍ରମ କରି ବ୍ୟବସାୟୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ସୂଚନା ଅନୁଯାୟୀ, ଛେଣ୍ଡିପଦାରେ ଚନ୍ଦନଯାତ୍ରା ଚାଲିଥିବାରୁ ଅମୂଲ୍ୟ ଆଖୁରସ ବ୍ୟବସାୟ କରିବା ପାଇଁ ଆସିଥିଲେ। ଆଖୁ ପେଡୁଥିବାବେଳେ ହଠାତ୍ ମେଶିନ ଭିତରେ ହାତ ପଶିଯାଇଥିଲା। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ମେଶିନକୁ ବନ୍ଦ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ଅଗ୍ନିଶମ କର୍ମଚାରୀମାନେ ବ୍ୟବସାୟୀଙ୍କୁ ଉଦ୍ଧାର କରୁଛନ୍ତି।

# ଯୁକ୍ତ ୨ ବିଜ୍ଞାନରେ ଅନନ୍ତ ଡିଏଭିର ସଫଳତା

ତାଳଚେର,୨୧।୫(ମନୋଜ ନନ୍ଦ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ତାଳଚେର ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନନ୍ତ ବିହାରର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ୪୦ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ନାଗେଶରୀ ସାହୁ ୮୩.୩୩ % ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଛାତ୍ର ସତ୍ୟଜିତ ଦାସ ୮୨.୫୦% ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଛାତ୍ରୀ ରାଜଶ୍ରୀ ପ୍ରଧାନ ୮୨% ନମ୍ବର ରଖି ତୃତୀୟ ସ୍ଥାନ ଲାଭ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ଛାତ୍ରୀଛାତ୍ରମାନଙ୍କ ସଫଳତାରେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବିଜ୍ଞାନରେ ଅର୍ଚ୍ଚିତା, କଳାରେ ବାବୁଶାନ ଶ୍ରେଷ୍ଠ

ଆଠମଲ୍ଲିକ,୨୧।୫(ଉଦୀପ୍ତ ପୁରୋହିତ)

**ଆଠମଲ୍ଲିକ କଲେଜ**



ଯୁକ୍ତ ୨ ବିଜ୍ଞାନ ଓ କଳା ଫଳାଫଳରେ ଆଠମଲ୍ଲିକ କଲେଜର ବିଜ୍ଞାନ ବିଭାଗରେ ଅର୍ଚ୍ଚିତା ବେହେରା ୪୭୧ ନମ୍ବର ଓ କଳା ବିଭାଗରେ ବାବୁଶାନ ପ୍ରଧାନ ୪୭୭ ନମ୍ବର ରଖି କଲେଜର ଟପ୍ପର ହୋଇଛନ୍ତି। ବିଜ୍ଞାନରେ ପରୀକ୍ଷା ଦେଇଥିବା ୪୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୯ ଜଣ ପାସ କରିଛନ୍ତି। କଳା ବିଭାଗରେ ୧୩୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ୮୩ ଜଣ ପାସ କରିଛନ୍ତି ବୋଲି କଲେଜ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ସୂଚନା ଦେଇଥିଲା ବେଳେ ସମ୍ପୂର୍ଣ୍ଣ ଫଳାଫଳ ହସ୍ତଗତ ହୋଇନାହିଁ ବୋଲି ପ୍ରକାଶ କରିଛନ୍ତି।

# ବିଶ୍ୱ ମହୁମାଛି ଦିବସ ପାଳିତ

ଅନୁଗୋଳ,୨୧।୫(ମାନସ ବିଶ୍ୱାଳ)

ଓଡ଼ିଶା କୃଷକ ସମନ୍ୱୟ ସମିତି ଏବଂ ଜୀବଜନ୍ତୁ କଲ୍ୟାଣ ପ୍ରତିଷ୍ଠାନ ତରଫରୁ ବିଶ୍ୱ ମହୁମାଛି ଦିବସ ଅନୁଗୋଳଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଅବୈତନିକ ଜୀବଜନ୍ତୁ କଲ୍ୟାଣ ଅଧିକାରୀ ରବୀନ୍ଦ୍ର ନାଥ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଶ୍ୱ ମହୁମାଛି ଦିବସ ଉପରେ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ 'ଆମ ସମସ୍ତଙ୍କୁ ପୋଷଣ ଦେବା ପାଇଁ ପ୍ରକୃତି ଦ୍ୱାରା ଅନୁପ୍ରାଣିତ ମହୁମାଛି' ଉପରେ ଆଲୋଚନା ହୋଇଥିଲା। ମହୁମାଛି ଏକ ଛୋଟ ପୋକ ହେଲେ ମଧ୍ୟ ପରିବେଶ ପାଇଁ ଅତି ଉପକାରୀ। ଉଦ୍ଭିଦର ପରାଗସଙ୍ଗମ ତଥା ପ୍ରକଳନ, ଖାଦ୍ୟ ନିରାପତ୍ତା, ନିରନ୍ତର କୃଷି, ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଜୈବବିବିଧତା ଏବଂ ପରିସଂସ୍ଥା ନିୟନ୍ତ୍ରଣ ଆଦି କ୍ଷେତ୍ରରେ ମହୁମାଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହାତୀ ଉପଦ୍ରବ ଅଞ୍ଚଳରେ ମହୁମାଛି ବସାକୁ ବାଡ଼ ରୂପେ ବ୍ୟବହାର କରାଯାଇପାରିବ। କୃଷିକ୍ଷେତ୍ର ଚାରିପାଖେ ମହୁବାକ୍ସଗୁଡିକ ରଖି ତାରଦ୍ୱାରା ବନ୍ଧାଯାଇଥାଏ। ହାତା ଏହି ତାର ସଂସ୍ପର୍ଶରେ ଆସିଲେ ମହୁମାଛି ବାହାରି ହାତୀ ଗରିପାଖେ ଘୂରି ବୁଲନ୍ତି ଓ ଏକ ଅଜବ ଧ୍ୱନି ସୃଷ୍ଟି କରିବା ସହ ହାତୀର କାନ ଓ ଶୁଣ୍ଢ ମଧ୍ୟରେ ପଶି ହାତୀକୁ ଆକ୍ରମଣ କରିଥାନ୍ତି। ଫଳରେ ହାତୀ ସେଠାକୁ ଆସେନାହିଁ ବୋଲି କାର୍ଯ୍ୟକ୍ରମରେ ଆଲୋଚନା ସହ ସଚେତନ କରାଯାଇଥିଲା।




# ଯୁବକଙ୍କୁ ହତ୍ୟା ଅଭିଯୋଗ

**ଟ୍ରେନ୍ ଲାଇନରୁ ମୃତଦେହ ଜବତ ଘଟଣା**

ବଇଣ୍ଡା,୨୧।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମ ରେଳଧାରଣାରୁ ମଙ୍ଗଳବାର ବଇଣ୍ଡା ରେଲୱେ ପୋଲିସ ପଦ୍ମପୁର ଗ୍ରାମର ନରେଶ ସ୍ୱାଇଁଙ୍କ ମୃତଦେହ ଜବତ କରିଥିଲା। ସେ ଅନୁଗୋଳରେ କାମ କରୁଥିବାବେଳେ ବଇଣ୍ଡା ଚନ୍ଦନଯାତ୍ରା ଦେଖିବାକୁ ଆସିଥିଲେ। ହେଲେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ କେତେଜଣ ଯୁବକ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାପାଇଁ ଶରଧାମୁଣ୍ଡା ରେଲୱେ ଧାରଣାରେ ପକାଇ ଦେଇଥିବା ନରେଶଙ୍କ ପରିବାର ଲୋକେ କହିଛନ୍ତି। ଏନେଇ ନରେଶଙ୍କ ପିତା ଅଲେଖ ସ୍ୱାଇଁ ତାଳଚେର ରେଲୱେ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପଦ୍ମପୁର ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ତାଳଚେର ରେଲୱେ ଥାନା ଅଧିକାରୀ ରୀତା ପ୍ରଧାନ କହିଛନ୍ତି।

# ଗଞ୍ଜେଇ ସହ ସ୍କୁଟି ଜବତ, ଦମ୍ପତି ଗିରଫ

ବଇଣ୍ଡା,୨୧।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ବଡ଼ହୁଲା ରାସ୍ତା ନିକଟରୁ ବୁଧବାର ଏକ ସ୍କୁଟି ସହ ଚୋରା ଗଞ୍ଜେଇକୁ ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତି ଅଭିଯୋଗରେ ଭଦ୍ରକ ଜିଲା ଧୁଷୁରି ଥାନା ବାମକୁରା ଗ୍ରାମର ଦମ୍ପତି ସନ୍ତୋଷ କୁମାର ଚାନ୍ଦ ଓ କିନଲତା ଚାନ୍ଦଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୬.୪ କେଜି ଗଞ୍ଜେଇ ଜବତ କରାଯାଇଛି। ସନ୍ତୋଷ ଓ କିନଲତା ସକାଳୁ ଫୁଲବାଣୀରୁ ସ୍କୁଟିରେ ଗଞ୍ଜେଇ ନେଇ ଭଦ୍ରକ ଯାଉଥିଲେ। ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ, ବଇଣ୍ଡା ଅବକାରୀ ଅଧିକାରୀ ମାଧବେଶ ମାରାଣ୍ଡି ଯାଞ୍ଚ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ବିଜ୍ଞାନରେ ସ୍ୱର୍ଣ୍ଣପ୍ରିୟା, କଳାରେ ସ୍ୱର୍ଣ୍ଣପ୍ରଭା ପ୍ରଥମ

ବନ୍ତଳା,୨୧।୫ (ସୁଶିତ ସାହୁ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ଓ କଳା ବାର୍ଷିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ବିଜ୍ଞାନ ଓ କଳାରେ ବନ୍ତଳା କଲେଜର ଫଳାଫଳ ବେଶ୍ ଭଲ ରହିଛି। ବିଜ୍ଞାନରେ ୬୮.୪୪% ଓ କଳାରେ ୮୫.୪୪ % ଛାତ୍ରୀଛାତ୍ର ପାସ୍ କରିଥିବା ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ବିଜ୍ଞାନରେ ସମୁଦାୟ ୧୮୦ ଜଣ ପରୀକ୍ଷା ଦେଇଥିବା ବେଳେ ୧୫୪ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେଥିମଧ୍ୟରୁ ୪୮ ଜଣ ପ୍ରଥମ ଶ୍ରେଣୀ, ୪୫ଜଣ ୨ୟ ଶ୍ରେଣୀ ଓ ୩୬ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କଳାରେ ୨୫୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୨ଜଣ ପାସ କରିଛନ୍ତି। ସେଥିମଧ୍ୟରୁ ୬୨ଜଣ ପ୍ରଥମ ଶ୍ରେଣୀ, ୩୯ ଜଣ ୨ୟ ଓ ୧୨୮ଜଣ ୩ୟ ଶ୍ରେଣୀରେ ରହିଛନ୍ତି। ବିଜ୍ଞାନରେ ସ୍ୱର୍ଣ୍ଣପ୍ରିୟା ନାଥ ୬୦୦ରୁ ୫୬୬ ନମ୍ବର ରଖି କଲେଜ ଟପ୍ପର ହୋଇଥିଲା ବେଳେ, କଳାରେ ସ୍ୱର୍ଣ୍ଣପ୍ରଭା ସାହୁ ୬୦୦ରୁ ୫୨୬ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନରେ ମୃଣାଳିନୀ ଦେହୁରୀ ୫୨୭ ନମ୍ବର ରଖି ୨ୟ ଓ ମୋନାଲିସା ପ୍ରଧାନ ୫୨୫ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। କଳାରେ ବର୍ଷା ସାହୁ ୫୨୬ ନମ୍ବର ରଖି ୨ୟ ଓ ମିନାକ୍ଷୀ ପ୍ରଧାନ ୫୧୩ ନମ୍ବର ରଖି ୩ୟ ସ୍ଥାନରେ ରହିଛନ୍ତି।

## ଆଈଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗ

ପବିତ୍ରନଗର,୨୧।୫(ନିରୋଜ ପ୍ରଧାନ)

କଣିହାଁ ଥାନା ସାନତ୍ରିବିଡ଼ା ଗ୍ରାମର ଗୁରୁବାରୀ ବିଶ୍ୱାଳ(୭୫)ଙ୍କୁ ତାଙ୍କ ନାତି ବାପୁଜୀ ବିଶ୍ୱାଳ(୨୫) ବୁଧବାର ଛେଳିଆ ସଂରକ୍ଷିତ ମଡେଇ ଜଙ୍ଗଲରେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ କଣିହାଁ ଥାନାରେ ମୃତକଙ୍କ ଅନ୍ୟଜଣେ ନାତି ପପୁ ବିଶ୍ୱାଳ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୧୭୪/୨୦୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ବାପୁଜୀଙ୍କୁ ଥାନାରେ ଅଟକ ରଖି ଅଧିକ ଅନୁସନ୍ଧାନ ଚଳାଇଥିବା କଣିହାଁ ଥାନା ଆଇଆଇସି ରମଣୀରଞ୍ଜନ ଦଳେଇ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଗୁରୁବାରୀ ସ୍ଥାନୀୟ ବଡ଼ତ୍ରିବିଡା ଛକ ଠାରେ ଥିବା ଜନସେବା କେନ୍ଦ୍ରକୁ କୌଣସି କାମରେ ଯାଇଥିଲେ। ସେଠି ଅଭିଯୁକ୍ତ ନାତି ସହ ଭେଟ ହେବା ପରେ ସାନତ୍ରିବିଡା ଘରକୁ ଛାଡିଦେବାକୁ କହି ବାଇକ୍‌ରେ ବସାଇଥିଲେ। ପରେ ଛେଳିଆସ୍ଥିତ ସଂରକ୍ଷିତ ମଡେଇ ଜଙ୍ଗଲ ଭିତରେ ତଣ୍ଟି ଚିପି ମାରି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ବଆଁରପାଳରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା




ସନ୍ଧିଛକ,୨୧।୫ (ସନ୍ତୋଷ ପରିଡା)

ଅପରେଶନ ସିନ୍ଦୂରର ସଫଳତାକୁ ନେଇ ବଆଁରପାଳ ଭାପା ମଣ୍ଡଳ ପକ୍ଷରୁ ବୁଧବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରତୀୟଙ୍କ ସୁରକ୍ଷା ପାଇଁ ସୈନ୍ୟବାହିନୀର ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ବଆଁରପାଳ ବ୍ଲକ ଭାଜପାର ସମସ୍ତ କର୍ମକର୍ତ୍ତା ସକାଳେ ସନ୍ଧିଛକ ଠାରୁ ବାହାରି ବଆଁରପାଳ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏହି ଶୋଭାଯାତ୍ରାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ଜିଲା ସଭାପତି ଯଯାତି ପଟ୍ଟନାୟକ, ମଣ୍ଡଳ ସଭାପତି ସୁବ୍ରତ କୁମାର ସାହୁ, ସହ ସଂଯୋଜକ କୀଟୁ ପଣ୍ଡା, ଜଗନ୍ନାଥ ଗଡ଼ନାୟକ, ମହେନ୍ଦ୍ର ଦଳବେହେରା, ଦିଲୀପ ରାଉତ, କୁମର ନାଏକ, ହରି ପରିଡା, ଶରତ ସାମଲ, ପିଣ୍ଟୁ ଭୂତିଆ, ଭୀମସେନ ଭୂତିଆ, ପ୍ରମୁଖ ଯୋଗଦେଇଥିଲେ।

# ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ଛେଣ୍ଡିପଦା,୨୧।୫ (ଅଜିତ ଧଳ)



ଚିନ୍ମୟ ମିଶ୍ର, ଅମିତ କୁମାର ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ, କୌଶଲ୍ୟା ବେହେରା।

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହକୁମାରେ ଥିବା ଲର୍ଡ ଜଗନ୍ନାଥ ହାୟର ସେକେଣ୍ଡାରୀ ଆବାସିକ ବିଦ୍ୟାଳୟକୁ ଯୁକ୍ତ ୨ରେ ସଫଳତା ମିଳିଛି। ଉକ୍ତ ବିଦ୍ୟାଳୟରେ ମୋଟ ୧୧୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୯ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୪ଜଣ ଶତକଡା ୯୧ରୁ ଅଧିକ ନମ୍ବର ରଖିଛନ୍ତି। ଛେଣ୍ଡିପଦାର ମାନସ ପ୍ରଧାନଙ୍କ ପୁଅ ସୂର୍ଯ୍ୟକାନ୍ତ ପ୍ରଧାନ ୫୫୬ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ସେ ମୋଟ ଶତକଡା ୯୨.୬ ମାର୍କ ରଖିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ର ଅମିତ କୁମାର ବେହେରା ୫୫୨ (ଶତକଡା ୯୨), ଛାତ୍ର ଚିନ୍ମୟ ମିଶ୍ର ୫୫୦ (ଶତକଡା ୯୧.୬), ଛାତ୍ରୀ କୌଶଲ୍ୟା ବେହେରା ୫୪୮ (ଶତକଡା ୯୧.୩) ନମ୍ବର ରଖିଥିବା ଜଣାପଡିଛି।

# ଭାରତୀୟ ଦଳରେ ଓଡ଼ିଶାରୁ ୩

**ଏସିଆନ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍**

**ବିରୁ ଚନ୍ଦ୍ର ରାଓ ରିଜର୍ଭ ଖେଳାଳି**

ଭୁବନେଶ୍ୱର, ୨୧।୫ (ତପନ ସ୍ୱାଇଁ)

ଦକ୍ଷିଣ କୋରିଆର ଜେଚ୍ୟୋନଠାରେ ମହିଳା ଓ ପୁରୁଷ ଏସିଆନ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ୩ ଜିମ୍ନାଷ୍ଟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ଏର୍‌ପିସି ଜିମ୍ନାଷ୍ଟ ପ୍ରଣତି ନାୟକ ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବାବେଳେ ତପନ ମହାନ୍ତି ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାଗନେବେ। ଜୁନିୟର ବର୍ଗରେ ପ୍ରୀତି ଝାଙ୍କର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପାଇଁ ମନୋନୀତ ହୋଇଛନ୍ତି। ବିରୁ ଚନ୍ଦ୍ର ରାଓ ଜୁନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପାଇଁ ରିଜର୍ଭ ଖେଳାଳି ରହିଛନ୍ତି।





କଳିଙ୍ଗ ଷ୍ଟାଡିୟମ ପରିସରରେ ଭାରତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ କ୍ୟାମ୍ପ ଅବସରରେ ଜିମ୍ନାଷ୍ଟମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

ଏସିଆନ ଚାମ୍ପିୟନଶିପ୍ ପାଇଁ ଭାରତୀୟ ସିନିୟର ଓ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ କ୍ୟାମ୍ପ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପ ଜୁନ୍ ୯ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର କେତେକ ନାମୀ ଜିମ୍ନାଷ୍ଟ ଅଂଶଗ୍ରହଣ କରିଛନ୍ତି। ଅଭିଜ୍ଞ କୋଚ୍‌ମାନେ ପ୍ରଶିକ୍ଷଣ ଦେଉଛନ୍ତି। ସିନିୟର କ୍ୟାମ୍ପରେ ମହିଳା ଓ ପୁରୁଷ ଜିମ୍ନାଷ୍ଟ ଏବଂ କୋଚ୍‌ଙ୍କୁ ମିଶାଇ ପାଖାପାଖି ୨୦ ଜଣ ଅଂଶଗ୍ରହଣ କରିଛନ୍ତି। ସେହିପରି ଜୁନିୟରରେ ୧୫ରୁ ଊର୍ଦ୍ଧ୍ୱ ଖେଳାଳି ଓ କୋଚ୍ ରହିଛନ୍ତି। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଜିମ୍ନାଷ୍ଟ ରାକେଶ ପାତ୍ର ଏହି କ୍ୟାମ୍ପରେ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏହା ବ୍ୟତୀତ ଅଲିମ୍ପିଆନ ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଥିବାରୁ ଓଡ଼ିଶା କ୍ରମାଗତଭାବେ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସହ ମିଶି ଜାତୀୟ ସ୍ତରରେ ଜିମ୍ନାଷ୍ଟିକ୍ସର ପ୍ରମୋଟ କରି ଆସୁଛି। ଅଧିକାଂଶ କ୍ରୀଡ଼ାର ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଭାରତର ପ୍ରସ୍ତୁତିରେ ଓଡ଼ିଶା ଏବେ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଛି।

"ନିଜ ଘରୋଇ ରାଜ୍ୟରେ ଜାତୀୟ ଦଳର କୋଚ୍ ଦାୟିତ୍ୱ ତୁଲାଉଥିବାରୁ ଏହା ମୋ ପାଇଁ ଗର୍ବର ମୁହୂର୍ତ୍ତ। ଆମେ ଏବେ ଟ୍ରେନିଂ ଉପରେ ସମ୍ପୂର୍ଣ୍ଣ ଫୋକସ କରୁଛୁ। ଏହି କ୍ୟାମ୍ପ ଆମ ଜିମ୍ନାଷ୍ଟଙ୍କୁ ସହାୟକ ହେବ ଏବଂ ସେମାନେ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ମୁଁ ଦୃଢ଼ ଆଶାୟୀ" ବୋଲି ରାକେଶ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ନିକଟରେ ଓଡ଼ିଶା ଜିମ୍ନାଷ୍ଟମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ଦେଇ ଆସୁଛନ୍ତି। ୩୮ତମ ଜାତୀୟ କ୍ରୀଡ଼ାରେ ଏର୍‌ପିସି ଜିମ୍ନାଷ୍ଟ ପ୍ରଣତି ନାୟକ ବିଭିନ୍ନ ଆପାରାଉସ୍‌ରେ ପଦକ ଜିତିଥିଲେ। ରାକେଶ ପାତ୍ର ପାରାଲ ବାର୍ସ ଓ ଷ୍ଟିଲ୍ ରିଙ୍ଗ୍ସରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଖେଳାଳିଭାବେ ଅବସର ନେବାପରେ ରାକେଶ ଜାତୀୟ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ଫଳରେ ସେ ରାଜ୍ୟର ଅନ୍ୟ ଜିମ୍ନାଷ୍ଟଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଜାତୀୟ କ୍ରୀଡ଼ା ଓ ପୁଣେରେ ଅନୁଷ୍ଠିତ ୨୦୨୫-୨୬ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ତପନ ମହାନ୍ତି ଏକାଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସୁରଟରେ ଅନୁଷ୍ଠିତ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ ହୋଇଥିଲା। ଭାରତୀୟ ଜୁନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଦଳ ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେହି ପ୍ରତିଯୋଗିତାରେ ସିନିୟର ମହିଳା ଦଳ ବ୍ରୋଞ୍ଜ ପଦକ ଜିତିଥିଲା।

# ପ୍ରଶ୍ନ ଉଠାଇଲା କେକେଆର

**ନୂଆ ବର୍ଷା ନିୟମ**

ନୂଆଦିଲ୍ଲୀ, ୨୧।୫



ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶେଷ ପର୍ଯ୍ୟାୟରେ ଲାଗୁ କରାଯାଇଥିବା ବର୍ଷା ନିୟମକୁ ନେଇ ପ୍ରଶ୍ନ ଉଠାଇଛି ଡିଫେଣ୍ଡିଂ ଚାମ୍ପିୟନ୍ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର)। ବ୍ରେକ୍ ପରେ ଆଇପିଏଲ୍ ପୁନଃ ଆରମ୍ଭ ସମୟରୁ ନୂଆ ନିୟମକୁ ଲାଗୁ କରାଯିବାର ଆବଶ୍ୟକ ଥିଲା ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ଗତ ମଙ୍ଗଳବାର ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ବୈଠକ ବସି ପ୍ଲେଇଂ କଣ୍ଡିଶନକୁ ଦୃଷ୍ଟିରେ ରଖି ଅବଶିଷ୍ଟ ୯ ଲିଗ୍ ମ୍ୟାଚ୍ ପାଇଁ ଅତିରିକ୍ତ ୧୨୦ ମିନିଟ୍ ସମୟକୁ ଅନୁମୋଦନ କରାଯାଇଥିଲା। ଏହାଦ୍ୱାରା ବର୍ଷା ଲାଗି ଖେଳ ବାଧାପ୍ରାପ୍ତ ହେଲେ ମଧ୍ୟ ପୂରା ୨୦ ଓଭର ଖେଳ ସମ୍ଭବ ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଇଥିଲା। ମୌସୁମୀ ବାୟୁ ଶୀଘ୍ର ଆସୁଥିବାରୁ ଅଧିକାଂଶ ମ୍ୟାଚ୍ ଶେଷହେବାକୁ ରିସ୍କ ଥିବାରୁ ଅତିରିକ୍ତ ୧୨୦ ମିନିଟ୍ ସମୟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିବା ସମ୍ପର୍କରେ ଆଇପିଏଲ୍ ଚିଫ୍ ଅପରେଟିଂ ଅଫିସର ହେମାଙ୍ଗ ଅମିନ ସମସ୍ତ ୧୦ ଫ୍ରାଞ୍ଚାଇଜ୍‌କୁ ଇମେଲ୍ ଯୋଗେ ଜଣାଇ ଦେଇଥିଲେ। ପୂର୍ବରୁ ନିର୍ଦ୍ଧାରିତ ସମୟରେ ଖେଳ ଶେଷ ହୋଇ ନ ପାରିଲେ(ସନ୍ଧ୍ୟା ମ୍ୟାଚ୍‌ରେ ୧୦ଟା ୫୬ ସୁଦ୍ଧା) ଲିଗ୍ ମ୍ୟାଚ୍ ପାଇଁ ଅତିରିକ୍ତ ୬୦ ମିନିଟ୍ ସମୟ ପ୍ରଦାନ କରାଯାଉଥିଲା ଏବଂ ୪ ପ୍ଲେ-ଅଫ୍ ପାଇଁ ଅତିରିକ୍ତ ୨ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଥିଲା। ଆଇପିଏଲ୍ ଗଭର୍ନିଂ ବଡି ନିଷ୍ପତ୍ତି ନେବାର ଟାଇମିଂକୁ ନେଇ ପ୍ରଶ୍ନ ଉଠାଇଛନ୍ତି କେକେଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଭେଙ୍କି ମଇସୁର। ମେ' ୧୭ରେ ଆଇପିଏଲ୍ ପୁନଃ ଆରମ୍ଭ ସମୟରୁ ଏହି ନିୟମ ଲାଗୁ କରାଯିବାର ଥିଲା। ମେ' ୧୭ରେ କୋଲ୍‌କାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ ଏବଂ କେକେଆର୍‌ର ପ୍ଲେ-ଅଫ୍ ସମ୍ଭାବନା ଶେଷ ହୋଇଯାଇଥିଲା। ମ୍ୟାଚ୍ ହୋଇଥିଲେ ସମ୍ଭବତଃ କେକେଆର ସମ୍ଭାବନା ଉଜ୍ଜୀବିତ ରହିଥାନ୍ତା ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ କୁହାଯାଇଛି।

ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ମେ' ୯ରୁ ଆଇପିଏଲ୍‌କୁ ସ୍ଥଗିତ ରଖାଯାଇଥିଲା। ମେ' ୧୭ରେ ପୁନଃ ଆରମ୍ଭ ମ୍ୟାଚ୍‌ରେ ଆର୍‌ସିବି ଓ କେକେଆର୍ ପରସ୍ପରକୁ ଭେଟିଥିଲେ। ଟେଷ୍ଟରୁ ଅବସର ନେଇଥିବା ବିରାଟ କୋହଲିଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଷ୍ଟାଡିୟମରେ ତାଙ୍କ ପ୍ରଶଂସକଙ୍କ ଭିଡ଼ ରହିଥିଲା। ମାତ୍ର ବର୍ଷା ଯୋଗୁ ଟସ୍ ମଧ୍ୟ ପଡ଼ିପାରି ନ ଥିଲା। ୮ଟା ୩୦ରୁ ଓଭର ହ୍ରାସ ଆରମ୍ଭ ହୋଇଥିଲା ଏବଂ ମ୍ୟାଚ ବାତିଲ ପାଇଁ ୧୦ଟା ୫୬ କଟ୍-ଅଫ୍ ଟାଇମ ଥିଲା। ବର୍ଷା ବନ୍ଦ ନ ହେବାରୁ ୧୦ଟା ୨୬ରେ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଏହାଦ୍ୱାରା କେକେଆର୍‌ର ପ୍ଲେ-ଅଫ୍ ଆଶା ମଧ୍ୟ ୱାଶ୍‌ଆଉଟ ହୋଇଯାଇଥିଲା। ଯଦି ଏହି ମ୍ୟାଚ୍ ପାଇଁ ଅତିରିକ୍ତ ୨ ଘଣ୍ଟାର ଅପେକ୍ଷା ଉପଲବ୍ଧ ଥା'ନ୍ତା ତେବେ ଅତିକମ୍‌ରେ ୫ ଓଭର ଲେଖାଏ ଖେଳ ସମ୍ଭବ ହୋଇପାରିଥାନ୍ତା। କାରଣ ବର୍ଷା ଯୋଗୁ ବେଙ୍ଗାଲୁରୁ-କେକେଆର ମ୍ୟାଚ୍ ମଧ୍ୟ ହାଇ ରିସ୍କରେ ଥିଲା। ସବୁ ଦଳ ପାଇଁ ନିୟମ ସମାନ କରାଯିବାର ଥିଲା ବୋଲି ମଇସୁର ପ୍ରକାଶ କରିଛନ୍ତି।

## ନାଗଲ ଆଉଟ୍

ପ୍ୟାରିସ୍, ୨୧।୫(ପି.ଟି.): ଭାରତର ଟପ୍ ସିଙ୍ଗଲ୍ସ ଟେନିସ ଖେଳାଳି ସୁମିତ୍ ନାଗଲ ବୁଧବାର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫ୍ରେଞ୍ଚ୍ ଓପନ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ସେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡରେ ୨-୬, ୪-୬ ସେଟ୍‌ରେ ନିମ୍ନ ର୍‍ୟାଙ୍କଧାରୀ ଜୁରିଜ ରଡିଓନୋଭଙ୍କଠାରୁ ହାରିଛନ୍ତି।

## ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର ରାମ୍ବୁକ୍ୱେଲା ଗିରଫ

**ଦୁର୍ନୀତି ମାମଲା**

କଲମ୍ବୋ, ୨୧।୫(ପି.ଟି.)

ଶ୍ରୀଲଙ୍କାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ରମିଥ ରାମ୍ବୁକ୍ୱେଲା ଦୁର୍ନୀତି ମାମଲାରେ ଆଣ୍ଟି-ଗ୍ରାଫ୍ଟ କମିଶନ ଦ୍ୱାରା ବୁଧବାର ଗିରଫ ହୋଇଛନ୍ତି। ଲାଞ୍ଚ କିମ୍ବା ଦୁର୍ନୀତି ଅଭିଯୋଗର ତଦନ୍ତଲାଗି ଗଠିତ କମିଶନ ସିଆଇଏବିଓସି ପକ୍ଷରୁ ବୁଧବାର ସକାଳେ ରାମ୍ବୁକ୍ୱେଲାଙ୍କୁ ହାଜର ହେବାକୁ ସମନ ଜାରି କରାଯାଇଥିଲା। ତାଙ୍କ ବୟାନ ରେକର୍ଡ କରାଯିବା ପରେ ତାଙ୍କୁ ଗିରଫ କରାଯାଇଛି। କଲମ୍ବୋ ଚିଫ୍ ମାଜିଷ୍ଟ୍ରେଟ୍ ରାମ୍ବୁକ୍ୱେଲାଙ୍କୁ ଜୁନ୍ ୩ ପର୍ଯ୍ୟନ୍ତ ରିମାଣ୍ଡରେ ପଠାଇ ଦେଇଛନ୍ତି। ରାଜପାକ୍‌ସେଙ୍କ ଶାସନ କାଳରେ ରାମ୍ବୁକ୍ୱେଲାଙ୍କ ବାପା କେହେଲିୟା ରାମ୍ବୁକ୍ୱେଲା ଜଣେ ଶକ୍ତିଶାଳୀ ମନ୍ତ୍ରୀ ଥିଲେ। ପୂର୍ବରୁ କେହେଲିୟାଙ୍କୁ ବ୍ରାଇବେରୀ କମିଶନ ଦ୍ୱାରା ଗିରଫ କରାଯାଇଥିଲା। ରମିଥ ସଫଳ ସ୍କୁଲ କ୍ରିକେଟ୍ କ୍ୟାରିୟର ପରେ ଶ୍ରୀଲଙ୍କା ଲାଗି ୨୦୧୩ରୁ ୧୮ ମଧ୍ୟରେ ଦୁଇଟି ଟି୨୦ ମ୍ୟାଚ୍ ଖେଳିଥିଲେ।

## ଚତୁଃରାଷ୍ଟ୍ରୀୟ ସିରିଜ୍‌ରେ ଭାରତୀୟ ଜୁନିୟର ମହିଳା ହକି ଦଳ ଭାଗନେବ

ବେଙ୍ଗାଲୁରୁ, ୨୧।୫(ପି.ଟି.): ଆସନ୍ତା ୨୫ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଆର୍ଜେଣ୍ଟିନାର ରୋଜାରିଓରେ ଖେଳାଯିବାକୁଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଲାଗି ଭାରତୀୟ ଜୁନିୟର ମହିଳା ହକି ଦଳ ବୁଧବାର ଯାତ୍ରା କରିଛି। ଆସନ୍ତା ଡିସେମ୍ବରରେ ଚିଲିରେ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ହକି ଜୁନିୟର ମହିଳା ବିଶ୍ୱକପ୍ ଲାଗି ଏହି ବନ୍ଧୁତାପୂର୍ଣ୍ଣ ଟୁର୍ନାମେଣ୍ଟ ଅଂଶଗ୍ରହଣକାରୀ ଦଳକୁ ଉପଯୁକ୍ତ ପ୍ରାକ୍ଟିସ୍ ଯୋଗାଇବ। ଏହି ଚତୁଃରାଷ୍ଟ୍ରୀୟ ସିରିଜ୍‌ରେ ଆୟୋଜକ ଆର୍ଜେଣ୍ଟିନା, ଉରୁଗୁଏ ଓ ଚିଲି ସହ ଭାରତ ଖେଳିବ। ଭାରତୀୟ ଦଳ ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବ। ଭାରତ ଆସନ୍ତା ୨୫ ତାରିଖ ପ୍ରଥମ ମ୍ୟାଚ୍‌ରେ ଚିଲିକୁ ଭେଟିବ। ଏହାପରେ ୨୬ରେ ଉରୁଗୁଏ ଓ ୨୮ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

# ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ

ଭୁବନେଶ୍ୱର, ୨୧।୫ (ତପନ ସ୍ୱାଇଁ)

ଭୁବନେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୨ୟ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଦ୍ୟାଳୟ ଦଳରେ ୭ମରୁ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ପିଲାମାନେ ସାମିଲ ହୋଇପାରିବେ। ଖେଳାଳିମାନେ ଧଳା ପୋଷାକ ପରିଧାନ କରିବେ ଏବଂ ମ୍ୟାଚ୍ ୪୦ ଓଭରବିଶିଷ୍ଟ ହେବ। ପ୍ରତି ବିଦ୍ୟାଳୟ ଦଳରେ ୭ମ ଓ ୮ମ ଶ୍ରେଣୀର ୩ ଜଣ ଲେଖାଏ, ନବମରୁ ୪ ଓ ଦଶମରୁ ୫ ଏହିପରି ସର୍ବାଧିକ ୧୫ ଖେଳାଳି ପଞ୍ଜୀକୃତ ହେବାକୁ ଯୋଗ୍ୟ ବିବେଚିତ ହେବେ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥିରୀକୃତ ହୋଇଥିବା ରେଜିଷ୍ଟ୍ରେଶନ ଫର୍ମକୁ ପୂରଣକରି ସ୍କୁଲଗୁଡ଼ିକ ଚଳିତ ମାସ ୨୫ ତାରିଖ ସୁଦ୍ଧା ଭୁବନେଶ୍ୱର ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଅଧିକ ବିବରଣୀ ପାଇଁ ସ୍କୁଲଗୁଡ଼ିକ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା କିମ୍ବା କ୍ରିକେଟ ସମ୍ପାଦକ ଅଶୋକ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।






# ପ୍ଲେଅଫ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ

ମୁମ୍ବାଇ, ୨୧।୫



ଶଟ୍ ଖେଳିବା ଅବସରରେ ସୂର୍ଯ୍ୟକୁମାର ଯାଦବ।

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୫୯ ରନରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ପରାସ୍ତ କରିଛି। ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୧୮୧ ରନର ଟାର୍ଗେଟ ପିଛା କରୁଥିବା ଦିଲ୍ଲୀ ୧୮.୨ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହି ବିଜୟ ଯୋଗୁ ମୁମ୍ବାଇ ଅନ୍ତିମ ଦଳ ଭାବେ ପ୍ଲେଅଫ୍‌ରେ ପ୍ରବେଶ କରିଛି। ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି), ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍ସ ପ୍ଲେଅଫ୍‌ରେ ପ୍ରବେଶ କରିଥିଲେ। ଦିଲ୍ଲୀ ଦଳର ଅଧିନାୟକ ଅକ୍ଷର ପଟେଲ ଜ୍ୱରରେ ପୀଡ଼ିତ ଥିବାରୁ ତାଙ୍କ ଅନୁପସ୍ଥିତିରେ ଫାଫ ଡୁ ପ୍ଲେସି ନେତୃତ୍ୱ ଦାୟିତ୍ୱ ତୁଲାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୦ ରନ କରିଥିଲା। ଦଳ ୧୮ ଓଭର ଶେଷ ସୁଦ୍ଧା ୧୩୨/୫ ସ୍କୋର କରିଥିଲା। ଅନ୍ତିମ ଦୁଇ ଓଭରରେ ସୂର୍ଯ୍ୟକୁମାର ଯାଦବ ଓ ନମନ ଧିର ୪୮ ରନ ଯୋଡ଼ିଥିଲେ। ଦଳ ପକ୍ଷରୁ ସୂର୍ଯ୍ୟକୁମାର ୪୩ ବଲରେ ୭ ଚୌକା ଓ ୪ ଛକା ସହିତ ବିସ୍ଫୋରକ ୭୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଲକ ବର୍ମା ୨୭ (୧ ଲେଖାଏ ଚୌକା ଓ ଛକା), ରିୟାନ ରିକଲଟନ ୨୫ (୨ ଛକା), ୱିଲ ଜ୍ୟାକ୍ସ ୨୧ (୩ ଚୌକା ଓ ୧ ଛକା) ଓ ନମନ ୨୪ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ଦୁଇ ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭରୁ ଦିଲ୍ଲୀ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। କୌଣସି ବ୍ୟାଟର ଏଭଳି ପରିସ୍ଥିତିରୁ ଦଳକୁ ଉଦ୍ଧାର କରିପାରିନଥିଲେ। ଫଳରେ ଦିଲ୍ଲୀ ୧୮.୨ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସମୀର ରିଜଭି ୩୯ (୬ ଚୌକା ଓ ୧ ଛକା), ବିପ୍ରଜ ନିଗମ ୨୦ (୩ ଚୌକା ଓ ୧ ଛକା) ଓ ଆଶୁତୋଷ ଶର୍ମା ୧୮ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ମୁମ୍ବାଇ ପାଇଁ ମିଚେଲ ସାଣ୍ଟନର ଓ ଯଶପ୍ରୀତ ବୁମରା ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୮୦/୫ (ସୂର୍ଯ୍ୟକୁମାର ଯାଦବ-୭୩*, ତିଲକ ବର୍ମା-୨୭, ରିୟାନ ରିକଲଟନ-୨୫, ମୁକେଶ କୁମାର-୨/୪୮)। ଦିଲ୍ଲୀ କ୍ୟାପିଟାଲ୍ସ: ୧୮.୨ ଓଭରରେ ୧୨୧/ଅଲଆଉଟ୍ (ସମୀର ରିଜଭି-୩୯, ବିପ୍ରଜ ନିଗମ-୨୦, ମିଚେଲ ସାଣ୍ଟନର-୩/୧୧, ଯଶପ୍ରୀତ ବୁମରା-୩/୧୨, ଟ୍ରେଣ୍ଟ ବୋଲ୍ଟ-୧/୨୯)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)
ଗୁଜରାଟ
ବନାମ ଲକ୍ଷ୍ନୌ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୬ | ୧ | ୧୩ | +୦.୦୧୯ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

**ଖେଲୋ ଇଣ୍ଡିଆ ବିଚ୍ ଫୁଟ୍‌ବଲ**

## ଓଡ଼ିଶା ମହିଳା ଦଳର ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୨୧।୫

(ତପନ ସ୍ୱାଇଁ)

ଡାମନ ଓ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧୬-୧ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଘୋଘଲା ବିଚ୍‌ରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧୮-୦ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ଓଡ଼ିଶା ଦଳକୁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ